RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR
•VOLUME- 43 •ISSUE-350 •THURSDAY •18 JUNE 2026 •PAGE-12 •₹ 7.00
•ବର୍ଷ-୪୩ •ସଂଖ୍ୟା-୩୫୦ •ଗୁରୁବାର •୧୮ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



## ମେସି ମ୍ୟାଜିକ୍

### କ୍ୟାରିୟରର ୨୦୦ ତମ ମ୍ୟାଚ୍‌ରେ ପୁଣି ହ୍ୟାଟ୍ରିକ୍

■ କନସାସ୍, ୧୭ ।୬ (ଏଜେନ୍ସି): ଫୁଟବଲର ଭଗବାନ କୁହାଯାଉଥିବା ଲିଓନେଲ ମେସି ପୁଣିଥରେ ବିଶ୍ୱକପ୍‌ରେ ତାଙ୍କ ମ୍ୟାଜିକ୍ ଦେଖାଇଛନ୍ତି । ଅନ୍ତର୍ଜାତୀୟ ଫୁଟବଲ୍‌ରେ ୨୦୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିବା ମେସି ଚଳିତ ଫିଫା ବିଶ୍ୱକପ୍‌ରେ ଆଲ୍‌ଜେରିଆ ବିପକ୍ଷ ଆଜିର ମୁକାବିଲାରେ ହ୍ୟାଟ୍ରିକ ଗୋଲ୍ ଦେଇ ପୁଣି ଥରେ ତାଙ୍କ ଅସଂଖ୍ୟ ପ୍ରଶଂସକଙ୍କ ମନ ଜିଣିଛନ୍ତି ।

ଆଲ୍‌ଜେରିଆ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଅଧିନାୟକ ମେସିଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦଳ ୩-୦ରେ ବିଜୟୀ ହୋଇ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି । ଚଳିତ ବିଶ୍ୱକପ୍‌ର ପ୍ରଥମ ଖେଳାଳି ଭାବେ ମେସି କେବଳ ହ୍ୟାଟ୍ରିକ ଗୋଲ୍ ଦେଇନାହାନ୍ତି; ଏହି ମ୍ୟାଚ୍‌ରେ ସେ ନିଜ ନାମରେ ଏକାଧିକ ବିଶ୍ୱ ରେକର୍ଡ ଯୋଡ଼ିଛନ୍ତି ।

୨୧ ବର୍ଷ ତଳେ ମାତ୍ର ୧୮ ବର୍ଷ ବୟସରେ ହଙ୍ଗେରୀ ବିପକ୍ଷ ମ୍ୟାଚ୍ ଖେଳି ଅନ୍ତର୍ଜାତୀୟ ଫୁଟ୍‌ବଲରେ ପାଦ ଥାପିଥିଲେ । ୩୮ ବର୍ଷ ୩୫୭ ଦିନ ବୟସରେ ପଦାର୍ପଣ କରିଥିବା ବିଶ୍ୱର ଏହି କିମ୍ବଦନ୍ତୀ ଫୁଟ୍‌ବଲର୍ ଇତିମଧ୍ୟରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଶ୍ୱ ଫୁଟବଲ ଜଗତରେ ପ୍ରଭୁତ୍ୱ ଜାରି ରଖିଛନ୍ତି । କ୍ୟାରିୟରର ଶେଷ ବିଶ୍ୱକପ୍ ଖେଳୁଥିବା ମେସି ବିଶ୍ୱକପ୍ ଇତିହାସର ବୟୋଜ୍ୟେଷ୍ଠ ହ୍ୟାଟ୍ରିକ ଗୋଲ୍ ସ୍କୋରର୍ ହେବା ସହ ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ ଦେବାରେ ଜର୍ମାନୀର ମିରୋସ୍ଲାଭ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ▶ପୃଷ୍ଠା-୭

# ବହିରେ ତ୍ରୁଟି: ମାଙ୍କଡ଼ ହାତରେ ଶାଳଗ୍ରାମ

■ ଭୁବନେଶ୍ୱର, ୧୭ ।୬ (ସମିସ): ଠିକ୍ ସମୟରେ ସ୍କୁଲ ପିଲାଙ୍କୁ ବହି ମିଳିଲା ନାହିଁ । ଅଭିଭାବକଙ୍କ ଅସନ୍ତୋଷ, ଶିକ୍ଷକ ସଂଘର ଚାପ ଓ ଗଣମାଧ୍ୟମରେ ସମାଲୋଚନା ପରେ ଯେଉଁ ବହି ମିଳିଲା; ହେଲେ ସେଥିରେ ଶହଶହ ନୁହେଁ, ହଜାର ହଜାର ଭୁଲ୍ । ୮ଟି ଶ୍ରେଣୀର ପିଲାଙ୍କ ପାଇଁ କୋଟି କୋଟି ବହି ଛପାଗଲା । ବନ୍ଧେଇ କରି ସ୍କୁଲକୁ ପଠାଗଲା; ମାତ୍ର ବହି ଛପାଇବା ଦାୟିତ୍ୱରେ ଥିବା ଅଧିକାରୀମାନେ ଥରଟିଏ ଏହାକୁ ଦେଖିଲେ ନାହିଁ । ଓଡ଼ିଆ ବୁଝୁ ନ ଥିବା କିଛି ଅଣଓଡ଼ିଆ ଅଫିସର ଏହାକୁ ହେୟଜ୍ଞାନ କଲେ । ବ୍ରହ୍ମପୁର ଗୋଟେ ଜିଲ୍ଲା ହୋଇଗଲା । ଓଡ଼ିଶା ବିଧାନସଭା ସ୍ଥାନରେ କର୍ଣ୍ଣାଟକ ଫଟୋ ବସିଲା । ପିଲାଙ୍କ ପାଖରେ ପହଞ୍ଚିଲା ଏହିଭଳି ଯାବତୀୟ ଭୁଲ୍ ଥିବା ପଢ଼ାବହି । ବିଭାଗୀୟ ମନ୍ତ୍ରୀ ମଧ୍ୟ ଏହାକୁ ଅତି ସାଧାରଣ କଥା ମନେ କଲେ । ପିଲାଙ୍କ ପଢ଼ାବହିରେ ଶିକ୍ଷା ବିଭାଗର ଏଭଳି ତ୍ରୁଟିକୁ କୌଣସି ଶିକ୍ଷକ, ଶିକ୍ଷାବିତ୍ ଏବଂ ଅଭିଭାବକ କେହି ବି ଗ୍ରହଣ କରିପାରୁନାହାନ୍ତି । ▶ପୃଷ୍ଠା-୭

### ତ୍ରୁଟି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ୭ ଦିନରେ ରିପୋର୍ଟ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୭ ।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟି ଘଟଣାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ । ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ସଚିବ ଓ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ଘଟଣାର ବିସ୍ତୃତ ଆଲୋଚନା କରିଛନ୍ତି । ସମଗ୍ର ଘଟଣାର ତଦନ୍ତ ନିମନ୍ତେ ଉନ୍ନୟନ କମିଶନଙ୍କ ନିର୍ଦ୍ଦେଶରେ ଏକ ୩ ଜଣିଆ କମିଟି ଗଠନ କରାଯାଇଛି ଓ ଏହି କମିଟି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ତ୍ରୁଟି ▶ପୃଷ୍ଠା-୭



**ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ତଦନ୍ତ କମିଟି**

## ଦାୟିତ୍ୱହୀନ, ଖାମଖିଆଲି ମନୋଭାବ: ନବୀନ

■ ଭୁବନେଶ୍ୱର, ୧୭ ।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଶହଶହ ତ୍ରୁଟି ଘଟଣାରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ସେ କହିଛନ୍ତି ଯେ ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ବାହାରିବା ବିଜେପି ସରକାରର ଅତ୍ୟନ୍ତ ଦାୟିତ୍ୱହୀନ ତଥା ଖାମଖିଆଲି ମନୋଭାବକୁ ଦର୍ଶାଉଛି । ପିଲାମାନଙ୍କୁ ରାଜ୍ୟ ସରକାର ଠିକ୍ ▶ପୃଷ୍ଠା-୭



**'ଓଡ଼ିଆ ଅସ୍ମିତା' ନାରା ଦେଇ କ୍ଷମତା ହାସଲ ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି**

### ସୀମା ଟପିଲାଣି ୧୮ ରାଜ୍ୟର ବିତ୍ତୀୟ ନିଅଣ୍ଟ

# ୧୦ ବର୍ଷରେ ୩ ଗୁଣା ଋଣ

■ ନୂଆଦିଲ୍ଲୀ, ୧୭।୬ (ଏଜେନ୍ସି): ବଢ଼ି ବଢ଼ି ଚାଲିଛି ରାଜ୍ୟଗୁଡିକର ଋଣ ଭାର । ବର୍ଷକୁ ବର୍ଷ ରାଜସ୍ୱ ନିଅଣ୍ଟିଆ ସ୍ଥିତି ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାସ୍ଥ୍ୟକୁ ରୁଗ୍‌ଣ କରିବାରେ ଲାଗିଛି । ବର୍ତ୍ତମାନ ଦେଶର ୨୮ଟି ରାଜ୍ୟର ମୋଟ ଋଣ ଭାର ଗତ ୧୦ ବର୍ଷ ମଧ୍ୟରେ ପାଖାପାଖି ତିନିଗୁଣ ହୋଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ଋଣଭାର ୩୧.୨୦ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୯୦.୫ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଏହାମଧ୍ୟରୁ ୧୮ଟି ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ; ଏହି ରାଜ୍ୟଗୁଡ଼ିକ ବିତ୍ତୀୟ ନିଅଣ୍ଟର ୩% ସୀମା ଅତିକ୍ରମ କରିଛନ୍ତି । ଓଡ଼ିଶା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ମାତ୍ର ବର୍ଷକ ମଧ୍ୟରେ ଓଡ଼ିଶାର ବିତ୍ତୀୟ ନିଅଣ୍ଟ ୨୫% ଅଧିକ ବୃଦ୍ଧି ଘଟିଛି । ମହାଲେଖା ନିୟନ୍ତ୍ରକ ଏବଂ ମହା ସମୀକ୍ଷକ (ସିଏଜି)ଙ୍କ ଦ୍ୱାରା ଜାରି ରାଜ୍ୟଗୁଡ଼ିକର ଆର୍ଥିକ



ସ୍ଥିତିର ତୃତୀୟ ବାର୍ଷିକ ସମୀକ୍ଷାରେ ସ୍ଥାନ ପାଇଛି ଏପରି ଚିନ୍ତାଜନକ ତଥ୍ୟ ।

ରିପୋର୍ଟ ଅନୁସାରେ ମେଘାଳୟର ରାଜସ୍ୱ କ୍ଷତି ଦେଶରେ ସର୍ବାଧିକ ଏହାର ରାଜସ୍ୱ କ୍ଷତି ସମ୍ପୃକ୍ତ ରାଜ୍ୟର ଜିଏସଡିପି ଠାରୁ ୮.୬୯% ଅଧିକ । ଏହା ପଛକୁ ନାଗାଲାଣ୍ଡରେ ୬.୧୪ ପ୍ରତିଶତ ଏବଂ ସିକିମରେ ୫.୫୯ ପ୍ରତିଶତ ରହିଛି । ଅନ୍ୟପକ୍ଷରେ ଓଡ଼ିଶା, ଗୁଜରାଟ, କର୍ଣ୍ଣାଟକ, କେରଳ ଓ ମହାରାଷ୍ଟ୍ର ସମେତ ୧୪ଟି ପ୍ରମୁଖ ରାଜ୍ୟର ରାଜସ୍ୱ କ୍ଷତି ୨୦୨୩-୨୪ ତୁଳନାରେ ୨୦୨୪- ▶ପୃଷ୍ଠା-୭

**ବର୍ଷକରେ ୨୫% ବଢ଼ିଛି ଓଡ଼ିଶାର ବିତ୍ତୀୟ ନିଅଣ୍ଟ**

**ଦୈନନ୍ଦିନ ପ୍ରଶାସନିକ, ରାଜସ୍ୱ ଖର୍ଚ୍ଚ ପାଇଁ ଋଣ**

# ବିଭାଜନ ଚର୍ଚ୍ଚାରେ ଉଦ୍ଧବ ସେନା, ସମାଜବାଦୀ ପାର୍ଟି


■ ନୂଆଦିଲ୍ଲୀ, ୧୭ ।୬ (ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମସିରେ ବିଭାଜନ ପରେ ଏବେ ଉଦ୍ଧବ ଠାକରେଙ୍କ ଶିବ ସେନା (ୟୁବିଟି) ଏବଂ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି (ସପା) ସଂସଦୀୟ ଦଳରେ ମଧ୍ୟ ବିଭାଜନ ପାଇଁ ଉଦ୍ୟମ ଚାଲିଥିବା ନେଇ ଚର୍ଚ୍ଚା ଆଲୋଚନା ଜୋର ଧରିଛି । ଲୋକସଭାରେ ଉଦ୍ଧବଙ୍କ ସେନାର ୯ ଜଣ ସଭ୍ୟ ଥିବା ବେଳେ ୬ ଜଣ ବିଦ୍ରୋହ କରିବା ନେଇ ସୂଚନା ମିଳିଛି । ସେହିଭଳି ସପାର ୩୭ ଜଣ ଲୋକସଭା ସଭ୍ୟ ରହିଛନ୍ତି ଏବଂ ଏହା ମଧ୍ୟ ବିଭାଜନ ଆଡ଼କୁ ମୁହାଁଉଛି ବୋଲି ଉତ୍ତର ପ୍ରଦେଶର ଜଣେ ମନ୍ତ୍ରୀ ଦାବି କରିବା ପରେ ଜାତୀୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି ।

ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି) ଦ୍ୱିତୀୟ ଥର ବିଭାଜନ ଆଡକୁ ମୁହାଁଉଥିବା କୁହାଯାଉଛି । ଲୋକସଭାରେ ପାର୍ଟିର ୯ ଜଣ ସାଂସଦ ଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ସାଂସଦ ବିଦ୍ରୋହ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି । ଆଜି ସେମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିବାକୁ ସମୟ ମାଗିଥିଲେ । କିନ୍ତୁ ବିଦ୍ରୋହୀ ୬ ଜଣଙ୍କ ମଧ୍ୟରୁ ଦୁଇ ଜଣ ସାଂସଦ ▶ପୃଷ୍ଠା-୭

**ସେନା ବିଦ୍ରୋହକୁ ଝଟ୍‌କା; ସାମିଲ୍ ହେଲେନି ୨ ସାଂସଦ**

**ସାଂସଦଙ୍କୁ ୫୦ କୋଟି ଯଚାଯାଉଛି: ସଂଜୟ**

**ବିଭାଜିତ ହେବ ସମାଜବାଦୀ ପାର୍ଟି: ୟୁପି ମନ୍ତ୍ରୀ**




### ମହାପ୍ରସାଦରେ ଶୁଦ୍ଧ ଗୁଆ ଘିଅ ବ୍ୟବହାର ନିର୍ଦ୍ଦେଶକୁ ଫୁଁ'

# ଶ୍ରୀମନ୍ଦିରରେ ଡାଲ୍‌ଡା ଘିଅ

■ ପୁରୀ, ୧୭।୬ (ସମିସ): ଶ୍ରୀମନ୍ଦିର ରୋଷଘରେ ମହାପ୍ରସାଦ ପ୍ରସ୍ତୁତିରେ କେବଳ ଓମ୍‌ଫେଡ ଶୁଦ୍ଧ ଗୁଆ ଘିଅ ବ୍ୟବହାର ହେବ । ରୋଷଘରକୁ ଅନ୍ୟ କୌଣସି ବ୍ରାଣ୍ଡର ଘିଅ ପ୍ରବେଶ କରିପାରିବ ନାହିଁ । ମନ୍ଦିର ପ୍ରଶାସନର ଏଭଳି କଡ଼ା ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାକୁ ଅନେକ ସମୟରେ ଉଲ୍ଲଂଘନ କରାଯାଉଛି । ଶ୍ରୀମନ୍ଦିର ପ୍ରଶାସନର ଏନ୍‌ଫୋର୍ସମେଣ୍ଟ ଟିମ୍ ମଙ୍ଗଳବାର ମନ୍ଦିରରୁ ୩୦ ପ୍ୟାକେଟ୍ ଡାଲ୍‌ଡା ଘିଅ ଜବତ କରିଛି । ଏହି ଘଟଣା ପରେ ମହାପ୍ରସାଦର ପବିତ୍ରତା ଓ ଶୁଦ୍ଧତା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ମହାପ୍ରସାଦ ପ୍ରସ୍ତୁତିରେ କେବଳ ଶୁଦ୍ଧ ଗୁଆ ଘିଅ ବ୍ୟବହାର କରିବାକୁ କଡ଼ା ନିର୍ଦ୍ଦେଶ ରହିଛି । ପ୍ରଶାସନ ପକ୍ଷରୁ ଓମ୍‌ଫେଡ୍ କମ୍ପାନୀର ଘିଅକୁ ହିଁ ଅନୁମୋଦନ ଦିଆଯାଇଛି । ନିୟମିତ ଯାଞ୍ଚ ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ମନ୍ଦିର ପରିସରୁ ଡାଲ୍‌ଡା ଘିଅ ପ୍ୟାକେଟ୍ ଠାବ କରି ଜବତ କରିଥିଲା । ଏହି ଘିଅ ▶ପୃଷ୍ଠା-୭



**୩୦ ପ୍ୟାକେଟ୍ ଜବତ କଲା ଶ୍ରୀମନ୍ଦିର ପ୍ରଶାସନ**

## ୩ ଜିଲ୍ଲାରେ ବଢ଼ିଲା ଖରା ଛୁଟି

■ ଭୁବନେଶ୍ୱର, ୧୭ ।୬ (ସମିସ): ଖରାଛୁଟି ସରିବା ପରେ ଆସନ୍ତାକାଲି ଅର୍ଥାତ୍ ଗୁରୁବାର ଠାରୁ ରାଜ୍ୟରେ ପାଠପଢ଼ା ଆରମ୍ଭ ହେବ । ମାତ୍ର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାରୁ ଜିଲ୍ଲାପାଳମାନେ ଛୁଟି ଅବଧି ବୃଦ୍ଧି କରିଛନ୍ତି । ମୋଟ ୮ ଜିଲ୍ଲାରେ ୨୦ ତାରିଖ ଯାଏଁ ଛୁଟି ଘୋଷଣା ହୋଇଥିବାବେଳେ ୩ଟି ଜିଲ୍ଲାରେ ସକାଳୁଆ ପାଠପଢ଼ା ହେବ ବୋଲି ନିର୍ଦ୍ଦେଶନାମା ଜାରି ହୋଇଛି । ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଲାଗି ରହିଛି । ମୌସୁମୀ ପହଞ୍ଚିଥିଲେ ମଧ୍ୟ ଅନେକ୍ ଜିଲ୍ଲାରେ ଆଶାନୁରୂପ ବର୍ଷା ହୋଇନାହିଁ । ଫଳରେ ଦିନର ତାପମାତ୍ରା ୪୦ ଡିଗ୍ରୀ ପାର କରୁଥିବାବେଳେ ଅଧିକ ଆର୍ଦ୍ରତା ପାଇଁ ଅସହ୍ୟ ଗୁଳୁଗୁଳି ହେଉଛି । ଏହାକୁ ଦୃଷ୍ଟିରେ ▶ପୃଷ୍ଠା-୭

**୨ ଜିଲ୍ଲାରେ ସକାଳୁଆ**

# ଅଟକିଛି ମୌସୁମୀ: ମେଘ ଉଭାନ୍

### ସାରା ଦେଶରେ ବର୍ଷାରେ ୪୦% ହ୍ରାସ; ଚିନ୍ତାରେ ଚାଷୀକୁଳ

■ ନୂଆଦିଲ୍ଲୀ, ୧୭ ।୬ (ଏଜେନ୍ସି): ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଗତିପଥ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ହୋଇପଡ଼ିଛି । ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ତଥ୍ୟ ଏବଂ କୃତ୍ରିମ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ, କେନ୍ଦ୍ରୀୟ ଓ ପଶ୍ଚିମ ଭାରତର ଏକ ବଡ଼ ଅଞ୍ଚଳ ଏବେ ମେଘହୀନ ରହିଛି । ଜୁନ୍ ମାସ ଅଧା ହୋଇଯାଇଥିଲେ ମଧ୍ୟ ସ୍ୱାଭାବିକଠାରୁ ପ୍ରାୟ ୪୦ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି, ଯାହା ଚଳିତ ବର୍ଷର ଖରିଫ ଚାଷ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି । ଇନ୍‌ସାଟ-୩ଡିଏସ୍ ଉପଗ୍ରହରୁ ମିଳିଥିବା ସଦ୍ୟତମ ଚିତ୍ର ଅନୁଯାୟୀ, ଦେଶର ମୁଖ୍ୟ କୃଷି ଭିତ୍ତିଭୂମି ସଦୃଶ ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ କର୍ଣ୍ଣାଟକର ଆଭ୍ୟନ୍ତରୀଣ ▶ପୃଷ୍ଠା-୭



**ଗୁଜରାଟ: ୯୮% ନିଅଣ୍ଟିଆ ବର୍ଷା**

**ମେଘାଳୟ: ୮୫% ନିଅଣ୍ଟିଆ ବର୍ଷା**

**ମହାରାଷ୍ଟ୍ର: ୭୯% ନିଅଣ୍ଟିଆ ବର୍ଷା**

**ଝାଡ଼ଖଣ୍ଡ: ୬୬% ନିଅଣ୍ଟିଆ ବର୍ଷା**

**ଛତିଶଗଡ଼: ୬୫% ନିଅଣ୍ଟିଆ ବର୍ଷା**

## ୨୧ ଯାଏଁ ଗରମ, ଗୁଳୁଗୁଳି

■ ଭୁବନେଶ୍ୱର, ୧୭।୬ (ସମିସ): ବର୍ତ୍ତମାନ ସୁଦ୍ଧା ରାଜ୍ୟର ଅଧିକାଂଶ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇସାରିଥିବା ନେଇ ଆଇଏମ୍‌ଡି କହିଥିଲେ ମଧ୍ୟ ବର୍ଷାର ପରିମାଣ ଅପେକ୍ଷାକୃତ କମ୍ ରହୁଛି । ମାତ୍ର ଜୁନ୍ ଶେଷ ଆଡ଼କୁ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ ଓ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି । ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୧୭-୨୧ ଜୁନ୍ ମଧ୍ୟରେ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ସହ ଅସହ୍ୟ ଗରମ ହେବ । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର ▶ପୃଷ୍ଠା-୭

**ମୌସୁମୀକୁ ଶକ୍ତିଶାଳୀ କରାଇବ ଲଘୁଚାପ**

**ମାସର ଶେଷ ଆଡ଼କୁ ବଢ଼ିବ ବର୍ଷା ପରିମାଣ**




# ତେଲଙ୍ଗାନାରେ ସରକାରୀ ବାବୁଙ୍କର ୧୦୦ କୋଟିର ସମ୍ପତ୍ତି

ହାଇଦରାବାଦ, ୧୭ ।୬(ଏଜେନ୍ସି): ତେଲଙ୍ଗାନାର ଭ୍ରଷ୍ଟାଚାର ବିରୋଧୀ ବ୍ୟୁରୋ (ଏସିବି) ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସର୍ଭେ ଏବଂ ଭୂ-ଅଭିଲେଖ ବିଭାଗର ଡେପୁଟି ଡାଇରେକ୍ଟର ସୁଙ୍କାରୀ ନରହରି ରାଓଙ୍କୁ ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କର ବାସଭବନ ସମେତ



୧୦ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ସରକାରୀ ରେକର୍ଡ ଅନୁଯାୟୀ ଉଦ୍ଧାର ହୋଇଥିବା ସମ୍ପତ୍ତିର ସରକାରୀ ମୂଲ୍ୟ ପ୍ରାୟ ୧୩.୦୫ କୋଟି ଟଙ୍କା ହୋଇଥିବାବେଳେ, ବର୍ତ୍ତମାନର ବଜାର ମୂଲ୍ୟ ଅନୁସାରେ ଏହା ୧୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ତଦନ୍ତ ସମୟରେ ଅଧିକାରୀଙ୍କ ଘରୁ ପ୍ରାୟ ୧.୫୪ କୋଟି ଟଙ୍କା ନଗଦ, ୨.୨୯ କୋଟି ଟଙ୍କାର ବ୍ୟାଙ୍କ ବାଲାନ୍ସ, ୫.୦୪ କୋଟି ଟଙ୍କାର ଫିକ୍ସଡ୍ ଡିପୋଜିଟ୍, ୧.୩ କିଲୋଗ୍ରାମ ସୁନା ଏବଂ ୮ କିଲୋଗ୍ରାମ ରୁପା ଜବତ କରାଯାଇଛି। ଏହା ବ୍ୟତୀତ ରଙ୍ଗାରେଡ୍ଡୀ ଜିଲ୍ଲାରେ ୫ଟି ପ୍ଲଟ୍, ମହେଶ୍ୱରମଠାରେ ୧.୨୪ ଏକର ଚାଷ ଜମି, ପୁପ୍ପାଲାଗୁଡା, ନରସିଙ୍ଗି ଏବଂ ରାଜେନ୍ଦ୍ର ନଗରରେ ଏକାଧିକ ସୁଦୃଶ୍ୟ ଫ୍ଲାଟ୍ ଏବଂ ଗାଚିବୋଲିରେ ଏକ ୪ ମହଲା ବିଶିଷ୍ଟ କୋଠା ଭଳି ଅନେକ ସ୍ଥାବର ସମ୍ପତ୍ତିର ଦଲିଲ ମିଳିଛି। ତାଙ୍କ ପତ୍ନୀଙ୍କ ନାମରେ ଥିବା ଦୁଇଟି ବ୍ୟାଙ୍କ ଲକରକୁ ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ, ଯାହାର ଯାଞ୍ଚ ଚାଲିଛି। ଅଭିଯୁକ୍ତ ଅଧିକାରୀଙ୍କୁ ନାମପଲ୍ଲୀର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।


# ଆଇ ଲଭ୍ ୟୁ ମମି-ପାପା



ଡେରାଡୁନ, ୧୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନରେ ଜଣେ ୨୩ ବର୍ଷୀୟା ଯୁବତୀ ନିଜ ବାସଭବନରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବତୀ ଜଣକ ହେଉଛନ୍ତି ରିୟା କୁମାରୀ ଥାପା, ଯିଏକି ୧୯୯୯ କାର୍ଗିଲ ଯୁଦ୍ଧର ଜଣେ ବୀର ଯବାନଙ୍କ ଝିଅ। ରିୟା ଦ୍ୱାଦଶ ଶ୍ରେଣୀରେ ୯୭ ପ୍ରତିଶତ ନମ୍ବର ରଖି ନିଜ ବିଦ୍ୟାଳୟରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ସେ ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ଜାତୀୟ ପ୍ରବେଶିକା ପରୀକ୍ଷା (ନିଟ୍- ୟୁଜି)ର ପୁନଃ-ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ପରୀକ୍ଷା ଓ ପଢ଼ାପଢ଼ିରେ ସଫଳତା ନମିଳିବା ଯୋଗୁଁ ମାନସିକ ଚାପ ଓ ନିରାଶା ଏହି ଚରମ ନିଷ୍ପତ୍ତି ପଛର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ଏକ ହାତଲେଖା ଚିଠି ଜବତ କରାଯାଇଛି। ସେଥିରେ ସେ ହିନ୍ଦୀ ଭାଷାରେ ନିଜ ପିତାମାତାଙ୍କୁ ଭଲପାଇବା ବ୍ୟକ୍ତ କରି ଲେଖିଛନ୍ତି- 'ଆଇ ଲଭ୍ ୟୁ ମମି, ପାପା। ଏଥିପାଇଁ କାହାରି ଦୋଷ ନାହିଁ।' ଚିଠିରେ ସେ ନିଜକୁ ଅଯୋଗ୍ୟ ବୋଲି ଦର୍ଶାଇଛନ୍ତି।

# ଖଡ଼ଗେଙ୍କ ବିରୋଧରେ ବିଜେପିର ସ୍ୱାଧିକାର ଭଙ୍ଗ ନୋଟିସ୍

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ 'ଅସମ୍ମାନଜନକ' ମନ୍ତବ୍ୟ ଦେଇଥିବା ଅଭିଯୋଗରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବିରୋଧରେ



ବିଜେପିର ୬ ଜଣ ସାଂସଦ ରାଜ୍ୟସଭାରେ ଏକ ସ୍ୱାଧିକାର ଭଙ୍ଗ ନୋଟିସ୍ ଆଣିଛନ୍ତି। ଗୃହର ଅଧକ୍ଷ ସିପି ରାଧାକ୍ରିଷ୍ଣନ ଏହି ମାମଲାକୁ ଯାଞ୍ଚ ଓ ରିପୋର୍ଟ ପାଇଁ ସ୍ୱାଧିକାର କମିଟିକୁ ପଠାଇ ଦେଇଛନ୍ତି। 'ନିଟ୍-ୟୁଜି' ପୁନଃ-ପରୀକ୍ଷା ପୂର୍ବରୁ ସରକାରଙ୍କ ଦ୍ୱାରା ଟେଲିଗ୍ରାମ୍ ଆପ୍ ଉପରେ କଟକଣାକୁ ନେଇ ଖଡ଼ଗେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ବିଗତ ୧୦ ବର୍ଷରେ ୯୦ଟି ପ୍ରଶ୍ନପତ୍ର ଲିକ୍ ହୋଇଛି ଏବଂ ମୋଦୀ ସରକାର ନିଜର ବିଫଳତାକୁ ଲୁଚାଇବା ପାଇଁ ଏଭଳି ପଦକ୍ଷେପ ନେଉଛନ୍ତି। ବିଜେପି ସାଂସଦମାନଙ୍କ ମତରେ, ପରୀକ୍ଷା ଦୁର୍ନୀତି ଓ ପ୍ରଶ୍ନପତ୍ର ଲିକ୍ ମାଫିଆଙ୍କୁ ସୁରକ୍ଷା ଦେବା ସହ ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ଖଡ଼ଗେ ଦେଇଥିବା ବକ୍ତବ୍ୟ ସଂସଦୀୟ ମର୍ଯ୍ୟାଦାର ଉଲ୍ଲଙ୍ଘନ କରୁଛି। ବର୍ତ୍ତମାନ ସ୍ୱାଧିକାର କମିଟି ଏହି ସମଗ୍ର ଅଭିଯୋଗର ଅନୁଧାନ କରି ରାଜ୍ୟସଭା ଅଧକ୍ଷଙ୍କୁ ଆନୁଷ୍ଠାନିକ ଭାବେ ନିଜର ରିପୋର୍ଟ ପ୍ରଦାନ କରିବ। ଗୃହ ଉପାଧକ ହରିବଂଶ ସ୍ୱାଧିକାର କମିଟିର ଅଧକ୍ଷ ଅଛନ୍ତି।

# ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଉଦୟନ ଗୁହା ଗିରଫ

କୋଲକାତା, ୧୭ ।୬(ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ଉତ୍ତର ବଙ୍ଗଳା ବିକାଶ ମନ୍ତ୍ରୀ ତଥା ପ୍ରଭାବଶାଳୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଉଦୟନ ଗୁହାଙ୍କୁ ବୁଧବାର କୋଲକାତାର ଫୁଲବାଗାନ ଅଞ୍ଚଳରେ ଥିବା ତାଙ୍କ ବାସଭବନରୁ ଗିରଫ କରାଯାଇଛି। ଦିନହାଟା ସବ୍-ଡିଭିଜନାଲ ହସ୍ପିଟାଲରେ ଶିଶୁ ସେବା ୟୁନିଟ୍ (ପିଆଇସିଆଇ) ନିର୍ମାଣ ସମୟରେ ଏକ ସ୍ୱେଚ୍ଛାସେବୀ ସଂଗଠନ (ଏନ୍‌ଜିଓ) ନାମରେ ବେଆଇନ ଭାବେ ଚାନ୍ଦା ଆଦାୟ କରିବା ଅଭିଯୋଗରେ କୁଚବିହାର ଜିଲ୍ଲା ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ଜୁନ୍ ୧୨ ତାରିଖରେ ଏହି ମାମଲା ରୁଜୁ ହୋଇଥିଲା। ପୁଲିସ ସୂଚନା ଅନୁଯାୟୀ, ଉଦୟନ ଗୁହାଙ୍କ ନାମରେ ହତ୍ୟାକାଣ୍ଡ, ନିର୍ବାଚନ ପରବର୍ତ୍ତୀ ହିଂସା ଏବଂ ଗୃହ ନିର୍ମାଣ ଯୋଜନାରେ ଦୁର୍ନୀତି ସହ ଜଡ଼ିତ ପ୍ରାୟ ୬ଟି ମାମଲା ରହିଛି। ପୁଲିସ ତାଙ୍କୁ ସିଆଲଦା କୋର୍ଟରେ ହାଜର କରି ଅଧିକ ତଦନ୍ତ ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ କୁଚବିହାର ନେବାକୁ ପ୍ରସ୍ତୁତି ଚଳାଇଛି। ଅନ୍ୟପଟେ, ବିଜେପି ବିଧାୟକ ଅଜୟ ରାୟ ଏହି ଗିରଫଦାରୀକୁ ସ୍ୱାଗତ କରିଥିବା ବେଳେ ଉଦୟନ ଗୁହା ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି। ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ପରେ ପୂର୍ବତନ ଶାସକ ଦଳର ନେତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

# ଆମେରିକାରେ ବିମାନ ଦୁର୍ଘଟଣା; ଭାରତୀୟଙ୍କ ସହ ୧୨ ମୃତ

ୱାଶିଂଟନ୍, ୧୭ ।୬(ଏଜେନ୍ସି): ଆମେରିକାର ମିଜୋରୀରେ ଏକ ସ୍କାଏଡାଇଭିଂ (ଆକାଶରୁ ପାରାଚୁଟ୍ ସାହାଯ୍ୟରେ ଡେଇଁବା ଖେଳ) ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ୨୪ ବର୍ଷୀୟ ଭାରତୀୟ ସଫ୍ଟୱେର୍ ଇଞ୍ଜିନିୟରଙ୍କ ସମେତ ସମସ୍ତ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ଭାରତୀୟ ଯୁବକ ଜଣକ ହେଉଛନ୍ତି ସାଇ କାର୍ତ୍ତିକ ବର୍ମା ଦାତ୍ଲା। ସେ ସେଣ୍ଟ୍ରାଲ୍ ମିଜୋରୀ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ କାନ୍ସାସ୍ ସିଟି ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ ସେବା ପ୍ରଯୁକ୍ତିବିଦ୍ୟା ସଂସ୍ଥାରେ କାର୍ଯ୍ୟ କରୁଥିଲେ। ସୂଚନା ଅନୁଯାୟୀ, ବଟଲର୍ ମେମୋରିଆଲ୍ ବିମାନବନ୍ଦରରୁ ଉଡ଼ାଣ ଭରିବାର କିଛି ସମୟ ପରେ ଏହି ସିଙ୍ଗଲ୍-ଇଞ୍ଜିନ ବିମାନଟି ନିୟନ୍ତ୍ରଣ ହରାଇ ଏକ ପଡ଼ିଆରେ କ୍ରାସ୍ ହୋଇଥିଲା ଏବଂ ସେଥିରେ ନିଆଁ ଲାଗିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଭୂମିଠାରୁ ମାତ୍ର ୧୦୦ ଫୁଟ୍ ଉଚ୍ଚତାରେ ଥିବାବେଳେ ବିମାନଟି ହଠାତ୍ ବାମପଟକୁ ବୁଲି ପଡ଼ିଥିଲା ଏବଂ ଏହାର ଇଞ୍ଜିନ ପ୍ରଭାବିତ ହୋଇଥିଲା। ବିମାନରେ ଜଣେ ପାଇଲଟ୍ ଏବଂ ସାଇ କାର୍ତ୍ତିକଙ୍କ ସମେତ ୧୧ ଜଣ ଅଭିଜ୍ଞ ସ୍କାଏଡାଇଭର୍ ଥିଲେ।

# ଭାରତର ଭୁଲ୍ ମାନଚିତ୍ର ଦେଖାଇଲା ଆମେରିକା

## ପାକ୍ ଅଧିକୃତ କାଶ୍ମୀରକୁ ପାକିସ୍ତାନର ଦର୍ଶାଇଲା




ୱାସିଂଟନ, ୧୭ ।୬(ଏଜେନ୍ସି): ଆମେରିକା ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି କ୍ରମେ 'ଇଣ୍ଡୋ-ପାସିଫିକ କମାଣ୍ଡ'ର ନାମକୁ ବଦଳାଇ ପୁନର୍ବାର ପୁରୁଣା ନାମ 'ପାସିଫିକ କମାଣ୍ଡ' ବା ପ୍ରଶାନ୍ତ ମହାସାଗରୀୟ କମାଣ୍ଡ ଭାବେ ଘୋଷଣା କରାଯାଇଛି। ଏହି ନାମ ପରିବର୍ତ୍ତନ ସହିତ ଆମେରିକା ସେନା ସଂଗଠନର ଆଧିକାରିକ ୱେବସାଇଟରେ ଭାରତର ଏକ ଭୁଲ ମାନଚିତ୍ର ପ୍ରଦର୍ଶିତ ହେବା ପରେ ଏହାକୁ ନେଇ ଏବେ ନୂଆ ବିବାଦ ମଧ ମୁଣ୍ଡ ଟେକିଛି। ଏହି ମାନଚିତ୍ରରେ ପାକିସ୍ତାନ ଅଧିକୃତ କାଶ୍ମୀରକୁ ପାକିସ୍ତାନର ଅଂଶ ଭାବେ ଦର୍ଶାଯାଇଛି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆମେରିକା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ଯେ ଏହି ସାମରିକ କମାଣ୍ଡର ଐତିହାସିକ ପରିଚୟ ଏବଂ ପରମ୍ପରାକୁ ବଜାୟ ରଖିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୨୦୧୮ ମସିହାରେ ଏହି କମାଣ୍ଡର ନାମରେ 'ଇଣ୍ଡୋ' ବା ଭାରତ ମହାସାଗରୀୟ ଅଞ୍ଚଳର ରଣନୀତିକ ଗୁରୁତ୍ୱକୁ ଯୋଡ଼ାଯାଇଥିଲା। ତେବେ ବର୍ତ୍ତମାନର ଏହି ପରିବର୍ତ୍ତନ କେବଳ ନାମକରଣ ମଧ୍ୟରେ ସୀମିତ ରହିବ ଏବଂ ଏହା ଦ୍ୱାରା ଏହାର କାର୍ଯ୍ୟକ୍ଷେତ୍ର, ରଣନୀତିକ ଲକ୍ଷ୍ୟ

**ୟୁଏସ୍ ପ୍ରଶାନ୍ତ ମହାସାଗରୀୟ କମାଣ୍ଡ ନାମରୁ ହଟାଇଲା ଇଣ୍ଡୋ ଶବ୍ଦ**

କିମ୍ବା ଭୌଗଳିକ ସୀମାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ପ୍ରଶାନ୍ତ ମହାସାଗରଠାରୁ ଆରମ୍ଭ କରି ଭାରତର ପଶ୍ଚିମ ସୀମା ପର୍ଯ୍ୟନ୍ତ ଏହାର ଦାୟିତ୍ୱ ପୂର୍ବଭଳି ବଜାୟ ରହିବ। ୧୯୪୭ ମସିହାରେ ସ୍ଥାପିତ ହୋଇଥିବା ଏହି କମାଣ୍ଡ ଆମେରିକା ସେନାର ସବୁଠାରୁ ପୁରୁଣା ଏବଂ ବୃହତ ସାମରିକ ବାହିନୀ ଅଟେ। ଏହା ଭାରତ ସହିତ ମିଳିତ ସାମରିକ ଅଭ୍ୟାସ ଏବଂ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ତେବେ ନାମରୁ 'ଇଣ୍ଡୋ' ଶବ୍ଦ ହଟାଇବା ପରେ ଭାରତୀୟ ରାଜନୈତିକ ମହଲରେ ମଧ ପ୍ରତିକ୍ରିୟା ପ୍ରକାଶ ପାଇଛି। ସାଂସଦ ଶଶି ଥରୁର ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଯେ, ଏହା ଚତୁର୍ଦ୍ଦେଶୀୟ ସୁରକ୍ଷା ସଂଗଠନର ଭବିଷ୍ୟତ ପ୍ରତି ଏକ ନକାରାତ୍ମକ ସଙ୍କେତ କି? ଆମେରିକା ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି ଯେ ସହଯୋଗୀ ରାଷ୍ଟ୍ରମାନଙ୍କ ସହ ସମ୍ପର୍କ ଏବଂ ମୁକ୍ତ ସାମୁଦ୍ରିକ ଯାତାୟାତ ସୁରକ୍ଷା ପାଇଁ ସେମାନଙ୍କର ପ୍ରତିବଦ୍ଧତା ଅପରିବର୍ତ୍ତିତ ରହିବ। ତଥାପି, ପ୍ରତୀକାତ୍ମକ ଭାବେ ନାମ ପରିବର୍ତ୍ତନ ଏବଂ ଭାରତର ଭୁଲ ମାନଚିତ୍ର ପ୍ରଦର୍ଶନ ଆଗାମୀ ଦିନରେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇ ରହିବ।

# ଭାରତ ଉପରେ ଆକ୍ରମଣ ହେଲେ ଆମେରିକା ସାହାଯ୍ୟ କରିବ: ଟ୍ରମ୍ପ

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ସମ୍ମିଳନୀ ଅବସରରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ଉପରେ ସର୍ବାଧିକ ଶୁଳ୍କ, ହର୍ମୁଜରେ ଜାହଜ ଉପରେ ଆକ୍ରମଣ କରି ଭାରତୀୟଙ୍କ ପ୍ରାଣହାନୀ, ଏସିଆ ବିରୋଧୀ ମନ୍ତବ୍ୟ ଭଳି ଟ୍ରମ୍ପଙ୍କ ଭାରତ ବିରୋଧୀ ନୀତି ପରେ ଦୁଇଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ କୋଣଠେସା ହୋଇଥିଲା। ପ୍ରାୟ ୧୬ ମାସ ପରେ ଏହି ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ମୁହାଁମୁହିଁ ଆଲୋଚନା ନେଇ ସମଗ୍ର ବିଶ୍ୱର ଦୃଷ୍ଟି ରହିଥିଲା। ଉଭୟ ଦେଶ ମଧ୍ୟରେ ସମ୍ପର୍କ ପୁନଃ ସୁଦୃଢ଼ ହେବା ଆଶା ପୋଷଣ କରାଯାଇଛି।



ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଉପସାଗରୀୟ ଅଞ୍ଚଳରେ ଭାରତୀୟ ଜାହାଜକର୍ମୀଙ୍କ ସୁରକ୍ଷା ପ୍ରସଙ୍ଗକୁ ଗୁରୁତ୍ୱର ସହ ଉଠାଇଥିଲେ। ନିକଟରେ ଆମେରିକାର ସାମରିକ ଆକ୍ରମଣରେ ୩ ଜଣ ଭାରତୀୟ ଜାହାଜକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ଘଟଣା ନେଇ ମୋଦୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଜାହାଜକର୍ମୀଙ୍କ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ। ପ୍ରତ୍ୟୁତ୍ତରରେ ଟ୍ରମ୍ପ ଏହି ଦୁଃଖଦ ଘଟଣା ପାଇଁ ଶୋକ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଭାରତର ନେତୃତ୍ୱ ନେଉଥିବା ଯାଏଁ, ଭାରତ ଉପରେ କୌଣସି ଆକ୍ରମଣ ହେଲେ ଆମେରିକା ସହାୟତା ପାଇଁ ସର୍ବଦା ଛିଡ଼ା ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଇରାନ ସହ ହୋଇଥିବା ଶାନ୍ତି ଚୁକ୍ତି ଏବଂ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଟ୍ରମ୍ପଙ୍କ ନେତୃତ୍ୱକୁ ଅଭିନନ୍ଦନ ଜଣାଇଥିଲେ। ଏହାପରେ ଟ୍ରମ୍ପ ମୋଦୀଙ୍କୁ ଜଣେ ଶାନ୍ତ, ଧୀର ଏବଂ କୁଶଳୀ ବ୍ୟବସାୟୀ ବୋଲି କହିବା ସହ ତାଙ୍କୁ ଜଣେ ସୁଦୃଶ୍ୟ ବ୍ୟକ୍ତି ଭାବେ ବର୍ଣ୍ଣନା କରିଥିଲେ।

# ପୁଣି ପଲଟିଲେ ଟ୍ରମ୍ପ୍

ଏଭିଆନ, ୧୭।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ହେବାକୁ ଥିବା ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ନେଇ ଚେତାବନୀ ଦେଇଛନ୍ତି। ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ଟ୍ରମ୍ପ କହିଛନ୍ତି ଯେ ଇରାନ ସହ ସ୍ୱାକ୍ଷରିତ ହେବାକୁ ଥିବା ବୁଝାମଣା ପତ୍ର ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। କିନ୍ତୁ ଯଦି ସେ ଏହି ଚୁକ୍ତିର ସର୍ତ୍ତାବଳୀରେ ସନ୍ତୁଷ୍ଟ ନହୁଅନ୍ତି, ତେବେ ଆମେରିକା ପୁଣି ଥରେ ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ। ଏହାପରେ ୧୦୦ ଦିନରୁ ଊର୍ଦ୍ଧ୍ୱ ପରେ ହୋଇଥିବା ଶାନ୍ତି ବୁଝାମଣାର ସ୍ଥାୟୀତ୍ୱ ଉପରେ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମିଶରର ରାଷ୍ଟ୍ରପତି ଅବଦେଲ ଫତେହ ଅଲ-ସିସିଙ୍କ ସହ ଆଲୋଚନା ସମୟରେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଏହି ଚୁକ୍ତି କେବଳ ଏକ ବୁଝାମଣା ପତ୍ର ମାତ୍ର। ଇରାନ ଚୁକ୍ତି ଅନୁସାରେ ଉପଯୁକ୍ତ ଆଚରଣ ନକଲେ, ଆମେରିକା ପୁଣି ଥରେ ଇରାନ ଉପରେ ଆକ୍ରମଣ କରିବ ବୋଲି ସେ ପ୍ରକାଶ କରିଛନ୍ତି। ଇରାନକୁ ପରମାଣୁ ଅସ୍ତ୍ର ହାସଲ କରିବାରୁ ରୋକିବା ଏବଂ ସେମାନଙ୍କର ସମୃଦ୍ଧ ୟୁରାନିୟମ ଭଣ୍ଡାର ଉପରେ କଠୋର ନିୟନ୍ତ୍ରଣ ରଖିବା ଏହି ପ୍ରସ୍ତାବିତ ଚୁକ୍ତିର ମୁଖ୍ୟ ଲକ୍ଷ୍ୟ ରହିଛି। ସେପଟେ ଇରାନ ଦାବି କରିଛି ଯେ ସେମାନଙ୍କର ପରମାଣୁ କାର୍ଯ୍ୟକ୍ରମ ବେସାମରିକ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ।


**ଇରାନ ବୁଝାମଣା ଚୂଡ଼ାନ୍ତ ନୁହେଁ, ପସନ୍ଦ ନହେଲେ ଆକ୍ରମଣ ହେବ**

ତେବେ ଆମେରିକା ଏହା ଉପରେ କଡ଼ା ନଜର ରଖିବା ପାଇଁ ଜିଦ୍ ଧରିଛି। ଯଦି ଏହି ଚୁକ୍ତିରେ ଇରାନ ସହମତି ନହୁଏ, ତେବେ ଏହା ବିଶ୍ୱ ଅର୍ଥନୈତିକ ମାନ୍ଦାବସ୍ଥା ସୃଷ୍ଟି କରିପାରେ ବୋଲି ଆମେରିକା କହିଛି। ଏହି ଅବସରରେ ଟ୍ରମ୍ପ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ୨୦୧୫ର ପରମାଣୁ ଚୁକ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ଓବାମା ଇରାନକୁ ୧.୭ ବିଲିୟନ ଡଲାର ନଗଦ ପ୍ରଦାନ କରି ଏକ ପ୍ରକାର ଲାଞ୍ଚ ଦେବାକୁ ଚେଷ୍ଟା କରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

# ଜନଗଣନା ପାଇଁ ଆଗୁଆ ହେବନି ନିର୍ବାଚନ

ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ମଣିପୁର ଏବଂ ଗୋଆ ଭଳି ୫ଟି ରାଜ୍ୟରେ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ଆଗୁଆ ହେବ ନାହିଁ। ଦେଶରେ ଚାଲିବାକୁ ଥିବା ଜନଗଣନା କାର୍ଯ୍ୟକ୍ରମ ଏବଂ ହରିଦ୍ୱାର ମହାକୁମ୍ଭ ମେଳା ଯୋଗୁଁ ନିର୍ବାଚନ ସମୟ ସୀମା ବଦଳିବା ନେଇ ଚାଲିଥିବା ଚର୍ଚ୍ଚା ଉପରେ ସରକାରୀ ସୂତ୍ରରୁ ସ୍ପଷ୍ଟୀକରଣ ମିଳିଛି। ନିର୍ବାଚନ ଆଗୁଆ କରିବା ପରିବର୍ତ୍ତେ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକୁ ସାମାନ୍ୟ ପୂର୍ବରୁ ଶେଷ କରାଯିବ, ଯେପରି ସରକାରୀ କର୍ମଚାରୀମାନେ ନିର୍ବାଚନ ଦାୟିତ୍ୱ ସଠିକ୍ ଭାବେ ତୁଲାଇପାରିବେ। କେତେକ ରାଜନୈତିକ ଦଳ ଆଶଙ୍କା ପ୍ରକାଶ କରିଥିଲେ ଯେ ଫେବୃଆରୀ ମାସରେ ହେବାକୁ ଥିବା ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ (ଯେଉଁଥିରେ ବ୍ୟକ୍ତିଗତ ବିବରଣୀ ଓ ଜାତିଭିତ୍ତିକ ଗଣନା କରାଯିବ) ଯୋଗୁଁ କର୍ମଚାରୀମାନେ ବ୍ୟସ୍ତ ରହିବେ, ତେଣୁ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇପାରେ। ସେହିପରି ୨୦୨୭ ଜାନୁଆରୀ ୧୪ରୁ ଏପ୍ରିଲ୍ ପର୍ଯ୍ୟନ୍ତ ଉତ୍ତରାଖଣ୍ଡରେ କୁମ୍ଭମେଳା ଥିବାରୁ ମଧ ନିର୍ବାଚନ ତାରିଖ ବଦଳିବା ନେଇ ଗୁଜବ ସୃଷ୍ଟି ହୋଇଥିଲା। ମାତ୍ର ସରକାରୀ ସୂତ୍ର ଅନୁଯାୟୀ, ଆସନ୍ତା ବର୍ଷ ଫେବୃଆରୀରେ ହିଁ ନିର୍ଦ୍ଧାରିତ ସୂଚୀ ଅନୁସାରେ ଭୋଟ୍ ଗ୍ରହଣ ହେବ। କୁମ୍ଭମେଳା ବ୍ୟବସ୍ଥାରେ ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ଉତ୍ତରାଖଣ୍ଡରେ ସଭାରେ ଶେଷ ପର୍ଯ୍ୟାୟରେ ମତଦାନ କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇପାରେ।


# ଫେରିବ ୨୫୦ ବର୍ଷ ପୁରୁଣା 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର ରାଇଫଲ୍ସ'



**ନିଯୁକ୍ତି ପାଇବେ ୧୦୦୦ରୁ ଅଧିକ ଗୋର୍ଖା ଯୁବକ**

କୋଲକାତା, ୧୭ ।୬ (ଏଜେନ୍ସି): ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପ୍ରାୟ ୨୫୦ ବର୍ଷ ପୁରୁଣା ଐତିହାସିକ ସାମରିକ ବାହିନୀ 'ଇଷ୍ଟର୍ଣ୍ଣ ଫ୍ରଣ୍ଟିୟର ରାଇଫଲ୍ସ' (ଇଏଫ୍ଆର)ର ପୁନରୁଦ୍ଧାର ପାଇଁ ଘୋଷଣା କରିଛନ୍ତି। ଦାର୍ଜିଲିଂର କୁର୍ସିଅଙ୍ଗଠାରେ ଆୟୋଜିତ ଏକ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଗାମୀ କିଛି ମାସ ମଧ୍ୟରେ ଇଏଫ୍ଆରରେ ୧୦୦୦ରୁ ଅଧିକ ଗୋର୍ଖା ଯୁବକଙ୍କୁ ନିଯୁକ୍ତି ଦିଆଯିବ ଏବଂ ସରକାରୀ ଚାକିରିରେ ମହିଳାଙ୍କ ପାଇଁ ୩୦% ସଂରକ୍ଷଣ ବ୍ୟବସ୍ଥା କରାଯିବ। ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ସୀମା ସୁରକ୍ଷା ପାଇଁ ଗଠିତ ଏହି ବାହିନୀ ୧୯୨୦ ମସିହାରୁ ବର୍ତ୍ତମାନର ନାମରେ ଜଣାଶୁଣା। ଦେଶ ବିଭାଜନ ସମୟରେ ଏହାର ଗୋଟିଏ ଅଂଶ ପୂର୍ବ ପାକିସ୍ତାନ ରାଇଫଲ୍ସ (ବର୍ତ୍ତମାନର ବର୍ଡର ଗାର୍ଡ ବାଂଲାଦେଶ) ଭାବେ ଅଲଗା ହୋଇଥିଲା। ବିଶ୍ୱଯୁଦ୍ଧ, ୧୯୬୫ର ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେଶ ମୁକ୍ତି ସଂଗ୍ରାମ ଏବଂ ପଶ୍ଚିମବଙ୍ଗରେ ନକ୍ସଲ ବିରୋଧୀ ଅପରେସନରେ ଏହି ବାହିନୀର ବହୁ ଯୋଗଦାନ ରହିଛି। ପୂର୍ବତନ ମମତା ବାନାର୍ଜୀଙ୍କ ସରକାର ୨୦୧୦ରୁ ଏହି ବାହିନୀରେ ନିଯୁକ୍ତି ବନ୍ଦ କରି ଏହାକୁ କେବଳ ଦୁଇଟି ବାଟାଲିୟନରେ ସୀମିତ କରିଦେଇଥିଲେ। ବର୍ତ୍ତମାନର ବିଜେପି ସରକାର ଏହି ବୀର ସୈନିକମାନଙ୍କ ଗୌରବମୟ ଇତିହାସକୁ ଫେରାଇ ଆଣିବା ସହ ଶୂନ୍ୟପଦ ପୂରଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।


# ୧୬ ମାସ ପରେ ଭେଟିଲେ, କିନ୍ତୁ...



ନୂଆଦିଲ୍ଲୀ, ୧୭ ।୬(ଏଜେନ୍ସି): ଫ୍ରାନ୍ସରେ ଚାଲିଥିବା ଜି-୭ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଦେଖାଯାଇଥିବା ଦୂରତା ଏବେ ବିଶ୍ୱ ରଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘ ୧୬ ମାସ ପରେ ଦୁଇ ନେତା ପରସ୍ପରକୁ ଭେଟିଥିଲେ ମଧ ସେମାନଙ୍କ ମଧ୍ୟରେ ପୂର୍ବର ସେହି ଆନ୍ତରିକତା କିମ୍ବା ପାରମ୍ପରିକ ଆଲିଙ୍ଗନ ଦେଖିବାକୁ ମିଳିନଥିଲା। କେବଳ ଏକ ଆନୁଷ୍ଠାନିକ କରମର୍ଦ୍ଦନ ମଧ୍ୟରେ ଦୁଇ ନେତାଙ୍କ ସାକ୍ଷାତ ସୀମିତ ରହିଥିଲା, ଯାହା ଦୁଇ ଦେଶ ମଧ୍ୟରେ ବଢୁଥିବା ତିକ୍ତତାକୁ ସ୍ପଷ୍ଟ କରୁଛି। ବିଗତ କିଛି ସମୟ ହେବ ଭାରତ ଏବଂ ଆମେରିକା ମଧ୍ୟରେ ରଣନୀତିକ ଏବଂ ଅର୍ଥନୈତିକ ସମ୍ପର୍କରେ ଅନେକ ବାଧା ସୃଷ୍ଟି ହୋଇଛି। ଆମେରିକା ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଶୁଳ୍କ ଲାଗୁ କରିବା, ଓମାନ ଉପସାଗରରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଭାରତୀୟ ନାବିକମାନଙ୍କର ପ୍ରାଣହାନି ଏବଂ ନିଜର ସାମରିକ କମାଣ୍ଡ ନାମରୁ ଆମେରିକା 'ଇଣ୍ଡୋ' ଶବ୍ଦ ହଟାଇଦେବା ଭଳି ଘଟଣା ଭାରତକୁ ବ୍ୟଥିତ କରିଛି। ସମ୍ମିଳନୀରେ ଟ୍ରମ୍ପଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବର୍ତ୍ତମାନ ବିଶ୍ୱରେ ସମ୍ପଦର ନୁହେଁ ବରଂ 'ବିଶ୍ୱାସର ଅଭାବ' ରହିଛି। ଏହା ସହିତ ସେ ସାମୁଦ୍ରିକ ମାର୍ଗର ସୁରକ୍ଷା ଏବଂ ନାବିକମାନଙ୍କ ଜୀବନରକ୍ଷା ଉପରେ ଗୁରୁତ୍ୱ ଦେଇ ପରୋକ୍ଷରେ ଆମେରିକାକୁ ନିଜର ଅସନ୍ତୋଷ ଜଣାଇଛନ୍ତି। ବାଣିଜ୍ୟିକ ଚୁକ୍ତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ ସହଯୋଗ ମନ୍ଥର ହୋଇଯାଇଛି। ଏହି ସମସ୍ତ ବିବାଦ ଓ ମନୋମାଳିନ୍ୟ ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ଦ୍ୱିପାକ୍ଷିକ ବୈଠକ ଉପରେ ସମସ୍ତଙ୍କ ନଜର ରହିଛି। ଏହି ସାକ୍ଷାତକାର ଦୁଇ ଦେଶର ବ୍ୟକ୍ତିଗତ କେମେଷ୍ଟ୍ରି ଏବଂ ରଣନୀତିକ ସମ୍ପର୍କକୁ ପୁଣିଥରେ ସୁଦୃଢ଼ କରିପାରୁଛି କି ନାହିଁ, ତାହା ଆଗାମୀ ସମୟ କହିବ।

# କଟକଣା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ 'ଟେଲିଗ୍ରାମ୍'

ନୂଆଦିଲ୍ଲୀ, ୧୭।୬(ଏଜେନ୍ସି): ସାରା ଦେଶରେ ଟେଲିଗ୍ରାମ୍ ଆପ୍ ଉପରେ କେନ୍ଦ୍ର ସରକାରଙ୍କ ଅସ୍ଥାୟୀ ନିଷେଧାଦେଶକୁ ଚ୍ୟାଲେଞ୍ଜ କରି ଟେଲିଗ୍ରାମ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆସନ୍ତା ଜୁନ୍ ୨୧ରେ ହେବାକୁ ଥିବା ପୁନଃ ନିଟ୍ ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ସରକାର ଏହି କଟକଣା ଜାରି କରିଛନ୍ତି। ସେପଟେ କଟକଣା ଉପରେ ରହିତାଦେଶ ଦେବାକୁ ଦିଲ୍ଲୀ ହାଇକୋର୍ଟ ମନା କରିଦେଇଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଟେଲିଗ୍ରାମ ଦାବି କରିଛି ଯେ, ସରକାରଙ୍କ ସୂଚନାର ଏକ ଘଣ୍ଟା ମଧ୍ୟରେ ସମସ୍ତ ଆପତ୍ତିଜନକ ଲିଙ୍କଗୁଡ଼ିକୁ ହଟାଇ ଦିଆଯାଇଥିଲା। ଟେଲିଗ୍ରାମ ପକ୍ଷର ଓକିଲ ସରକାରଙ୍କ ନିଷ୍ପତ୍ତିକୁ ଅତି କଠୋର ବୋଲି କହିଛନ୍ତି। ଟେଲିଗ୍ରାମ ସିଇଓ ପାଭେଲ ଦୁରୋଭ ମଧ ଏହି ପଦକ୍ଷେପକୁ ସମାଲୋଚନା କରି କହିଛନ୍ତି ଯେ, ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ କରୁଥିବା ଲୋକଙ୍କ ଅପେକ୍ଷା କୋଟି କୋଟି ଶିକ୍ଷାର୍ଥୀ ଏବଂ ସାଧାରଣ ବ୍ୟବହାରକାରୀ ଅଧିକ




ଦଣ୍ଡିତ ହେଉଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ଟେଲିଗ୍ରାମକୁ ବାରମ୍ବାର ନିଜର ବ୍ୟସ୍ଥାରେ ସଂସ୍କାର ଆଣିବାକୁ କୁହାଯାଇଥିଲେ ମଧ ସେମାନେ ବିଫଳ ହୋଇଥିଲେ। ଫଳସ୍ୱରୂପ ପରୀକ୍ଷା ସମ୍ବନ୍ଧୀୟ ଗୁପ୍ତ ତଥ୍ୟ ଲିକ୍ ହୋଇଥିଲା। ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଗୁରୁବାର ସକାଳ ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରେ ସାମୟିକ କଟକଣା ଜାରି ରହିବ।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର**

## ଅଧିକ ସୁଦୃଢ଼ ହେବ ଓଡ଼ିଶା-ସିଙ୍ଗାପୁର ସହଭାଗିତା



ଭୁବନେଶ୍ୱର,୧୭।୬(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ବୁଧବାର ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଉଭୟେ ଆଲୋଚନା କରିଥିବା ଜଣାପଡ଼ିଛି।

ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା। ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

**ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଗଠନ ହେବ ଏକ ସୁବ୍ୟବସ୍ଥିତ ମେକାନିଜିମ୍**

ଏହି ୮ଟି ଏମଓୟୁ ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ତଥା ବିଭିନ୍ନ ପାର୍ଟନରସିପ୍'ର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ। ଓଡ଼ିଶାରେ ହୋଇଥିବା 'ବ୍ଲାକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ଯୁବବର୍ଗଙ୍କୁ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସିଙ୍ଗାପୁର'ର ସହଯୋଗରେ ଓଡ଼ିଶାରେ ଫିନ୍‌ଟେକ୍ ଓ ଇନ୍‌ସିଓର୍‌ଟେକ୍ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଥିଲେ। ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ୱଙ୍ଗ ପ୍ରକାଶ କରିଛନ୍ତି।

**ମତ୍ସ୍ୟ ବିଭାଗରେ ଏଏଫ୍‌ଓ ପଦୋନ୍ନତି ମାମଲା**

## ୨ ସପ୍ତାହରେ ନିଷ୍ପତ୍ତି ନେବେ ସରକାର

କଟକ,୧୭।୬(ସମିସ): ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗରେ ପଦୋନ୍ନତି ବିବାଦକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ (ସିନିଅର ଫିସରି ଟେକ୍ନିକାଲ ଆସିଷ୍ଟାଣ୍ଟ) ପଦରୁ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫଓ) ପଦକୁ ପଦୋନ୍ନତି ଦେବା ସମ୍ପର୍କିତ ସୁପାରିସ ଉପରେ ଆସନ୍ତା ୨ ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମନୋରଞ୍ଜନ ମାଝୀ ଓ ଅନ୍ୟ ୧୯ ଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ଜାନୁଆରୀ ୨୭ରେ ଅନୁଷ୍ଠିତ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକରେ ଆବେଦନକାରୀ ସିନିଅର ଫିସରି ଟେକ୍ନିକାଲ ଆସିଷ୍ଟାଣ୍ଟଙ୍କୁ ପଦୋନ୍ନତି ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ମାତ୍ର ସରକାରଙ୍କ ଅବହେଳା ଓ ବିଳମ୍ବ ଯୋଗୁଁ ସେମାନଙ୍କୁ ଏପର୍ଯ୍ୟନ୍ତ ପଦୋନ୍ନତିପତ୍ର ମିଳିପାରି ନାହିଁ। ଏଥିସହିତ ବିଭାଗରେ ପ୍ରାୟ ୬୦ଟି ସହକାରୀ ମତ୍ସ୍ୟ ଅଧିକାରୀ ପଦ ଖାଲି ପଡ଼ିଥିବା ମଧ୍ୟ ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ପୂର୍ବରୁ ଗତ ମେ ୨୧ ରେ ହାଇକୋର୍ଟ ଦେଇଥିବା ଏକ ନିର୍ଦ୍ଦେଶ ଆଧାରରେ ଗତ ଜୁନ ୧୫ରେ ମତ୍ସ୍ୟ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେହି ବିଜ୍ଞପ୍ତି ଅନୁସାରେ ସହକାରୀ ମତ୍ସ୍ୟ ଅଧିକାରୀ (ଏଏଫଓ) ମାନଙ୍କୁ ଜିଲ୍ଲା ମତ୍ସ୍ୟ ଅଧିକାରୀ (ଡିଏଫଓ) ଭାବେ ଗ୍ରୁପ୍-ଏକୁ ପଦୋନ୍ନତି ମିଳିସାରିଛି। ମାତ୍ର ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ କ୍ଷେତ୍ରରେ ସମାନ ନିଷ୍ପତ୍ତି ନିଆଯାଉ ନାହିଁ, ଯାହାଫଳରେ ଯୋଗ୍ୟ କର୍ମଚାରୀମାନେ ହଇରାଣ ହେଉଛନ୍ତି। ଅଦାଲତ ମାମଲାର ବିଭିନ୍ନ ଦିଗକୁ ତର୍ଜମା କରି ଗତ ଜାନୁଆରୀ ୨୭ର ଡିପିସି ସୁପାରିଶ ଆଧାରରେ ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ପଦରୁ ସହକାରୀ ମତ୍ସ୍ୟ ଅଧିକାରୀ ପଦବୀକୁ ପଦୋନ୍ନତି ଦେବା ପ୍ରକ୍ରିୟା ଉପରେ ତୁରନ୍ତ ବିଚାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଦେଶନାମା ମିଳିବାର ୨ ସପ୍ତାହ ମଧ୍ୟରେ ବିଭାଗ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ। ନିଷ୍ପତ୍ତି ନେବା ସମୟରେ, ଗତ ଜୁନ ୧୫ରେ ଏହି ସମାନ ଡିପିସି ଆଧାରରେ ଅନ୍ୟ ଅଧିକାରୀଙ୍କୁ ଦିଆଯାଇଥିବା ପଦୋନ୍ନତିର ପ୍ରାସଙ୍ଗିକତାକୁ ମଧ୍ୟ ବିଚାରକୁ ନିଆଯିବ ବୋଲି ଅଦାଲତ କହିବା ସହ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

# ଦିଲ୍ଲୀ ଛୁଇଁଲା 'ଚାମେଲି ନିଆଁ'ର ଧାସ

କେନ୍ଦ୍ରାପଡ଼ା/ମହାକାଳପଡ଼ା,୧୭।୬(ସମିସ): ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ପ୍ରସଙ୍ଗ ଆଉ ରାଜ୍ୟ ମଧ୍ୟରେ ସୀମିତ ନାହିଁ। ଚାମେଲି ଏହି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ପରେ ନିଆଁର ଧାସ ଦିଲ୍ଲୀ ଛୁଇଁଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ରାଜନୈତିକ ତାତି ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତକାଲି ଜାତୀୟ ମାନବାଧିକାର କମିଶନଙ୍କ ତଦନ୍ତ କରିଛନ୍ତି ଓ ଘଟଣା ଘଟିବାର ପ୍ରାୟ ଏକ ସପ୍ତାହ ପରେ ରାଜ୍ୟ ମହିଳା କମିଶନ ସକ୍ରିୟ ହୋଇଛନ୍ତି। ମାତ୍ର ଏହି ଘଟଣା ମଧ୍ୟରେ ପୁଲିସର ଭୂମିକାକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଟାଯୋଡ଼ା ଭିଡ଼ିଓକୁ ନେଇ ଚାମେଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ପୁଲିସ ପୁରା ଭିଡ଼ିଓ ପଦାକୁ ଆସିବା ପରେ ଅକଳରେ ପଡ଼ିଛି। ଏପରିକି ପୁଲିସର କାର୍ଯ୍ୟାନୁଷ୍ଠାନ ଓ ବିଡ଼ିଓଙ୍କ ଏତଲାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଚାମେଲି ଡ଼ାକ୍ତରଖାନାରେ ଗଣମାଧ୍ୟମକୁ ପ୍ରଦାନ କରିଥିବା ସମ୍ପୂର୍ଣ୍ଣ ଭିଡ଼ିଓକୁ ନେଇ ଜିଲ୍ଲାର ରାଜନୈତିକ ପରିବେଶ ଅଧିକ ଉଷ୍ମ ହୋଇଛି। ଜୁନ୍ ୧୧ ତାରିଖରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ଘଟିଥିବା ଘଟଣାକୁ ଚାମେଲି ଗୋଟିଗୋଟି ବର୍ଣ୍ଣନା କରିବା ସହ ବିଧାୟକ, ବିଡ଼ିଓ ଓ ଥାନା ଅଧିକାରୀ ମିଳିମିଶି ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରିଥିବା ସାଂଘାତିକ ଅଭିଯୋଗ କରିଛନ୍ତି।

- ■ ରାଜ୍ୟରେ ବଢ଼ିଲା ରାଜନୈତିକ ତାତି
- ■ ମୁହଁ ଖୋଲିଲେ ଜିଲ୍ଲାପାଳ, ଚାମେଲିଙ୍କୁ ଭେଟିଲେ ମହିଳା କମିସନ ସଦସ୍ୟ

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଜିଲ୍ଲାପାଳ ରଘୁରାମ ଆର. ଆୟର। ସେ କହିଛନ୍ତି ଯେ ଘଟଣାର ତଦନ୍ତ ପାଇଁ ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ କାର୍ଯ୍ୟ କରୁଛି। ଏଡିଏମ୍ ଓ ସିଡିଓଙ୍କୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଉ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଘଟଣାର ସମାନ୍ତରାଳ ତଦନ୍ତ କରାଯାଉଛି। କ୍ରମାଗତ ଛୁଟି ଯୋଗୁଁ ରାଜ୍ୟ ସରକାର ମାଗିଥିବା ରିପୋର୍ଟ ଦାଖଲ ହୋଇ ପାରିନଥିଲା। ଚାମେଲି ଓଝା ବର୍ତ୍ତମାନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି, ସେ ଘରକୁ ଫେରିବା ପରେ ସମସ୍ତ ତଥ୍ୟ ସଂଗ୍ରହ କରି ସରକାରଙ୍କୁ ରିପୋର୍ଟ ପଠାଯିବ। ଏହାସହ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ମଧ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଘଟଣା ଘଟିବାର ପ୍ରାୟ ଏକ ସପ୍ତାହ ପରେ ରାଜ୍ୟ ମହିଳା କମିଶନର ସଦସ୍ୟା କଳ୍ପନା ମଲ୍ଲିକ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚାମେଲି ଓଝାଙ୍କୁ ଭେଟି ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ମହାକାଳପଡ଼ା ବିଡିଓଙ୍କ ଚାମ୍ବର ଭିତରେ ଘଟିଥିବା ଘଟଣା ସମ୍ପର୍କରେ ସେ ଚାମେଲିଙ୍କ ଠାରୁ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ଏହାର ଏକ ରିପୋର୍ଟ କମିଶନଙ୍କୁ ପ୍ରଦାନ କରାଯିବ ଓ ଘଟଣାରେ ଦୋଷୀ ସାବ୍ୟସ୍ତ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି ମଧ୍ୟ ଏହି ମାମଲାରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ରିପୋର୍ଟ ତଲବ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ଅନ୍ୟ ଏକ ଘଟଣାକ୍ରମରେ ବିଜେଡି ନେତା ମନ୍ମଥ ରାଉତରାୟ ହସ୍ପିଟାଲରେ ଚାମେଲିଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ସେ ବିଡିଓ, ମହାକାଳପଡ଼ା ଥାନା ଆଇଆଇସି ଓ ସ୍ଥାନୀୟ ବିଧାୟକଙ୍କ ବିରୋଧରେ ଅଭିଯୋଗର ନିରପେକ୍ଷ ତଦନ୍ତ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର ପ୍ରଶାସନ ଶାସକ ଦଳର ହାତବାରିଶ ସାଜି ଚାମେଲିଙ୍କୁ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ଆଣିବା ସହ ବିଧାୟକ, ବିଡିଓ, ଆଇଆଇସି ଓ ଏସ୍‌ପିଙ୍କୁ ପକ୍ଷଭୁକ୍ତ କରି ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ଏହି ସମସ୍ତ ଘଟଣାକ୍ରମ ମଧ୍ୟରେ ବିଧାୟକଙ୍କ ପକ୍ଷରୁ ସିଧାସଳଖ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ପ୍ରଧାନମନ୍ତ୍ରୀ ଶୁଣନ୍ତୁ ମୋ ମନ କଥା



କେନ୍ଦ୍ରାପଡ଼ା,୧୭।୬(ସମିସ): ବିଧାୟକ, ବିଡ଼ିଓ ଓ ପୁଲିସର ଷଡ଼ଯନ୍ତ୍ରର ଶିକାର ହୋଇଥିବା ଅଭିଯୋଗ କରି ଚାମେଲି ଓଝା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲେ। କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ତାଙ୍କୁ ଗିରଫ କରାଯାଇଥିଲା ଓ ଗତକାଲି ସେ ଜାମିନ ପାଇବା ପରେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଛନ୍ତି ଚିଠି। ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିବା ସହ ତାଙ୍କ (ଚାମେଲି) ମନକଥା ଶୁଣିବା ପାଇଁ ପ୍ରଧାନମନ୍ତ୍ରୀ ସମୟ ଦେବାକୁ ଅନୁରୋଧ କରିଛନ୍ତି। ଚାମେଲି କହିଛନ୍ତି ଯେ ବିନା କାରଣରେ ତାଙ୍କୁ ଗିରଫ କରାଯାଇଛି। ଲୋକଙ୍କ ସମସ୍ୟା ଜଣାଇବା ପାଇଁ ବିଡ଼ିଓଙ୍କ ନିକଟକୁ ଯିବାବେଳେ ତାଙ୍କୁ ନିର୍ଯାତନା ଦିଆଯାଇଛି। ମହାକାଳପଡ଼ା ବିଡିଓ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଥିବା ବେଳେ ପୋଲିସ ତାଙ୍କୁ ମାଡ଼ ମାରିବା ସହ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନାହିଁ, ମାତ୍ର ଲୋକଙ୍କ ସମସ୍ୟା କଥା ଉଠାଇବାରୁ ତାଙ୍କୁ ନିର୍ଯତନା ଦିଆଯାଉଛି। ନ୍ୟାୟ ପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବୋଲି ଚାମେଲି କହିଛନ୍ତି।

**ଆମ ପରିବାର ପ୍ରତି ବିପଦ ରହିଛି: ନିରଞ୍ଜନ**

ସେହିପରି ଚାମେଲିଙ୍କ ବାପା ନିରଞ୍ଜନ ଓଝା କହିଛନ୍ତି ଯେ ପ୍ରଶାନ୍ତ ସେଠୀ, ସରୋଜ ସାହୁଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଏଯାବତ୍ ଗିରଫ କରାଯାଇନାହିଁ। ସେମାନଙ୍କୁ ଗିରଫ କରା ନ ଗଲେ ପରିବାରର ସୁରକ୍ଷା ପ୍ରତି ବିପଦ ରହିଥିବା ସେ ଅଭିଯୋଗ କରିଛନ୍ତି।

## ଏସ୍‌ଆଇଟି ତଦନ୍ତ ଦାବିରେ ଜନସ୍ୱାର୍ଥ ମାମଲା

କଟକ, ୧୭।୬ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ତିଖିରି ଗ୍ରାମପଞ୍ଚାୟତର ବହୁଚର୍ଚ୍ଚିତ ନିର୍ବାଚିତ ସରପଞ୍ଚ ଚାମେଲି ଓଝାଙ୍କ ଗିରଫଦାରୀ ଏବଂ ଥାନା ଭିତରେ ତାଙ୍କୁ ଆକ୍ରମଣ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାୟର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାୟର କରାଯାଇଥିବା ଏହି ଆବେଦନରେ ଉପରୋକ୍ତ ଘଟଣାର ନିରପେକ୍ଷ ତଦନ୍ତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ଦ୍ୱାରା କରିବାକୁ ନିବେଦନ କରାଯାଇଛି। ସେହିଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ସରକାର ଗାଇଡଲାଇନ ପ୍ରସ୍ତୁତ କରିବା ସହ ବିବାଦ ସମୟର ସିସିଟିଭି ଫୁଟେଜ ଓ ମେଡିକାଲ୍ ରିପୋର୍ଟ ସଂରକ୍ଷିତ ରଖିବାକୁ ମଧ୍ୟ ଆବେଦନକାରୀ ଦର୍ଶାଇଛନ୍ତି। ମାମଲାରୁ ପ୍ରକାଶ ଯେ ଚାମେଲି ନିଜ ପଞ୍ଚାୟତର ଉନ୍ନୟନ ମୂଳକ କାମ ସମ୍ପର୍କରେ ବିଡିଓଙ୍କୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ଓଲଟା ପୁଲିସ ଲଗାଇ ତାଙ୍କୁ ଆକ୍ରମଣ କରାଯାଇଥିଲା। ତେବେ ମହାକାଳପଡା ଥାନାର ଜଣେ ସବ୍‌ଇନ୍ସପେକ୍ଟର ଏବଂ ହୋମଗାର୍ଡ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଥିଲା। ଚାମେଲି ଓଝା ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନିକଟରେ ସ୍ଥାନୀୟ ଏସଡିଜେଏମ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ମହାନିର୍ଦ୍ଦେଶକ, କେନ୍ଦ୍ରାପଡା ଏସପି ଏବଂ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରିଛନ୍ତି ଆବେଦନକାରୀ। ତାଙ୍କ ଏଫ୍‌ଆଇଆର୍ ଭିତ୍ତିରେ ପୁଲିସ ମାତ୍ର ଜଣକୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର ଅଛି, ଯାହା ପୁଲିସର ତଦନ୍ତ ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୁରୀରୁ ଟିଏମ୍‌ସି କାଉନ୍‌ସିଲର ସୁଶାନ୍ତ ଗିରଫ

ପୁରୀ,୧୭।୬(ସମିସ): ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ (ଟିଏମ୍‌ସି) କାଉନ୍‌ସିଲର ସୁଶାନ୍ତ ଘୋଷଙ୍କୁ କୋଲକାତା ପୁଲିସ ପୁରୀରୁ ଗିରଫ କରିଛି। କୋଲକାତା ମ୍ୟୁନିସିପାଲ୍ କର୍ପୋରେସନ ୧୦୮ ନଂ. ୱାର୍ଡର କାଉନ୍‌ସିଲର ଶ୍ରୀ ଘୋଷଙ୍କ ବିରୋଧରେ ଅର୍ଥ ଆଦାୟ ଅଭିଯୋଗ ରହିଛି। ପୁଲିସ ତାଙ୍କୁ ଖୋଜୁଥିବାବେଳେ ସେ ଗତ ଶୁକ୍ରବାର ବଙ୍ଗଳା-ଓଡ଼ିଶା ସୀମାରେ ପୁଲିସକୁ ଫାଙ୍କି ଦେଇଥିଲେ। ସେହି ସମୟରେ ପୁଲିସ ତାଙ୍କ ଡ୍ରାଇଭରଙ୍କୁ ଓଡ଼ିଶାରୁ ଗିରଫ କରିଥିଲା। କିନ୍ତୁ ସୁଶାନ୍ତ ଘୋଷ ଓ ତାଙ୍କ ପରିବାର ସେଠାରୁ ଫେରାର୍ ହୋଇ ପୁରୀରେ ଲୁଚି ରହିଥିଲେ। ଗୁପ୍ତ ସୂଚନା ଆଧାରେ କୋଲକାତା ପୁଲିସ ପୁରୀରେ ପହଞ୍ଚି ତାଙ୍କୁ ଗିରଫ କରିଛି। ସୂଚନାଥାଉକି, ପୂର୍ବରୁ ମଧ୍ୟ ପୁରୀର ଏକ ହୋଟେଲରୁ ଟିଏମ୍‌ସି ବିଧାୟକ ଦିଲ୍ଲୀପ ମଣ୍ଡଳଙ୍କୁ ପଶ୍ଚିମବଙ୍ଗ ପୁଲିସ ଗିରଫ କରିଥିଲା।

## ଜୁଲାଇରେ ଆସିବେ ୮ମ ବେତନ କମିସନ ସଦସ୍ୟ

ଭୁବନେଶ୍ୱର,୧୭।୬(ସମିସ): ଅଷ୍ଟମ ବେତନ କମିସନ ନିଜର ଚୂଡ଼ାନ୍ତ ସୁପାରିସ ପ୍ରସ୍ତୁତ କରିବା ପୂର୍ବରୁ ବିଭିନ୍ନ କର୍ମଚାରୀ ସଂଗଠନ, ୟୁନିଅନ ଏବଂ ସମ୍ପୃକ୍ତ ଅଂଶୀଦାରମାନଙ୍କ ମତାମତ ସଂଗ୍ରହ କରିବା ପାଇଁ ବ୍ୟାପକ ରାଜ୍ୟ ଗସ୍ତ ଆରମ୍ଭ କରିଛନ୍ତି। ଏହି ପ୍ୟାନେଲ୍ ଉତ୍ତର ପ୍ରଦେଶ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଆଦି ପ୍ରମୁଖ ରାଜ୍ୟଗୁଡ଼ିକୁ ଗସ୍ତ କରି ସେଠାକାର ପ୍ରତିନିଧିମାନଙ୍କୁ ଭେଟିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ଏହିକ୍ରମରେ ଆସନ୍ତା ଜୁଲାଇ ମାସରେ ବେତନ କମିଶନର ସଦସ୍ୟମାନେ ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଆସନ୍ତା ଜୁଲାଇ ୬ ଏବଂ ୭ ତାରିଖ (ସୋମବାର ଏବଂ ମଙ୍ଗଳବାର) ଦୁଇ ଦିନ ପାଇଁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଗସ୍ତ କରିବେ। ଏହି ଅବସରରେ ସେମାନେ ବିଭିନ୍ନ ଅଂଶୀଦାରମାନଙ୍କ ସହ ବିସ୍ତୃତ ଆଲୋଚନା କରିବେ। ଏହି ବୈଠକରେ ଭାଗ ନେବା ଏବଂ ନିଜର ମତାମତ ପ୍ରଦାନ ପାଇଁ ଅନୁରୋଧ ଦାଖଲ କରିବାର ସମୟସୀମା ଗତ ୧୫ ତାରିଖ ସୁଦ୍ଧା ଶେଷ ହୋଇସାରିଛି। ଗତ ମାର୍ଚ୍ଚ ୫ ତାରିଖରୁ ଆନୁଷ୍ଠାନିକ ଭାବେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଏପ୍ରିଲ ୩୦ ଏବଂ ପରେ ମଇ ୩୧ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ କର୍ମଚାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହାକୁ ଦ୍ୱିତୀୟ ଥର ପାଇଁ ଜୁନ୍ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସୂଚନାଯୋଗ୍ୟ ଯେ ଏହି କମିଶନରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇ ଅଧ୍ୟକ୍ଷତା କରୁଛନ୍ତି। ତାଙ୍କ ବ୍ୟତୀତ ପୂର୍ବତନ ଆଇଏଏସ୍ ଅଧିକାରୀ ପଙ୍କଜ ଜୈନ ଏହାର ସଦସ୍ୟ-ସଚିବ ଅଛନ୍ତି ଏବଂ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟ ପୁଲକ ଘୋଷ ଏହି କମିଶନର ସଦସ୍ୟ ଭାବରେ ଦାୟିତ୍ୱ ତୁଲାଉଛନ୍ତି।

**୬ ଓ ୭ ତାରିଖରେ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା**

## ପୁଅକୁ ହତ୍ୟା କଲା ବାପା

ନୟାଗଡ଼/ରଣପୁର,୧୭।୬(ସମିସ): ପୁଅକୁ ହତ୍ୟା କରିଛି ବାପା। ନୟାଗଡ଼ ଜିଲ୍ଲା ରଣପୁର ଥାନା ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ରଣପୁର ଥାନା ରାଜସୁନାଖଳା ଫାଣ୍ଡିଅନ୍ତର୍ଗତ ଗଡ଼ବାଣିକିଲୋ ନୂଆସାହି ନିକଟ ରାସ୍ତା କଡ଼ରୁ ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗଡ଼ବାଣିକିଲୋ ନୂଆସାହିର ହରିହର ମାର୍ଥାଙ୍କ ପୁଅ ବିଜୟ କୁମାର ମାର୍ଥା। ବିଜୟ ଦୁଇବର୍ଷ ହେବ ବଳଭଦ୍ରପୁର ପଞ୍ଚାୟତ ନନ୍ଦପୁରରେ ବିବାହ କରିଥିଲେ। ତାଙ୍କର ଏକବର୍ଷର ପୁଅ ଅଛି। ପାରିବାରିକ ଅଶାନ୍ତି ଯୋଗୁଁ ବିଜୟଙ୍କ ସ୍ତ୍ରୀ ମଞ୍ଜୁଲତା ମାର୍ଥା ଓ ପୁଅ ନନ୍ଦପୁର ଶଶୁର ଘରେ ରହୁଥିବା ବେଳେ ବିଜୟ ଗଡ଼ ବାଣିକିଲୋରେ ଏକ ଭଡ଼ା ଘରେ ରହୁଥିଲେ। ଅଧିକାଂଶ ସମୟ ସେ କେରଳରେ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥାନ୍ତି। ସକାଳେ କୌଣସି କାମରେ ରଣପୁର ଯାଇ ନିଜ ଘରକୁ ଯାଇଥିଲେ। ଅପରାହ୍ନରେ ବିଜୟଙ୍କ ମୃତଦେହ ଘର ନିକଟ ରାସ୍ତା କଡ଼ରେ ଦେଖିବାକୁ ମିଳିଥିଲା। ରଣପୁର ଥାନା ଆଇଆଇସି ଆଶିଷଦେବ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବିଜୟଙ୍କୁ ବାପା ଓ ଭାଇ ମିଶି ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ମଞ୍ଜୁଲତା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ବିଜୟଙ୍କ ବାପା ହରିହରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ବିଜୟଙ୍କ ସାନଭାଇ ଅଜୟ ମାର୍ଥା ଫେରାର ଥିବା ଜଣାପଡ଼ିଛି। ପୁଲିସ ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ବିଦ୍ୟୁତ୍ ଆଘାତରେ ୨ ଯାଆଙ୍କ ମୃତ୍ୟୁ

ହିନ୍ଦୋଳ/ଖଜୁରିଆକଟା,୧୭।୬(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ବାଲିମିଥାନା ଅନ୍ତର୍ଗତ ରଞ୍ଜାଗୋଳ ଗ୍ରାମରେ ବିଦ୍ୟୁତ ଆଘାତରେ ଦୁଇ ଯାଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗୌର ଦେହୁରୀଙ୍କ ସ୍ତ୍ରୀ ମନୀଷା ଦେହୁରୀ (୪୫) ଓ ବିଭୂତି ଦେହୁରୀଙ୍କ ସ୍ତ୍ରୀ ରଞ୍ଜୁ ଦେହୁରୀ (୪୭)। ମଙ୍ଗଳବାର ରାତିରେ କାଳବୈଶାଖୀ ପବନରେ ଘର ଅଗଣାରେ ଜୀବନ୍ତ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିଲା। ବୁଧବାର ଭୋର ସମୟରେ ମନିଷା ଓ ରଞ୍ଜୁ ଅଗଣା ଓଳାଉଥିବା ସମୟରେ ପ୍ରଥମେ ରଞ୍ଜୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେ ଚିତ୍କାର କରିବାରୁ ମନୀଷା ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଖଜୁରିଆକଟା ପରେ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକପ୍ରକାଶ କରି ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# ଶରଣକୁଳ ଥାନା ବାବୁଙ୍କ ପ୍ରେମ ନିବେଦନ

**ଏସ୍‌ପିଙ୍କୁ ଭେଟିଲେ ପୀଡ଼ିତା**

ନୟାଗଡ଼,୧୭।୬(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ପୂର୍ବତନ ଏସ୍‌ଡିପିଓ ମଦନ ମୋହନ ପ୍ରଧାନଙ୍କ ପ୍ରେମ ନିବେଦନ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆସିଛି। ଜଣେ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି। ଏପରିକି ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ନୟାଗଡ଼ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି ମହିଳା।

ଅଭିଯୋଗ ଅନୁସାରେ, ଶରଣକୁଳ ଥାନା ଅଞ୍ଚଳର ଜଣେ ମହିଳାଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏ ନେଇ ମହିଳା ଜଣକ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସମୟ ଗଡ଼ିବା ସହ ପୁଲିସ ନ୍ୟାୟ ଦେଇ ନ ଥିଲା। ମହିଳା ବାରମ୍ବାର ଥାନାକୁ ଦୌଡ଼ିବା ପରେ ଥାନା ଅଧିକାରୀ ସୁଜିତ କୁମାର ଦାଶ ତାଙ୍କ ଫୋନ ନମ୍ବର ନେବା ସହ ନ୍ୟାୟ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନ୍ୟାୟ ଦେବେ କ'ଣ, କିଛିଦିନ ପରେ ଫୋନ କରି ମହିଳାଙ୍କୁ ପ୍ରେମ ନିବେଦନ କରିଥିଲେ। ମହିଳାଙ୍କୁ କ୍ୱାର୍ଟର୍ସକୁ ଡାକି ତାଙ୍କ ଅନିଚ୍ଛା ସତ୍ତ୍ୱେ ଜୋର ଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ଘଟଣା ପ୍ରଘଟ କଲେ ମିଛ ମାମଲାରେ ଫସାଇଦେବା ଏବଂ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ପୀଡ଼ିତା ଜଣକ ଲୋକଲଜ୍ଜା ଭୟରେ କାହାକୁ କିଛି କହି ନ ଥିଲେ। ଫଳରେ ଥାନା ଅଧିକାରୀ ବାରମ୍ବାର ମହିଳାଙ୍କୁ ହଇରାଣ କରିବାକୁ ଲାଗି ପଡ଼ିଥିଲେ। ବହୁ ସମୟରେ ମହିଳାଙ୍କୁ ଭିଡିଓ କଲ କରିବା, ଖରାପ ମେସେଜ କରିବା ସହ ଅଶ୍ଳୀଳ ଫଟୋ, ଭିଡିଓ ଛାଡିବା ପାଇଁ ବାଧ୍ୟ ମଧ୍ୟ କରୁଥିଲେ। ଏ ନେଇ ମହିଳା ଜଣକ ବୁଧବାର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିବା ବେଳେ ଥାନା ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ଫୋନ୍ ଲାଗିନାହିଁ। ଅନ୍ୟପଟେ ମହିଳାଙ୍କ ଅଭିଯୋଗ ଆଧାରରେ ଏସ୍‌ପି ତଦନ୍ତ ନିର୍ଦ୍ଦେଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

**ବଦଳିଲେ ଆଇଆଇସି**

କଟକ: ଶରଣକୁଳ ଥାନା ଇନ୍‌ସପେକ୍ଟର ସୁଜିତ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ନୟାଗଡ଼ ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥାପିତ କରାଯାଇଛି। ରାଜ୍ୟ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଅନୁସାରେ, ଜଣେ ମହିଳାଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ତଦନ୍ତର ସ୍ୱଚ୍ଛତା ଏବଂ ନିରପେକ୍ଷତା ଦୃଷ୍ଟିରୁ ଏହି ବଦଳି କରାଯାଇଛି। ଏହି ମାମଲାର ତଦନ୍ତ ବର୍ତ୍ତମାନ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଦ୍ୱାରା ଚାଲିବ ବୋଲି ଜଣାପଡ଼ିଛି।

## ବିଜେପି ବିଧାୟକଙ୍କ ପ୍ରୋତ୍ସାହନରେ ଟିଟିଲାଗଡ଼ରେ ଆତଙ୍କରାଜ: ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ହତ୍ୟା ଘଟଣାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ଆସାମୀ ଜାମିନରେ ଆସି ପୁଣି ଗୁଣ୍ଡାଗର୍ଦ୍ଦି ଚଳାଇଛନ୍ତି। ସର୍ତ୍ତମୂଳକ ଜାମିନରେ ଆସି ସ୍ଥାନୀୟ ବିଜେପି ବିଧାୟକଙ୍କ ପ୍ରୋତ୍ସାହନରେ ଟିଟିଲାଗଡରେ ଆତଙ୍କରାଜ ଚାଲିଛି। ଟିଟିଲାଗଡ଼ ପୁଲିସ ଥାନା ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି।

- ■ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ପରେ ଜାମିନରେ ଆସି ଚଳାଇଛନ୍ତି କ୍ରାଇମ ସିଣ୍ଡିକେଟ୍
- ■ ଯୋଜନାବଦ୍ଧ ଭାବେ ବଟି ଆଦାୟ ଓ ହଡପ୍ ହେଉଛି ଆଦିବାସୀ ଓ ଦଳିତଙ୍କ ଜମି
- ■ ଏତଲା ଦାୟର ନକରିବାକୁ ପୁଲିସକୁ ଧମକାଉଛନ୍ତି ସ୍ଥାନୀୟ ବିଧାୟକ

ବୁଧବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦିକ ଟୁକୁନି ସାହୁ କହିଥିଲେ ଯେ ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଦଣ୍ଡିତ ଆସାମୀ, ସର୍ବୋଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ଜାମିନରେ ଆସି ଟିଟିଲାଗଡରେ ପୁଣି କ୍ରାଇମ ସିଣ୍ଡିକେଟ ଚଳାଇଛନ୍ତି। ଜେଲ ଫେରନ୍ତା ଆସାମୀମାନଙ୍କର ଦୌରାତ୍ମ୍ୟ କାରଣରୁ ସାଧାରଣ ଲୋକେ ଥାନାରେ ମାମଲା ଦାୟର କରିବା ପାଇଁ ଭୟ କରୁଛନ୍ତି। ସେହିପରି ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ଟିଟିଲାଗଡରେ ଘଟୁଥିବା ଏହି ଆତଙ୍କରାଜ ପାଇଁ ସ୍ଥାନୀୟ ବିଜେପି ବିଧାୟକ ଦାୟୀ। ତାଙ୍କର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଟିଟିଲାଗଡରେ ଗୁଣ୍ଡାଗର୍ଦ୍ଦି, ବଟି ଆଦାୟ ଓ ଜମି ହଡପ ଚାଲିଛି। ବିଜେଡି ନେତା ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ହତ୍ୟାକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇ ସର୍ବୋଚ୍ଚ ଅଦାଲତରୁ ସର୍ତ୍ତମୂଳକ ଜାମିନରେ ଆସିଥିବା ଦୁଇ ଜଣ ଅପରାଧୀକୁ କ୍ରାଇମ ସିଣ୍ଡିକେଟ ଚଳାଇବାରେ ସ୍ଥାନୀୟ ବିଜେପି ବିଧାୟକ ସହାୟତା ଦେଉଛନ୍ତି। ଅଦାଲତର ସର୍ତ୍ତ ମୁତାବକ ଟିଟିଲାଗଡ ସହରକୁ ପ୍ରବେଶ ମନା ଥିଲେ ମଧ୍ୟ ଦୁଇ ଆସାମୀ ଗତ ଏକ ବର୍ଷ ଧରି ଟିଟିଲାଗଡରେ ରହି



ଆତଙ୍କରାଜ ଚଳାଇ ଆସୁଛନ୍ତି। ଏଥିରେ ସ୍ଥାନୀୟ ପୁଲିସ ନିରବଦ୍ରଷ୍ଟା ସାଜିଛି। ଗତକାଲି ବଲାଙ୍ଗିର ଏସ୍ପି ବ୍ୟକ୍ତିଗତ ଭାବେ ଏହି ମାମଲା ହସ୍ତକ୍ଷେପ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ତେଣୁ ବଲାଙ୍ଗୀର ଜିଲ୍ଲା ଦାୟିତ୍ୱରେ ଥିବା ବରିଷ୍ଠ ଆଇପିଏସ୍ ଅଧିକାରୀ ଏବଂ ପଶ୍ଚିମାଞ୍ଚଳ ଆଇଜି ତୁରନ୍ତ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସର୍ତ୍ତ ଖିଲାପ ଅଭିଯୋଗରେ ଦୁଇ ଆସାମୀଙ୍କ ଜାମିନ ବାତିଲ କରିବା ପାଇଁ ପଦକ୍ଷେପ ନେବା ସହ ପୀଡିତଙ୍କୁ ଥାନାରେ ଏତଲା ଦାୟର ନକରିବାକୁ ଧମକାଇବା ଅଭିଯୋଗରେ ସ୍ଥାନୀୟ ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ବିଜେଡି ଦାବି କରିଛି।

## ● ବିନୋଦିନୀଙ୍କ ପାଇଁ ଆବାସ ଗୃହ ସାତସପନ
## ଦଦରା ମାଟି ଘରେ ବିତୁଛି ଜୀବନ



କିଶୋରନଗର,୧୭ ।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅନ୍ତର୍ଗତ କଦଳିମୁଣ୍ଡା ଗ୍ରାମର ବିନୋଦିନୀ ସେଠୀ ସ୍ୱାମୀ ଯୋଗେଶ୍ୱର ସେଠୀ ପାଞ୍ଚ ପ୍ରାଣୀ କୁଟୁମ୍ବ । ଚଳିବାକୁ ଘର ନାହିଁ। ବର୍ଷା ହେଲେ ପାଣି ପଶିଯାଉଛି ଘର ଭିତରକୁ । ଘର କାନ୍ଥ ଆଁ କରି ରହିଛି । କେତେ ବେଳେ କାହା ଉପରେ ପଡ଼ିବ କହିହେବ ନାହିଁ। କଥାରେ ଅଛି ଚେଇଁ ଶୋଇଥିବ ଯିଏ ତାକୁ ଉଠେଇବ କିଏ । ବିନୋଦିନୀ ବାରମ୍ବାର ଏ ନେଇ ସରପଞ୍ଚ, ବିଡିଓଙ୍କ ପାଖକୁ ଦୌଡ଼ି ଦୌଡ଼ି ଶେଷରେ ହତାଶ ହୋଇ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ସରକାର ଏତେ ଯୋଜନା କରୁଛନ୍ତି କିନ୍ତୁ ପ୍ରକୃତ ହିତାଧିକାରୀ ସେଥିରୁ ବଞ୍ଚିତ ହେଉଛନ୍ତି। ବିନୋଦିନୀ ଗଣମାଧମ ମାଧମରେ ମୁଖ୍ୟମନ୍ତ୍ରୀଙ୍କୁ ଆବାସ ଗୃହ ପାଇଁ ନିବେଦନ କରିଛନ୍ତି । ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ।

## ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ପାଳନ

କଣିହାଁ,୧୭ ।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବୁଧବାର କଣିହାଁ ପଞ୍ଚାୟତ ସମିତି ପ୍ରାଙ୍ଗଣରେ "ବିକାଶର ଧାରା, ଓଡ଼ିଶା ସାରା ଜନ ସମ୍ପର୍କ ଓ ଜନ କଲ୍ୟାଣ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ପଞ୍ଚାୟତ ସମିତି ପକ୍ଷରୁ ୭ ଦିନ ଧରି ବିଭିନ୍ନ ବିଭାଗର ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ୍ ସ୍ଥାପନ କରାଯାଇ ସରକାରଙ୍କ ଯୋଜନା ଓ ସେବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି । ସେହିପରି ବିଭିନ୍ନ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ଓ ପ୍ରମାଣପତ୍ର ବଣ୍ଟନ କରାଯାଇଛି ।



୨୫ ହିତାଧିକାରୀଙ୍କୁ ନୂତନ ଭତ୍ତା ମଞ୍ଜୁରିପତ୍ର, ଓ ୩୨ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ମାର୍ଟଫୋନ ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୧୬ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଇଛି। ୧୨ ଜଣଙ୍କୁ ନୂତନ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିବା ବେଳେ ୩୭ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ୪ ଜଣଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନା କାର୍ଡ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ସାଂସଦଙ୍କ ପ୍ରତିନିଧି ନୃସିଂହ ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୁତୀକ୍ଷ୍ଣା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

**ବଣ୍ଡାଁରପାଳ:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ବଣ୍ଡାଁରପାଳ ପଞ୍ଚାୟତ ସମିତି ସଭାଗୃହରେ 'ଓଡ଼ିଶା ସାରା ବିକାଶ ଧାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବୁଧବାର ଅନୁସୂଚିତ ଜନଜାତି ସମୁଦାୟଙ୍କ କଲ୍ୟାଣ ଓ ସରକାରୀ ଯୋଜନାର ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ଅନ୍ତ୍ୟୋଦୟ ଯୋଜନା, ମଧୁବାବୁ ପେନସନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଶିକ୍ଷା ସହାୟତା ଓ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଶିକ୍ଷା ସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ମାୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ଛବିନାରାୟଣ ସାହୁ, ସାଂସଦଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ ଏବଂ ସଭ୍ୟ ଗୋପାଳ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୦ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ, ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। ଉଦ୍ୟମିତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଇଂ ଐଶ୍ୱର୍ଯ୍ୟା ସାଧବୀ ଏବଂ ପାରମ୍ପରିକ କଳା କ୍ଷେତ୍ରରେ ଅବଦାନ ପାଇଁ ନେହରୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡିଓ ଲୋଚନ ଦାସ ସଭାପତିତ୍ୱ କରିଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏବିଡିଓ ମାଧବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଧାନଶିକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ



କିଶୋରନଗର,୧୭ ।୬(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ମହାନଦୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଅଶୋକ କୁମାର ଜେନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରାଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଶୋକ କୁମାର ଜେନା ପୂର୍ବରୁ ଏହି ବିଦ୍ୟାଳୟରେ ଛାତ୍ର ଭାବେ ଶିକ୍ଷା ସମାପ୍ତ କରିଥିଲେ । ନିଜେ ପଢ଼ିଥିବା ସ୍କୁଲର ସର୍ବୋଚ୍ଚ ପଦବୀ ମଣ୍ଡନ କରିବା ଅଞ୍ଚଳ ପାଇଁ ଗୌରବର ବିଷୟ ପାଲଟିଛି । ତାଙ୍କର ଏହି ନିଯୁକ୍ତି ପରେ ହଣ୍ଡପା ଅଞ୍ଚଳବାସୀ, ଅଭିଭାବକ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଓ ଉନ୍ନତିରେ ତାଙ୍କ ଅଭିଜ୍ଞତା ବେଶ୍ ସହାୟକ ହେବ ବୋଲି ସମସ୍ତେ ଆଶା ପ୍ରକଟ କରିଛନ୍ତି ।

# ସାତକୋଶିଆ ଇକୋ ସେନସିଟିଭ୍ ଜୋନ ପ୍ରତିବନ୍ଧକରେ ପରିବର୍ତ୍ତନ ଦାବି



ଅନୁଗୋଳ,୧୭ ।୬(ସମିସ):

ସାତକୋଶିଆକୁ ଇକୋ ସେନସିଟିଭ ଜୋନ୍ ଘୋଷଣା କରିବାକୁ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ତରଫରୁ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି । ଏହି ଜୋନ୍ ଭିତରେ ଅନୁଗୋଳ, ବୌଦ୍ଧ, କଟକ ଓ ନୟାଗଡ଼ ଜିଲ୍ଲାର ୨୦୫ ଗାଁ ଅନ୍ତର୍ଭୁକ୍ତ ରହିଛି । ତେବେ ଇକୋ ସେନସିଟିଭ୍ ଜୋନ୍ ଭିତରେ ବ୍ୟାପକ କଟକଣା ଥିବାରୁ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେବା ଆଶଙ୍କା କରି ସାତକୋଶିଆ ଅଧିବାସୀମାନେ ଏହାର ବିରୋଧ କରିବା ସହ ବୁଧବାର ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନଙ୍କ ଉପସ୍ଥିତିରେ ଭୁବନେଶ୍ୱରଠାରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ହୋଇଛି ଯେ ପ୍ରସ୍ତାବିତ ପରିବେଶ-ସମ୍ବେଦନଶୀଳ କ୍ଷେତ୍ର ପାଇଁ ସ୍ଥାନୀୟ ବାସିନ୍ଦା ଆଗାମୀ ଦିନରେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ଆଶଙ୍କା ରହିଛି । ସେମାନେ ପିଢ଼ିପିଢ଼ି ଧରି ସାତକୋଶିଆ ଗଣ୍ଡ ଓ ମହାନଦୀ କୂଳବର୍ତ୍ତୀ ଜଙ୍ଗଲର ସୁରକ୍ଷା କରି ନିଜ ଜୀବନଜୀବିକା ଚଳାଇ ଆସୁଥିଲା ବେଳେ ବର୍ତ୍ତମାନର ଅସ୍ପଷ୍ଟ ଇକୋ ସେନସିଟିଭ ଜୋନ ବିଜ୍ଞପ୍ତି ଏହାକୁ ବିପଦକୁ ଠେଲିଦେଇଛି । ଏପରିକି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କିଓସ୍କ, ହୋମଷ୍ଟେ, କମ୍ୟୁନିଟି ଡାଇନିଂ ଭଳି ପ୍ରକଳ୍ପକୁ ବାଣିଜ୍ୟିକ ଦର୍ଶାଇ ବନ୍ଦ କରାଯିବାର ଭୟ ରହିଛି । ପୁଣି କେନ୍ଦ୍ର ସରକାରଙ୍କ ଜାତୀୟଇକୋ-ଟୁରିଜିମ୍ ନୀତି-୨୦୨୪ର ନିର୍ଦ୍ଦେଶ ସତ୍ତ୍ୱେ ଏଥିରେ ଗୋଷ୍ଠୀଗତ ହୋମଷ୍ଟେ ଓ ସ୍ଥାନୀୟ ଗାଇଡ୍ ସେବାକୁ ପ୍ରୋତ୍ସାହିତ କରାଯାଇନାହିଁ। ପର୍ଯ୍ୟଟନ ମାଷ୍ଟରପ୍ଲାନ ପାଇଁ ବନବିଭାଗ ଓ ପର୍ଯ୍ୟଟନ ବିଭାଗ ମଧ୍ୟରେ କୌଣସି ସମନ୍ୱୟ ନାହିଁ। ସେହିପରି ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଯୋଜନା ଏବଂ ପ୍ରସ୍ତାବିତ ଇକୋ ସେନସିଟିଭ ଜୋନ ବିଜ୍ଞପ୍ତି ମଧ୍ୟରେ କୌଣସି ତାଳମେଳ ନାହିଁ । ଏଣୁ ପ୍ରଭାବିତ ଗ୍ରାମବାସୀଙ୍କ ମତାମତ ଜାଣିବା ପାଇଁ ଏକ ଜିଲ୍ଲାସ୍ତରୀୟ ପରାମର୍ଶ ବୈଠକ ଆୟୋଜନ କରିବାକୁ ଲୋକେ ଦାବି କରିଛନ୍ତି । ଏହା ସହ ପ୍ରସ୍ତାବିତ ଖସଡ଼ା ବିଜ୍ଞପ୍ତିରେ ଆବଶ୍ୟକ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ଏହା କରା ନ ଗଲେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବପିଢ଼ିଙ୍କ ଜୀବିକା ବୁଡ଼ିବା ସହ ଜନସାଧାରଣ ଓ ବନ ବିଭାଗ ମଧ୍ୟରେ ଦୂରତା ବଢ଼ିଯିବ ବୋଲି ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି ।

ଅଭିଯୋଗପତ୍ର ପାଇବା ପରେ ପିସିସିଏଫ୍ କହିଛନ୍ତି ଯେ ଏବେ ମାତ୍ର ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି । ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ ହୋଇନାହିଁ। ତେଣୁ ଏଥିରେ ବ୍ୟସ୍ତ କିମ୍ବା ଭୟଭୀତ ହେବାର ନାହିଁ। ସମ୍ପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇବା ପୂର୍ବରୁ ଗ୍ରାମବାସୀଙ୍କ ମତାମତ ନିଆଯିବା ସହ ସେମାନଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ। ଅନୁଗୋଳ ବିଧାୟକ ପ୍ରଧାନ କହିଛନ୍ତି, ସାତକୋଶିଆ ଅଞ୍ଚଳବାସୀଙ୍କ ଦାବି, ପର୍ଯ୍ୟଟନ ଶିଳ୍ପର ଉନ୍ନତି ଓ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ପ୍ରତି ପ୍ରାଧାନ୍ୟ ଦିଆଯିବ। ସ୍ଥାନୀୟ ଲୋକ ରହିଲେ ଜଙ୍ଗଲ ରହିବ ଓ ଜଙ୍ଗଲ ରହିଲେ ଜୀବଜନ୍ତୁ ରହିବେ । ସ୍ଥାନୀୟ ବାସିନ୍ଦା କିପରି ରୋଜଗାରକ୍ଷମ ହୋଇପାରିବେ ଓ ଆଉ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନ ଯିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପିସିସିଏଫ୍‌ଙ୍କୁ ବିଧାୟକ ପରାମର୍ଶ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାତକୋଶିଆ କ୍ଷତିଗ୍ରସ୍ତ ପ୍ରଜା ସୁରକ୍ଷା ସମିତି ତରଫରୁ ସଭାପତି ଦନାର୍ଦ୍ଦନ ସାହୁ, ଟିକରପଡ଼ା ସରପଞ୍ଚ ସୌମ୍ୟରଞ୍ଜନ ସାହୁ, ପୁରୁଣାକୋଟ ସରପଞ୍ଚ ରଶ୍ମିତା ବିଶୋଇ, ଟାଇଁଶି ସରପଞ୍ଚ ସୌଦାମିନୀ ପ୍ରଧାନ, ଜଗନ୍ନାଥପୁର ସରପଞ୍ଚ ବନିତା ମହାଲିକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପିସିସିଏଫ୍‌ଙ୍କୁ ୨୦୫ ଗ୍ରାମର ପ୍ରତିନିଧିଙ୍କ ଦାବିପତ୍ର

## ମହାକାଳପଡ଼ା ବିଡିଓ ଓ ଆଇଆଇସିଙ୍କୁ ବରଖାସ୍ତ ଓ ଗିରଫ ଦାବି

ଛେଣ୍ଡିପଦା,୧୭ ।୬(ସମିସ): ମହାକାଳପଡ଼ା ବିଡିଓ ଓ ଆଇଆଇସିଙ୍କୁ ତୁରନ୍ତ ବରଖାସ୍ତ କରି ଉଭୟଙ୍କୁ ଗିରଫ ଦାବିରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଓ ତାଳଚେରରୁ ଚିଠି ଅଭିଯାନ ଆରମ୍ଭ ହୋଇଛି । ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କ ଦ୍ୱାରା ଦାଖଲ ହୋଇଥିବା ଏଫଆଇଆରରେ ବିଡିଓ ଓ ଆଇଆଇସିଙ୍କୁ ପ୍ରମୁଖ ଅଭିଯୁକ୍ତ ଭାବେ ଉଲ୍ଲେଖ କରାଯାଇଥିବାରୁ ଛେଣ୍ଡିପଦା ବ୍ଲକ୍ କଂଗ୍ରେସର ଶତାଧିକ ନେତା ଓ କର୍ମୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠିଲେଖି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧୀ ଦଳରେ ଥିବା ସମୟରେ ପୁଲିସ ଦୁର୍ବ୍ୟବହାର ଓ ଉତ୍ପୀଡ଼ନ ବିରୋଧରେ ଦିଆଯାଇଥିବା ମତାମତକୁ ଉଦ୍ଧୃତ କରି ଚିଠିଲେ ଉଲ୍ଲେଖ କରାଯାଇଛି ଯେ ବିଜେପି ସରକାରର ଦୁଇବର୍ଷ ପରେ ମଧ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସିନାହିଁ। ଜଣେ ସରପଞ୍ଚ ମଧ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧି, ଯେପରି ଜଣେ ବିଧାୟକ କିମ୍ବା ସାଂସଦ। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ମଧ ନିର୍ବାଚିତ ପ୍ରତିନିଧି ଭାବେ ଲୋକଙ୍କ ପ୍ରତି ଉତ୍ତରଦାୟୀ । ସରପଞ୍ଚ ମଧ ନିଜ ଭୋଟରଙ୍କ ପ୍ରତି ସମାନ ଭାବେ ଦାୟୀ । ବିଡିଓ କାର୍ଯ୍ୟାଳୟ ପରିସରରେ ଚାମେଲୀଙ୍କୁ ଆକ୍ରମଣ ଘଟଣାରେ ବିଡିଓ, ଆଇଆଇସି ଓ ସେମାନଙ୍କ ଦ୍ୱାରା ନିଯୁକ୍ତ ଦୁର୍ବୃତ୍ତମାନଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ଥିବା ସତ୍ତ୍ୱେ କେନ୍ଦ୍ରାପଡ଼ା ଏସପି ନିରବ ରହିଛନ୍ତି । ନିଜ ଅଧସ୍ତନ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ଦେବା ପାଇଁ ଏସ୍‌ପି ଏପରି ମନୋଭାବ ଦେଖାଯାଉଥିବା ଚିଠିରେ ଅଭିଯୋଗ କରାଯାଇଛି । ଛେଣ୍ଡିପଦା ବ୍ଲକ କଂଗ୍ରେସ ସଭାପତି ଅଜୟ ବେହେରା, ଉପସଭାପତି ପ୍ରିୟବ୍ରତ ନାୟକ ଏବଂ ଛନ୍ଦୁଆ, ବସନ୍ତପୁର, ମଟକୁଟା, ବାଗେଡ଼ିଆ, ପତ୍ରପଡ଼ା, କଡ଼ୋଳେଇ, ଟୁଙ୍କୁଡ଼ା, ଦୁର୍ଗାପୁର, କୋଶଳା, ତେନ୍ତୁଲେଇ ଓ ଜାରପଡ଼ା ପଞ୍ଚାୟତର ସୌଭାଗ୍ୟ ନାୟକ, ରଞ୍ଜନ ସାହୁ, ଦୁଃଶାସନ ପଲେଇ, ଝସକେତନ୍ ସାହୁ, ରାଜୀବ ସାହୁ, ଭୁବନ ବେହେରା, ମୁନକାନ୍ତ ସାହୁ, ପ୍ରଦୀପ ସାହୁ, କେଶବ ସାହୁ, ରାଘବ ପ୍ରଧାନ, ସନ୍ତୋଷ ସାହୁ, କଲ୍ୟାଣ ସାହୁ ପ୍ରମୁଖ ବହୁ ନେତା ଓ କର୍ମୀ ଚିଠିରେ ସ୍ୱାକ୍ଷର କରିଛନ୍ତି ।

### ଅନୁଗୋଳରୁ ରାଷ୍ଟ୍ରପତିଙ୍କୁ ଶତାଧିକ ଚିଠି

## ବାୟୋମେଡିକାଲ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟକୁ ବିରୋଧ



କଣିହାଁ,୧୭ ।୬(ସମିସ): କଣିହାଁ ବ୍ଲକ ସମଲ ଥାନା ଶିପୁର ଗ୍ରାମରେ ପ୍ରସ୍ତାବିତ ବାୟୋମେଡିକାଲ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଣ୍ଟକୁ ବିରୋଧ କରି ବୁଧବାର ଶତାଧିକ ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନ କରିଛନ୍ତି । ବହୁ ସଂଖ୍ୟକ ମହିଳା ଓ ପୁରୁଷ ଜାତୀୟ ରାଜପଥ ୧୪୯ ଏବଂ ତାଳଚେର-ଖମାର ମୁଖ୍ୟ ରାସ୍ତାର ଶିପୁର ଛକଠାରେ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା ।

ସକାଳ ୬ଟାରୁ ଗ୍ରାମବାସୀ ଆନ୍ଦୋଳନ ଆରମ୍ଭ କରିଥିଲେ। ଫଳରେ କିଛି ସମୟ ପାଇଁ ପୁଲିସ ଗାଡ଼ି ଏବଂ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ମଧ ପ୍ରଭାବିତ ହୋଇଥିଲା। ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ବାୟୋମେଡିକାଲ ୱେଷ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ହେଲେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ସ୍ଥାନୀୟ ଲୋକେ ବିଭିନ୍ନ ମାରାତ୍ମକ ରୋଗର ଶିକାର ହେବେ। ପ୍ଲାଣ୍ଟ କର୍ତ୍ତୃପକ୍ଷ ଗ୍ରାମର କେତେକ ବ୍ୟକ୍ତିଙ୍କ ସହଯୋଗରେ ଜନଶୁଣାଣି ପ୍ରକ୍ରିୟା ସମ୍ପନ୍ନ କରି ପ୍ରଶାସନିକ ଅନୁମତି ହାସଲ କରିଛନ୍ତି। ଏନେଇ ପୂର୍ବରୁ ପ୍ରଶାସନିକ ସ୍ତରରେ ଅଭିଯୋଗ କରାଯାଇଥିଲେ ମଧ କୌଣସି ଫଳ ମିଳି ନ ଥିବାରୁ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଥିବା କହିଛନ୍ତି । ସମସ୍ୟା ସମାଧାନ ପାଇଁ ମଙ୍ଗଳବାର ତାଳଚେର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଫଳରେ ବୁଧବାର ସକାଳୁ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଘଟଣାସ୍ଥଳରେ ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ, ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ ଓ କଣିହାଁ ତହସିଲଦାର ପ୍ରଣବ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସାମୟିକ ଭାବେ ଏହି ପ୍ଲାଣ୍ଟ କାର୍ଯ୍ୟ ବନ୍ଦ ରଖାଯିବା ସହ ଘଟଣାର ସମୀକ୍ଷା ପାଇଁ ଏକ ନୂତନ କମିଟି ଗଠନ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ଶିପୁର ଗ୍ରାମ ସଭାପତି ପ୍ରହ୍ଲାଦ ସାମଲ, ସମ୍ପାଦକ ସୁବାସ ମହାନ୍ତି, ଉପଦେଷ୍ଟା ସୁବ୍ରତ ଗଡ଼ନାୟକ, ଜଳଧର ସାମଲ, ପୁରୁଷୋତ୍ତମ ବେହେରା, କ୍ଷେତ୍ରବାସୀ ପ୍ରଧାନ, ଉପସଭାପତି ଯୁଗଳ କିଶୋର ଗଡ଼ନାୟକ, କୋଷାଧ୍ୟକ୍ଷ ମୁରଲୀ ସାମଲ, ମହେଶ୍ୱର ପ୍ରଧାନ, ମାୟାଧର ସାମଲ, ବିନୋଦ ସାମଲ, ଦାଶରଥି ସାମଲ, ବେଣୁଧର ସାମଲ, ଧରଣୀଧର ପ୍ରଧାନ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ।

### ଶିପୁରରେ ରାସ୍ତାରୋକ

## ଜିଲ୍ଲାସ୍ତରୀୟ ପୁରାଣ ପ୍ରତିଯୋଗିତା; ମାନପୁର ପ୍ରଥମ



ତାଳଚେର,୧୭ ।୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ଅବସରରେ ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ୧୪ତମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପରିଷଦର ସମ୍ପାଦକ ଶିକ୍ଷାବିତ୍ ଜଗନ୍ ମୋହନ ଗଡ଼ନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ହିଙ୍ଗୁଳା କୋଇଲା ଖଣିର ମହାପ୍ରବନ୍ଧକ ଏସ୍‌ଭି ଯୋଶୀ, ସମ୍ମାନିତ ଅତିଥି ଭାବେ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ସଭାପତି ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ପଦ୍ମନାଭ ସ୍ୱାଇଁ, ଟ୍ରଷ୍ଟ ବୋର୍ଡ ସଦସ୍ୟ ରାଜେନ୍ଦ୍ର ସିଂହ, ମୁରଲୀଧର ସାହୁ, ଅରୁଣ ପ୍ରଧାନ, ରତ୍ନାକର ସାହୁ, ସଞ୍ଜୟ ସାହୁ, ପୂର୍ବତନ ସରପଞ୍ଚ ପଠାଣି ବାରିହା, ଦଣ୍ଡଗୁରୁ ହରମୋହନ ସାହୁ, ଆମ ପୁରାଣ, ଆମ ସଂସ୍କୃତି ଅନୁଷ୍ଠାନ ସଭାପତି ବିଜୟ ଦାସ, ସମ୍ପାଦକ ବାମଦେବ ସେଠ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ତମନ୍ନା ନାୟକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ପ୍ରବଚିକା ଧୀରାରାଣୀ ମହନ୍ତ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ବଣ୍ଡାଁରପାଳ, ଶିରିଗିଡ଼ା, କଙ୍କିଳି, ଶାବଳଭଙ୍ଗା, ଲାଙ୍ଗିଯୋଡ଼ା, ପୁରୁକିଆ, ମାନପୁର, ସାନ ଯୋରଡ଼ା, ଗୋବରା, ବଡ଼ ଯୋରଡ଼ା, ସାନତ୍ରିବିଡ଼ା ପ୍ରମୁଖ ୧୨ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ରାହାସ ଚନ୍ଦ୍ର ବିଶ୍ୱାଳ ଦାୟିତ୍ୱ ତୁଲାଇଥିବା ବେଳେ ଅରୁଣ କୁମାର ଗଡ଼ନାୟକ, ହେମନ୍ତ ଦାସ, ସୁଶୀଲ କୁମାର ପ୍ରଧାନ, ଦିଲୀପ ଦାସ, ସଂଯୁକ୍ତା ସାହୁ, କରୁଣାକର ବାଇ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ତ୍ରେତାନନ୍ଦ ସାମନ୍ତ, ଗୀତାମୟୀ ମହାପାତ୍ର ଓ ଲିଲି ପ୍ରଧାନ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ମାନପୁର ପ୍ରଥମ, ସାନ ଯୋରଡ଼ା ଦ୍ୱିତୀୟ ଓ ବଡ଼ ଯୋରଡ଼ା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅତିଥି ମାନପତ୍ର ସହ ଟ୍ରଫି, ଓ ଆଧ୍ୟାତ୍ମିକ ପୁସ୍ତକ ଉପହାର ଦେଇଥିଲେ ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ରଜ ଉତ୍ସବ ପାଳିତ



ଅନୁଗୋଳ,୧୭ ।୬(ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୋଳ ଜିଲ୍ଲା ବଡ଼ମହୀତଳାସ୍ଥିତ ଜନ ଜୀବିକା କେନ୍ଦ୍ର (ଜେଜେକେ) ଏବଂ ଜାମୁନାଳି ଗାଁରେ ରଜ ଉତ୍ସବ ପାଳିତ ହୋଇଛି । ଉତ୍ସବରେ ନତଡ଼ା ଓ ଜାମୁନାଳି ପଞ୍ଚାୟତର ଏକ ହଜାରରୁ ଊର୍ଦ୍ଧ୍ୱ ଯୁବତୀ ଓ ମହିଳା ଅଂଶଗ୍ରହଣ କରିଥିଲେ । ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ନାରୀତ୍ୱର ଭାବନା ଏବଂ ଧରଣୀ ମାତାଙ୍କ ଉର୍ବରତାର ଉତ୍ସବ ପାଳନ କରାଯାଇଥିଲା। ଏହାସହ ସମାଜରେ ଏକତା, ନାରୀ ସଶକ୍ତୀକରଣ ଏବଂ ସାମୁଦାୟିକ ଗୌରବବୋଧକୁ ପ୍ରୋତ୍ସାହିତ କରାଯାଇଥିଲା । ପୋଡ଼ପିଠା ସାଙ୍ଗକୁ ରଜଦୋଳି ଓ ରଜଗୀତରେ ପରିବେଶ ଉତ୍ସବମୁଖର ହୋଇଥିଲା । ଏହି ଅବସରରେ ରଜ ପାନ ପ୍ରସ୍ତୁତି, ମ୍ୟୁଜିକ ଚେୟାର, ପୁଚିଖେଳ ଏବଂ ଏକକ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଜିନ୍ଦଲ ମହିଳା ସମିତିର ଅନିତା ମିତ୍ତଲ, ମିନି ନାୟାର, ଜାମୁନାଳି ସରପଞ୍ଚ ଶିଳା ପ୍ରଧାନ, କୁଇଓ ସଭାପତି ଧ୍ରୁବଚରଣ ଦେହୁରୀ, ଏଲ୍ ଆଣ୍ଡ ପିଆର ବିଭାଗର ଇଭିପି ପିକେ ପଣ୍ଡା, ଜିନ୍ଦଲ ଷ୍ଟିଲର ସିଏସଆର ମୁଖ୍ୟ ରିଷି ପଠାନିଆ, ଓଏଚସିର ପୁଷ୍ଟିସାର ବିଶେଷଜ୍ଞ ସୀମା ବର୍ମା, ସୁରକ୍ଷା ବିଭାଗର ଏଜିଏମ୍, ସସ୍ମିତାରାଣୀ ଦାସ, ଅନିତା ମହାନ୍ତି ଏବଂ ଜିନ୍ଦଲ ଷ୍ଟିଲର ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ । ଅନୁଗୋଳ ସିଏସଆର୍ ବିଭାଗ ମୁଖ୍ୟ ଏବଂ ମହାପ୍ରବନ୍ଧକ ଜୟନ୍ତ କୁମାର ମହାନ୍ତି ଧନ୍ୟବାଦ ଜଣାଇଥିଲେ ।

# ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

ଅନୁଗୋଳ,୧୭ ।୬(ସମିସ):

ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି । ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସଓ) ପକ୍ଷରୁ ମଧ ଏହାକୁ ଦୃଢ଼ ବିରୋଧ କରାଯାଇଛି। ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ଖାମଖିଆଲି ମନ୍ତବ୍ୟକୁ ସଂଗଠନର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତିରେ ଦୃଢ଼ ନିନ୍ଦା କରିଛନ୍ତି। ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଜାତୀୟ ଶିକ୍ଷାନୀତି ପ୍ରଚଳନ ଦ୍ୱାରା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । କେବଳ ଅଷ୍ଟମ ଶ୍ରେଣୀ ବହିରେ ୭୦୦ରୁ ଊର୍ଦ୍ଧ୍ୱ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ରୁ ଊର୍ଦ୍ଧ୍ୱ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି। ମୋଟ ୧୭୦୦ ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରିପାରେ। ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ ଯେଉଁ ୧୭୦୦ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ ବିକୃତ ଶିକ୍ଷା ପାଇବେ, ଯଦ୍ୱାରା ସେମାନଙ୍କ ଚିନ୍ତା କରିବାର କ୍ଷମତା ମଧ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ। ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ ତାହା ନୁହେଁ ସେମାନେ ଅନ୍ଧତା, କୁପମଣ୍ଡୁକତାର ମଧ ଶିକାର ହେବେ। ଅସଲରେ ଏହି ପାଠ୍ୟପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂରପ୍ରସାରୀ ଷଡ଼ଯନ୍ତ୍ର ଏବଂ ବିଜ୍ଞାନ ସମ୍ମତ ଶିକ୍ଷାଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସଓ ପକ୍ଷରୁ ଅଭିଯୋଗ କରାଯାଇଛି। ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ ସହ ଗଣଶିକ୍ଷାମନ୍ତ୍ରୀ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରନ୍ତୁ ନଚେତ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦକ ନାରାୟଣ ନାୟକ ଚେତାବନୀ ଦେଇଛନ୍ତି।

## ବନ୍ଧୁକ ଜବତ, ଜଣେ ଗିରଫ

ବଇଣ୍ଡା,୧୭ ।୬(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୋପୀନାଥପୁର ଜଙ୍ଗଲରେ ପୁଲିସ ଚଢ଼ଉ କରି କାଳନ୍ଦି ସାହୁଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା ରୁଜୁକରି କାଳନ୍ଦିଙ୍କୁ କୋର୍ଟ ଚାଲାଣ କରାଯାଇଛି। କାଳନ୍ଦି ବନ୍ଧୁକ ଧରି ଜଙ୍ଗଲରେ ଅପରାଧ ଘଟାଇବା ପାଇଁ ଯୋଜନା କରୁଥିବା ବେଳେ ଖବର ପାଇଁ ପୁଲିସ ଚଢ଼ଉ କରିଥିଲା।


## ମାରଣାସ୍ତ୍ର ଦେଖାଇ ବାଇକ ଲୁଟ୍

ବଣ୍ଡାଁରପାଳ,୧୭ ।୬(ସମିସ): ବଣ୍ଡାଁରପାଳ ଥାନା ଫୁଲପଡ଼ା ଗ୍ରାମ ନିକଟରେ ମାରଣାସ୍ତ୍ର ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ବାଇକ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ହିନ୍ଦୋଳ ଥାନା କଂସରା ଗ୍ରାମର ଅମୂଲ୍ୟ ଗଡ଼ନାୟକ (୪୫) ମଙ୍ଗଳବାର ଭୋର୍ ସମୟରେ ନିଜ ବାଇକରେ ତାଳଚେର ଯାଉଥିଲେ । ଫୁଲପଡ଼ା ଗ୍ରାମଠାରୁ ଅଳ୍ପ ଦୂରରେ ତିନି ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ତାଙ୍କୁ ଅଟକାଇଥିଲେ। ଭୟଭୀତ କରିବା ସହ ତାଙ୍କ ବାଇକ, ମୋବାଇଲ ଫୋନ, ପର୍ସରେ ଥିବା ଟଙ୍କା ଓ ଦରକାରୀ କାଗଜପତ୍ର ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଓଲାଭରରେ 'ମିନି ହାଇମାଷ୍ଟ ଲାଇଟ୍' ନାଁରେ ଅନିୟମିତତା ଅଭିଯୋଗ

# ୩୦ ହଜାର କାମକୁ ଦେଢ଼ ଲକ୍ଷ ବିଲ୍!

ରାଜକନିକା,୧୭।୬(ସମିସ)






ରାଜକନିକା ବ୍ଲକ ଓଲାଭର ପଞ୍ଚାୟତର ଦେଉଳସାହି ଦୁର୍ଗା ମନ୍ଦିରରେ ଲାଗିଥିବା "ମିନି ହାଇମାକ୍ସ ଲାଇଟ୍"କୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ପ୍ରକଳ୍ପ ଫଳକରେ ଅଟକଳ ରାଶି ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଯାଇଥିବା ବେଳେ ବାସ୍ତବରେ ଏହି କାମ ୩୦ ହଜାର ଟଙ୍କାରେ ହୋଇପାରିଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଫଳକ ଅନୁଯାୟୀ, ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ା ଓ ପଞ୍ଚାୟତ ସମିତି ରାଜକନିକା ଦ୍ୱାରା ୧୫ତମ ଅର୍ଥ କମିଶନ (ଅନ୍ଟାଇଡ୍) ୨୦୨୫-୨୬ ପାଣ୍ଠିରୁ ଦେଉଳସାହି ଦୁର୍ଗା ମନ୍ଦିରରେ "ମିନି ହାଇମାକ୍ସ ଲାଇଟ୍" ସ୍ଥାପନ କରାଯାଇଛି । ଏଥିପାଇଁ ଆନୁମାନିକ ଖର୍ଚ୍ଚ ୧ ଲକ୍ଷ ୫୦ ହଜାର ଟଙ୍କା ଦର୍ଶାଯାଇଛି । କାମଟି ବିଭାଗୀୟ ଭାବେ କରାଯାଇଥିବା ଉଲ୍ଲେଖ ଅଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଲାଗିଥିବା ଲାଇଟ୍ ପୋଲ୍, ଲାଇଟ୍ ଓ ଅନ୍ୟ ସାମଗ୍ରୀର ବଜାର ମୂଲ୍ୟ ସର୍ବାଧିକ ୨୫ରୁ ୩୦ ହଜାର ଟଙ୍କା ହେବ । ହେଲେ ପ୍ରକଳ୍ପ ନାଁରେ ୧.୫ ଲକ୍ଷ ଟଙ୍କାର ବିଲ୍ ହୋଇଛି । ଏହା ସରକାରୀ ଟଙ୍କାର ଅପଚୟ। ଗୋଟିଏ ପୋଲ୍ ଓ ୪ଟି ଲାଇଟ୍ ପାଇଁ ଦେଢ଼ ଲକ୍ଷ କେମିତି ଖର୍ଚ୍ଚ ହେଲା? ସମ୍ପୂର୍ଣ୍ଣ ବିଲ୍-ଭାଉଚର ଓ ମାପବହି ସାର୍ବଜନୀନ କରାଯାଉ ବୋଲି ଗ୍ରାମର ଯୁବକମାନେ ଦାବି କରିଛନ୍ତି । କାମର ଗୁଣବତ୍ତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କେବଳ ଖର୍ଚ୍ଚ ନୁହେଁ, କାମର ମାନକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି । ଫଳକ ଲଗାଯାଇଥିବା କାନ୍ଥ ଭଙ୍ଗାରୁଜା ଅବସ୍ଥାରେ ଥିବା ବେଳେ ଚାରିପାଖରେ ଅଳିଆ ଆବର୍ଜନା ପଡିଛି । ଏତେ ଟଙ୍କାର କାମ ହେଲେ ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟକରଣ କାହିଁକି ହେଲାନି ବୋଲି ସ୍ଥାନୀୟ ବାସିନ୍ଦା ପଚାରିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମବାସୀ ଜିଲ୍ଲାପାଳ ଓ ବିଡିଓ, ରାଜକନିକାଙ୍କ ନିକଟରେ ଫେରାଦ ହେବେ ବୋଲି ଜଣାଇଛନ୍ତି । କାର୍ଯ୍ୟର ମାପବହି, ମେଟେରିଆଲ୍ ବିଲ୍, ଜିଏସଟି ବିଲ୍ ଓ ଫଟୋ ଯାଞ୍ଚ କରି ସତ୍ୟାସତ୍ୟ ପଦାକୁ ଆଣିବାକୁ ସେମାନେ ଦାବି କରିଛନ୍ତି । ଯଦି ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦାବି ହୋଇଛି । ଏ ସମ୍ପର୍କରେ ଓଲାଭର ବ୍ଲକ ନିର୍ବାହୀ ଅଧିକାରୀ କିମ୍ବା ବିଡିଓ, ରାଜକନିକାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରତିକ୍ରିୟା ମିଳିଲେ ପ୍ରକାଶ କରାଯିବ । ଏହି ରିପୋର୍ଟ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଫଳକରେ ଥିବା ତଥ୍ୟ ଉପରେ ଆଧାରିତ । ଅଭିଯୋଗର ସତ୍ୟାସତ୍ୟ ପ୍ରଶାସନିକ ତଦନ୍ତ ସାପେକ୍ଷ ।

## ସୁନାଚେନ୍ ଛିନ୍ତାଇ ଘଟଣାର ପର୍ଦ୍ଦାଫାସ୍; ୨ ଗିରଫ



କେନ୍ଦ୍ରାପଡ଼ା,୧୭।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ବାହାକଣ୍ଡିଆ ଘାଟଗଡା ନିକଟରେ ଗତ ୧୧ ତାରିଖରେ ଏକ ଦମ୍ପତ୍ତିଙ୍କ ଠାରୁ ସୁନା ଚେନ୍ ଛିନତାଇ ଘଟଣାର ପର୍ଦ୍ଦାଫାସ କରିଛି ସଦର ଥାନା ପୁଲିସ । ଏହି ମାମଲାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ଲୁଟ୍ ହୋଇଥିବା ସୁନା ଚେନ୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଡେରାବିଶ ଥାନା ଅଧୀନ ମନ୍ତ୍ରୀପଡା ଗ୍ରାମର ମହେଶ୍ୱର ସିଂ (୨୩) ଏବଂ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅଧୀନ ମାର୍ଥାପୁର ଗ୍ରାମର ଭଞ୍ଜନ ସିଂ (୩୩) । ପୁଲିସ ତଦନ୍ତ ସମୟରେ ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଛିନତାଇ ହୋଇଥିବା ସୁନା ଚେନ୍ ଉଦ୍ଧାର କରିଥିଲା । ପରେ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି ।

## ବ୍ଲକସ୍ତରୀୟ ବ୍ରାହ୍ମଣ ସଂଘ ବୈଠକ



ଡେରାବିଶ,୧୭।୬(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କସ୍ଥିତ ଭୈରବୀଲାଲ ମଠ ପ୍ରାଙ୍ଗଣରେ ବ୍ଲକ୍‌ସ୍ତରୀୟ ବ୍ରାହ୍ମଣ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୀଲ କୁମାର ଶତପଥିଙ୍କ ଆବାହକତ୍ୱରେ ଆହୂତ ଏହି ବୈଠକରେ ପଣ୍ଡିତ ଜୟନ୍ତ କୁମାର ଶତପଥି ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲା ସଂଘର ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ମୁଖ୍ୟ ଅତିଥିଭାବରେ ଯୋଗଦେଇଥିବା ବେଳେ ପଣ୍ଡିତ କ୍ଷିରୋଦ କୁମାର ପଣ୍ଡା ମୁଖ୍ୟ ବକ୍ତା ଓ ସଂଗଠନ ସମ୍ପାଦକ ତପଦ ଦାଶ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ଏବଂ ସଂଯୋଜକ ଦିପକ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗ ଦେଇଥିଲେ । ଶାରଦା ପ୍ରସନ୍ନ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପଣ୍ଡିତ ନିଶିକାନ୍ତ ପଣ୍ଡାଙ୍କ ବେଦପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଂଯୋଜକ ଶ୍ରୀ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ । ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ଶତପଥି ସଂଗଠନର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବ୍ଲକର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବରେ ଉମାକାନ୍ତ ମିଶ୍ର, ସମ୍ପାଦକ ଅନୀଲ କୁମାର ଶତପଥି, ସଂଗଠନ ସମ୍ପାଦକ ଧୀରେନ୍ଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଜୟନ୍ତ କୁମାର ଶତପଥି ମନୋନିତ ହୋଇଥିଲେ । ଏଥିସହିତ ପଂଚାୟତ ସ୍ତରୀୟ କର୍ମକର୍ତ୍ତା ଭାବେ ଇନ୍ଦାଲୋ ପଂଚାୟତର ସୁକାନ୍ତ କୁମାର ତ୍ରିପାଠୀ, ହରିଅଙ୍କର ସୁଦର୍ଶନ ଶତପଥି, ଯଅଁରାବାରିମୂଳର ରିତ ପତି ଓ ଭଗବାନପୁର ପଂଚାୟତର ରବୀନ୍ଦ୍ର ନାଥ ତ୍ରିପାଠୀଙ୍କୁ ମନୋନିତ କରାଯାଇଥିଲା । ଶେଷରେ ସୁରେନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଢ଼ୀମଙ୍ଗଳା ଯୁବକ ସଙ୍ଘର ବାର୍ଷିକ ରଜ ମହୋତ୍ସବ



ରାଜନଗର,୧୭।୬(ସମିସ): ସବୁବର୍ଷ ପରି ଚଳିତ ବର୍ଷ ଶ୍ରୀଶ୍ରୀ ବୁଢ଼ୀ ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ରାଜନଗର ଗଳିଦାଣ୍ଡର ଆରାଧ୍ୟା ଦେବୀ ମା' ବୁଢ଼ୀମଙ୍ଗଳାଙ୍କ ଦିବ୍ୟ ପ୍ରାଙ୍ଗଣରେ ତ୍ରିଦିବସ ବ୍ୟାପୀ ଏକାଦଶ ବାର୍ଷିକ ରଜ ମହୋତ୍ସବ-୨୦୨୬ ଆଡମ୍ବରରେ ପାଳିତ ହୋଇଯାଇଛି । ପହିଲି ରଜ ସନ୍ଧ୍ୟାରେ ମା ବୁଢୀମଙ୍ଗଳାଙ୍କ ପୀଠରେ ପ୍ରଦୀପ ପ୍ରଜ୍ୱଳନ ସହ ମଞ୍ଚ ଉଦଘାଟନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଓଡିଶାର ପ୍ରଥିତଯଶା ଚିକିତ୍ସକ ଡାଃ ରମେଶ ଚନ୍ଦ୍ର ଦାସ । ରାଜନଗର ଅଞ୍ଚଳରେ ତାଙ୍କର ଉତ୍ସର୍ଗୀକୃତ ସେବା ପାଇଁ ଯୁବକସଙ୍ଘ ତରଫରୁ ତାଙ୍କୁ 'ରାଜନଗର ରତ୍ନ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଆଜି ସମାଜରେ ରଜପର୍ବର ଆନନ୍ଦ ହଜିଯାଉଥିବା ବିଷୟରେ ସୂଚନା ଦେବା ସହ ଜନ୍ମ-ନିୟନ୍ତ୍ରଣର କୁପ୍ରଭାବ ଫଳରେ ଆଜି ଛୋଟ ପରିବାରର ଅଭିଭାବକ ଓ ବାପା ମାଆମାନେ ଏକମାତ୍ର ସନ୍ତାନ ହରାଇ ଭୋଗୁଥିବା କଷ୍ଟଯନ୍ତ୍ରଣା ଉପରେ ଡାଃ ଦାସ ଅତି ଗମ୍ଭୀର ଆଲୋଚନା କରିଥିଲେ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବୁଢୀମଙ୍ଗଳା ଗ୍ରାମ୍ୟ କମିଟିର ସମ୍ପାଦକ ଅଭିରାମ ସାହୁ,ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଓ ଜୟଦୁର୍ଗା ବଣିକ ସଂଘର ପୂର୍ବତନ ସଭାପତି ପଣ୍ଡିତ ସଙ୍କର୍ଷଣ ମିଶ୍ର ଯୋଗ ଦେଇ ରଜପର୍ବ ପାଳନ ଉପରେ ଆଲୋଚନା କରିଥିଲେ । ଶିକ୍ଷକ ରବି ନାରାୟଣ ଲେଙ୍କାଙ୍କୁ ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା । ପରେ ପରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ଉତ୍ତମ ମ୍ୟାଜିକ୍ ସୋ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ସେହିପରି ଶେଷରଜ ଉଦ୍‌ଯାପନୀ ସନ୍ଧ୍ୟାରେ ଯୁବକସଙ୍ଘ ସଭାପତି ଶିବାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟି ସଭାପତି ଭିକାରି ଚରଣ ବଳ, ପ୍ରମୋଦ କୁମାର ବେହେରା, ଅନିରୁଦ୍ଧ ପରିଡ଼ା, କଳାକାର ପ୍ରଫୁଲ୍ଲ ଦାସ, ସୁକାନ୍ତ କୁମାର ବେହେରା ଓ ବାଟୋଇ ପତ୍ରିକା ସମ୍ପାଦକ ଶତ୍ରୁଘନ ତରାଇଙ୍କୁ ମଞ୍ଚରେ ଉତ୍ତରୀୟ ଅର୍ପଣରେ ସମ୍ମାନିତ କରାଯିବା ସହ ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଗଳିଦାଣ୍ଡର ପିଲାମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା ।

ରଜସଂକ୍ରାନ୍ତି ସନ୍ଧ୍ୟାରେ ଗୋପାଳ ଦାଶ ସ୍ମାରକୀ କଳାମନ୍ଦିର, ମୂଳବସନ୍ତ ଓ ଶେଷରଜ ଦିନ ହଂସୁଆ କଳା ପ୍ରତିଷ୍ଠାନ,ରାଜନଗରର କଳାକାରମାନଙ୍କ ନୃତ୍ୟ ସଂଗୀତ ପରିବେଷଣରେ ଦର୍ଶକମାନେ ଆନନ୍ଦ ବିଭୋର ହୋଇଥିଲେ । ଯୁବକ ସଙ୍ଘର ସଭାପତି ଶିବାନନ୍ଦ ରାଉତ, ଆବାହକ ଡାଃ ଅମିୟ ରଞ୍ଜନ ପରିଡା,ସମ୍ପାଦକ ଚନ୍ଦ୍ରକାନ୍ତ ସେଠୀ,ଅମ୍ରିତ ପତି, ସହଦେବ ସେଠୀ, ଭରତ ସାହୁ, ରଜତ ପରିଡ଼ା, ସମୀର ସିଂ, ପ୍ରିୟବ୍ରତ ସାହୁ, ଦୀନବନ୍ଧୁ ସୂତାର, ଯଶୋମତୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ସହଯୋଗ କରିଥିଲେ ଯୁବକସଙ୍ଘର ଉପଦେଷ୍ଟା ଚିତ୍ରଶିଳ୍ପୀ ବିଜୟ ପ୍ରଧାନ, ବ୍ରହ୍ମାନନ୍ଦ ଲେଙ୍କା ।

## ନାବାଳିକା ଦୁଷ୍କର୍ମ ଘଟଣାରେ ଏନ୍‌ଏଚ୍‌ଆର୍‌ସିରେ ମାମଲା: ୫୦ଲକ୍ଷ କ୍ଷତିପୂରଣ ଦାବି

କେନ୍ଦ୍ରାପଡ଼ା,୧୭।୬(ସମିସ): କେନ୍ଦ୍ରାପଡ଼ା ସହରରେ ଜଣେ ୧୨ ବର୍ଷୀୟା ନାବାଳିକା ଦୁଷ୍କର୍ମ ଘଟଣାକୁ ନେଇ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ମାମଲା ଦାଏର କରାଯାଇଛି । ନ୍ୟାୟ ପାଇଁ ଲଢେଇ ପରିବାର (ଓଡ଼ିଶା)ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାରେ ହସ୍ତକ୍ଷେପ କରିବାକୁ କମିଶନଙ୍କ ନିକଟରେ ଆବେଦନ କରିଥିବା ଜଣାପଡ଼ିଛି । ଏନ୍‌ଏଚ୍‌ଆର୍‌ସି କେସ୍ ନମ୍ବର ୧୩୮୩୮/୨୦୨୬ରେ ଏହି ଅଭିଯୋଗ ଦାଏର ହୋଇଛି । "ଆବେଦନରେ ଉଲ୍ଲେଖ କରାଯାଇଛି ଯେ, କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ନିକଟ ସର୍କିଟ ହାଉସ କାଳୀମନ୍ଦିର ପାଖରେ ଅସ୍ଥାୟୀ ଭାବେ ରହୁଥିବା ଛତିଶଗଡ଼ର ବିଲାସପୁର ଅଞ୍ଚଳର ଜଣେ ଝାଡୁ ବିକ୍ରେତା ପରିବାରର ୧୨ ବର୍ଷୀୟା ନାବାଳିକା ଏକ ଅମାନବୀୟ ଘଟଣାର ଶିକାର ହୋଇଥିଲେ । ଏହି ଘଟଣାକୁ ନେଇ କେନ୍ଦ୍ରାପଡ଼ା ସଦର ଥାନାରେ ମାମଲା ରୁଜୁ ହେବା ସହ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସୁବ୍ରତ କୁମାର ଦାଶ ତାଙ୍କ ଆବେଦନରେ ମାନବ ଅଧିକାର କମିଶନଙ୍କ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହ ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି । ସେହିପରି ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ କମିଶନଙ୍କ ନିକଟରେ ଅନୁରୋଧ କରାଯାଇଛି । ଏହି ମାମଲାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଏସ୍‌ପି, ସେଣ୍ଟ୍ରାଲ୍ ରେଞ୍ଜ ଡିଆଇଜି, ଓଡ଼ିଶା ପୁଲିସ ଡିଜି, ଗୃହ ସଚିବ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଥିବା ଜଣାପଡ଼ିଛି । ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଥିବା ବେଳେ, ନ୍ୟାୟ ପାଇଁ ଲଢେଇ ପରିବାର ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ ଓ ପୀଡ଼ିତା ପରିବାରକୁ ନ୍ୟାୟ ପ୍ରଦାନ ନିମନ୍ତେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

## ନାବାଳିକା ଦୁଷ୍କର୍ମ ମାମଲାରେ ୨ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୧୭।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଧୀନ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗ କାଳୀମନ୍ଦିର ନିକଟରେ ଝାଡୁ ବିକ୍ରି କରୁଥିବା ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଘଟଣାରେ ସଦର ଥାନା ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ନିକିରାଇ ଥାନା ଅଧୀନ ତରାଣ୍ଡୋ ଗ୍ରାମର ଶୁଭମ କୁମାର ନାୟକ ଓରଫ ଆକାଶ ଓରଫ ଅଚ୍ୟୁତ (୨୮) ଏବଂ ବିନୋଦ ବିହାରୀ ମଲିକ (୩୨) । ପୁଲିସ ସୂଚନା ଅନୁଯାୟୀ, ଘଟଣାକୁ ନେଇ ସଦର ଥାନାରେ କେସ୍ ନମ୍ବର ୩୭୩/୨୦୨୬ ରୁଜୁ ହୋଇଥିଲା କ୍ଷ ତଦନ୍ତ ପରେ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେମାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍)ର ଧାରା ୭୦(୨), ୭୬, ୧୧୫(୨), ୩୫୧(୩) ସହ ପୋକ୍ସୋ ଆଇନର ଧାରା-୬ ଅନୁସାରେ ମାମଲା ରୁଜୁ କରାଯାଇଛି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବା ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି ।

## ବିଦ୍ୟାଳୟ ପରିସର ସଫେଇ



ପଞ୍ଚୁପାଣ୍ଡବ,୧୭।୬(ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ ପରିସରରେ ସଫେଇ ହୋଇଥିବା ଦେଖିବାକୁ ମିଳୁଛି । ଖରା ଛୁଟି ପରେ ଗୁରୁବାର ଦିନ ସମସ୍ତ ଶିକ୍ଷାନୁଷ୍ଠାନ ଗୁଡିକ ଖୋଲା ହେବ ବୋଲି ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।ପ୍ରାୟ ଦୁଇ ମାସ ଧରି ବିଦ୍ୟାଳୟ ବନ୍ଦ ଥିବାରୁ ବିଦ୍ୟାଳୟ ପରିସରରେ ଘାସ ଜଙ୍ଗଲ ହୋଇଥିବା ବେଳେ କେତେକ ଜାଗାରେ ନଳକୂପ ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା । ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସିଆରସିସି ମାନଙ୍କୁ ସମସ୍ତ ବିଦ୍ୟାଳୟ ବୁଲି ତଦାରଖ କରିବା ସହ ଛାତ୍ର ଛାତ୍ରୀ ମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପାଇଁ ଅବଗତ କରିଥିଲେ । ଛୋଟି ସିଆରସିସି ତ୍ରିଲୋଚନ ମଲିକ ଓ କୁଶିଆପାଳ ତଥା ଭଗବତୀ କ୍ଲଷ୍ଟର ଦାୟିତ୍ୱରେ ଥିବା ସିଆରସିସି ହରେକୃଷ୍ଣ କର ବିଭିନ୍ନ ବିଦ୍ୟାଳୟ ବୁଲି ତଦାରଖ କରିଥିଲେ ।ବିଦ୍ୟାଳୟ ରେ ଥିବା ବିଦ୍ୟୁତ୍, ପାଣି ସମସ୍ୟା, ରୋଷେଇ ଘରର ସାମଗ୍ରୀ ଏବଂ ବିଦ୍ୟାଳୟ ପରିସର ସଫା କରିବା ପାଇଁ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଅବଗତ କରିଥିଲେ ।ଭଗବତୀ କ୍ଲଷ୍ଟରର ସଦାନନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶତ୍ରୁଘନଭ ମଲିକ, ଦୀନବନ୍ଧୁ ମଲିକ, କମଳାକାନ୍ତ ସାହୁ, ଲିଲିମା ସାମଲ, ହୃଷୀକେଶ ମହାରଣା ଏବଂ ଅଙ୍ଗନବାଡ଼ି କର୍ମୀ ଲିଲିମା ପୃଷ୍ଟି ବିଭିନ୍ନ ବିଦ୍ୟାଳୟ ପରିସର ସଫା କରାଇଥିବା ଦେଖିବାକୁ ମିଳିଥିଲା ।

## ଜାତୀୟ ପାୱାରଲିଫ୍ଟିଂରେ ସ୍ୱର୍ଣ୍ଣ ପଦକ ଜିତିଲେ ବ୍ରହ୍ମାଂଶୁ

ଡେରାବିଶ,୧୭।୬(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗ୍ରାମର ସୁଷମା ଓଝାଙ୍କ ପୁଅ ବ୍ରହ୍ମାଂଶୁ ମହାରଣା(୧୭) ଜାତୀୟ ପାୱାରଲିଫ୍ଟିଂ ଯୁବ ବର୍ଗ ବିଭାଗ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏଥିସହିତ ସେ ଆଗାମୀ ଦିନରେ ନରୱେରେ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗ୍ୟତା ହାସଲ କରି ଡେରାବିଶ ବ୍ଲକକୁ ଗୌରବାନ୍ୱିତ କରିଛନ୍ତି । ଉତ୍ତରପ୍ରଦେଶର ମଥୁରା ରାଧାକୁଣ୍ଡ ସ୍ଥିତ ଶ୍ରୀ ଆଦିଗୌଡ ବିଦ୍ୟାଳୟ ପରିସରରେ ଗତ ୪ତାରିଖରୁ ୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାର ସ୍ୱର୍ଣ୍ଣ ବଜେତା ବ୍ରହ୍ମାଂଶୁ ମୋଟ ୪୭୨.୫କେଜି ଓଜନର ଭାରୋତଳନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏହି ବିଭାଗରେ ଦେଶର ବିଭିନ୍ନ ରାଜ୍ୟରୁ ବହୁ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ ସୁଦ୍ଧା ବ୍ରହ୍ମାଂଶୁ ଏଥିରେ ସଫଳତା କରି ସ୍ୱର୍ଣ୍ଣ ବିଜେତା ହୋଇ ପାରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଡେରାବିଶ ବ୍ଲକ ଅଂଚଳରେ ଖୁସିର ଲହରି ଖେଳିଯାଇଛି । ଅନ୍ୟପକ୍ଷରେ ପ୍ରତିଯୋଗିତାରେ ସଫଳ ହୋଇ ବ୍ରହ୍ମାଂଶୁ ନିଜ ଘରକୁ ଫେରିବା ପରେ ଅଂଚଳର ବହୁ କ୍ରୀଡାବିତ ଓ ବୁଦ୍ଧିଜୀବୀମାନେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବାରେ





ଲାଗିଛନ୍ତି । ସୂଚନାଯୋଗ୍ୟ ଅବସରପ୍ରାପ୍ତ ସେନାଧିକାରୀ ନୃସିଂହ ଚରଣ ଓଝାଙ୍କ ନାତି ବ୍ରହ୍ମାଂଶୁ ମାର୍ଶାଘାଇ ସ୍ଥିତ ଏକ ଘରୋଇ କଲେଜରେ ଡିପ୍ଲୋମା ପଢୁଥିବା ବେଳେ କୋଚ ସଞ୍ଜୟ ନାୟକ ଓ ଟ୍ରେନର ବିଭୁତିଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ପାୱାରଲିଫ୍ଟିଂ ଅଭ୍ୟାସ ଜାରି ରଖିଥିଲେ । ତେବେ ଆଗାମୀ ଦିନରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଜିତିବାକୁ ଲକ୍ଷ୍ୟ ରଖିଥିବା ବ୍ରହ୍ମାଂଶୁ ନିଜ ଅଭ୍ୟାସକୁ ଆହୁରି ଯୋରଦାର କରିଥିଲେ ସୁଦ୍ଧା ଅର୍ଥାଭାବ ହେତୁ ଏଥିପାଇଁ ଦରକାର ରହିଥିବା ଆଧୁନିକ କୌଶଳ ଓ ଶିକ୍ଷାରୁ ବଞ୍ଚିତ ହେବା ନେଇ ସନ୍ଦେହ ଉପୁଜିଛି ।

## ଦୁର୍ଘଟଣାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

ରାଜକନିକା,୧୭।୬(ସମିସ): ରାଜକନିକା ବ୍ଲକ ଖରସ୍ରୋତା ନଦୀ ପଠାରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସିକ୍ୟୁରିଟି ଗାର୍ଡ ଭାବରେ କାର୍ଯ୍ୟ କରୁଥିବା ଭାରିଗଦା ପଞ୍ଚାୟତ ମକୁନ୍ଦପୁର ଗାଁ ର ଅଶୋକ ମୁଦୁଲି (୬୩) ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ମୃତ ଅଶୋକ ୧୫ ତାରିଖ ରାତି ଡ୍ୟୁଟି ସାରି ୧୬ ତାରିଖ ଭୋର ସମୟରେ ଗାଁ କୁ ଯିବା ପାଇଁ ନିଜ ବାଇକରେ ଖରସ୍ରୋତା ନଦୀ ପଠାର ପ୍ରକଳ୍ପ ଠାରୁ ମୁଖ୍ୟରାସ୍ତାକୁ ଉଠୁଥିବା ସମୟରେ କେଉଁ ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ରାସ୍ତାରେ ପଡି ଯାଇଥିଲେ । ମୁମୂର୍ଷୁ ଅବସ୍ଥାରେ ଅଶୋକଙ୍କୁ ଉଦ୍ଧାର କରି ପ୍ରଥମେ ଆଳି ଓ ପରେ କଟକ ମେଡିକାଲ ପଠାଯାଇ ଚିକିତ୍ସା ହେଉଥିବା ସମୟରେ ଗତକାଲି ରାତିରେ ମୃତ୍ୟୁ ହୋଇଥିଲା । ତାଙ୍କର ମୃତ ଦେହ ଆଜି ସକାଳେ ଘରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଜଣେ ଅତି ଅସହାୟ ଭାବରେ ଅଳ୍ପ ବେତନରେ କାମ କରି ପରିବାର ପୋଷୁଥିବା ବ୍ୟକ୍ତିର ଦୁର୍ଘଟଣାରେ ମୃତ୍ୟୁ ଯୋଗୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବୀ ହୋଇଛି ।

## କର୍କଟ ପୀଡ଼ିତାଙ୍କୁ ସହାୟତା

ଡେରାବିଶ,୧୭।୬(ସମିସ): ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଲହଣ



ଶାସନ ଗ୍ରାମର ମମତା ଦାଶ ଦୀର୍ଘ ୭ ବର୍ଷ ହେଲା ଦୂରାରୋଗ୍ୟ କର୍କଟ ରୋଗରେ ପୀଡ଼ିତା ଥାଇ ଚିକିତ୍ସିତ ହେଉଛନ୍ତି । ଏବେ ସେ କେମୋ ଥେରାପି ଦ୍ୱାରା ଚିକିତ୍ସିତ ହେଉଛନ୍ତି । ରୋଗର ଗୁରୁତ୍ୱ ଦୃଷ୍ଟିରୁ ସେ ନିୟମିତ ଭାବରେ ଭୁବନେଶ୍ୱରର ଏକ ହସ୍‌ପିଟାଲକୁ ଯାତାୟାତ କରୁଛନ୍ତି । ଖବର ପାଇ ମାର୍ଶାଘାଇ ବ୍ଲକ ଦୁମୁକା ପଞ୍ଚାୟତ କୁସୁନୁପୁର ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସମାଜସେବୀ ପର୍ଶୁରାମ ନାୟକ ମମତାଙ୍କ ଲହଣଶାସନ ସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଅବସ୍ଥା ସମ୍ପର୍କରେ ବୁଝିଥିଲେ ଏବଂ ଏହି ରୋଗର ଉନ୍ନତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଶ୍ରୀ ନାୟକଙ୍କ ସହିତ ଚାନ୍ଦୋଳ ପଞ୍ଚାୟତର ସମିତିସଭ୍ୟା ମୁଲତା ମିଶ୍ର ଓ ସମାଜସେବୀ ଜୟନ୍ତ ଶତପଥି ଉପସ୍ଥିତ ରହିଥିଲେ ।

# କଲଭର୍ଟ ତଳୁ ମୃତଦେହ ଉଦ୍ଧାର କଲା ପୁଲିସ

ପଟ୍ଟାମୁଣ୍ଡାଇ,୧୭।୬(ସମିସ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ମଦନପୁର ନିକଟସ୍ଥ ବଙ୍ଗାଳି ପଡ଼ା ନିକଟରେ ଏକ କଲଭର୍ଟ ତଳେ ମୁଣ୍ଡ କଟା ମୃତଦେହ ପଡିଥିବା ନେଇ ଯେଉଁ ପ୍ରଚାର ହୋଇଥିଲା ପୁଲିସ ପହଞ୍ଚିବା ପରେ ତାହା ଭୁଲ ପ୍ରମାଣିତ ହୋଇଛି । ଘଟଣାରୁ ପ୍ରକାଶ ଆଜି ସକାଳେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମଦନପୁର ନିକଟସ୍ଥ ବଙ୍ଗାଳି ପଡ଼ାର ଏକ କଲଭର୍ଟ ତଳେ ଗୋଟିଏ ମୁଣ୍ଡ ନଥିବା ମୃତଦେହ ପଡ଼ିଛି ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ କୋକୁଆ ଭୟ ସୃଷ୍ଟି ହୋଇଥିଲା ।



ମୁହଁ ମାଡି କାଦୁଅରେ ପଡି ଥିବାରୁ ମୁଣ୍ଡ ବେକ ପର୍ଯ୍ୟନ୍ତ କାଦୁଅରେ ପୋତି ହୋଇ ଯାଇଥିବାରୁ ମୃତଦେହର ମୁଣ୍ଡ ନଥିବା ଭଳି ଦେଖା ଯାଉଥିଲା । ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି କାଦୁଅରୁ ମୃତଦେହ ଉଦ୍ଧାର କଲା ପରେ ମୃତଦେହର ମୁଣ୍ଡ ର କୌଣସି କ୍ଷତି ହୋଇ ନଥିବା ଜଣା ପଡିଥିଲା । ଆଇଆଇସି ଶ୍ରୀ ବାରିକଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ମୃତକ ସିଂହପହର ଗ୍ରାମର ଅଭୟ ନାଥ ( ୪୫ ) ବୋଲି ଜଣାପଡ଼ିଛି । ଅଭୟଙ୍କ ବାପା ଅର୍ଜୁନ ନାଥଙ୍କ ଏତଲା ଅନୁଯାୟୀ ମୃତକଙ୍କ ପତ୍ନୀ ପ୍ରାୟ ୫ ବର୍ଷ ହେଲା ତାଙ୍କୁ ଛାଡ଼ି ଅନ୍ୟ ପୁରୁଷ ସହ ରହୁଥିବା ଜଣାଇଛନ୍ତି । ସେହି କାରଣରୁ ଅଧିକାଂଶ ସମୟରେ ଅଭୟ ମଦ ପିଇ ନିଶାରେ ରହୁଥିଲେ ଏବଂ କଲଭର୍ଟ ଉପରୁ ତଳକୁ ନିଶାସକ୍ତ ଅବସ୍ଥାରେ ପଡ଼ିଯିବା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ମୃତକଙ୍କ ବାପା ଏତଲାରେ ଦର୍ଶାଇଛନ୍ତି ବୋଲି ଆଇଆଇସି ଶ୍ରୀ ବାରିକ ସ୍ପଷ୍ଟ କରିଛନ୍ତି । ଉପଖଣ୍ଡ ପୋଲିସ ଅଧିକାରୀ ସୁକାନ୍ତ ପାତ୍ରଙ୍କ ଉପସ୍ଥିତିରେ ଜିଲ୍ଲା ସାଇଣ୍ଟିଫିକ୍ ଟିମ ଆସି ଛାନଭିନ କରିଛନ୍ତି । ଘଟଣା ସ୍ଥଳରୁ ମଦ ବୋତଲ, ଗ୍ଲାସ ଏବଂ ଅଣ୍ଟାରୁ ମଦ ବୋତଲ ମିଳିଛି । ପରେ ମୃତକ ଅଭୟ ନାଥର ମୃତ ଶରୀରର ସାକ୍ଷୀ ମାନଙ୍କ ଉପସ୍ଥିତିରେ ପଞ୍ଚନାମା ହୋଇ ଶବ ବ୍ୟବଚ୍ଛେଦ ନିମନ୍ତେ ଆଳି ଡାକ୍ତରଖାନାକୁ ପଠାଇ ଦିଆ ଯାଇଛି । ଅପମୃତ୍ୟୁ କେସ ନଂ ୯/୨୬ ପଞ୍ଜୀକୃତ କରି ଏସ ଆଇ କୈଶୋରିକା ରାଉତରାୟ ତଦନ୍ତ କରୁଛନ୍ତି ।

ସକାଳ
THE SAKALA

# ସମ୍ପାଦକୀୟ



ଅର୍ଥନୀତିରେ କୃଷକ ଏକମାତ୍ର ବ୍ୟକ୍ତି, ଯିଏ ପାଇକାରୀ ଦରରେ ବିକେ, ଖାଉଟି ଦରରେ କିଣେ ଏବଂ ଉଭୟ ପାଇଁ ଟିକସ ଦିଏ
-ଜେ ଏଫ୍ କେନେଡ଼ି

## କଫ୍‌ସିରପ୍ କଟକଣା

ଏଣିକି ଡାକ୍ତରଙ୍କ ସୁପାରିସ ବା ପ୍ରେସ୍‌କ୍ରିପ୍‌ସନ୍ ନଥିଲେ ଔଷଧ ଦୋକାନୀମାନେ କଫ୍ ସିରପ୍ ବା କାଶ ଉପଶମକାରୀ ଔଷଧ ବିକ୍ରି କରିପାରିବେ ନାହିଁ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓ ଔଷଧ ନିୟନ୍ତ୍ରକଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମାକୁ କଡ଼ା କରିବାକୁ ବିଜ୍ଞପ୍ତି ଜାରି ହୋଇଛି। ତେବେ ଏଭଳି ନିର୍ଦ୍ଦେଶନାମା ବା କଟକଣା ନୂଆ ନୁହେଁ। କଫ୍ ସିରପ୍‌ରେ ମାଦକ ଦ୍ରବ୍ୟର ପରିମାଣ ଅଧିକ ରହୁଥିବାରୁ ନିଶାଡ଼ିମାନେ ବିପୁଳ ପରିମାଣରେ କଫ୍ ସିରପ୍ କିଣୁଥିବା ଅଭିଯୋଗ ଦୀର୍ଘଦିନ ଧରି ହେବା ପରେ କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର କଫ୍ ସିରପ୍‌ର ଅବାଧ ବିକ୍ରି ଉପରେ କଟକଣା ଲାଗୁ ହୋଇଥିଲା। କିନ୍ତୁ ତାହା କିଛିଦିନ ପରେ ପୁଣି ଅନ୍ୟ ନାମରେ ବଜାରକୁ ଆସିଲା ଏବଂ ଯଥାରୀତି ନିଶାଡ଼ିଙ୍କ ହାତକୁ ଗଲା। ସେହିପରି କଫ୍ ସିରପ୍ ଖାଇ ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଶିଶୁ ମୃତ୍ୟୁ ଘଟଣା ପରେ କଫ୍ ସିରପ୍‌ର ଅବାଧ ବିକ୍ରି ଓ ସୁପାରିସ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କଟକଣା ଜାରି କରିଥିଲେ। କେବଳ କଫ୍ ସିରପ୍ ନୁହେଁ, ଅତ୍ୟାବଶ୍ୟକୀୟ ଗୁଣବତ୍ତା ନଥିବା କାରଣରୁ କେତେକ ନାମୀଦାମୀ କମ୍ପାନୀର ଜୀବନରକ୍ଷାକାରୀ ଓ ଦୀର୍ଘକାଳୀନ ରୋଗର ଉପଶମ ପାଇଁ ବ୍ୟବହୃତ ଔଷଧକୁ ମଝିରେ ମଝିରେ ନିଷେଧ କରାଯାଉଛି। ସେଗୁଡ଼ିକ ମଧ୍ୟରେ ରହିଛି ଜ୍ୱର ଓ ଥଣ୍ଡା, କାଶ ଉପଶମ ପାଇଁ ବହୁଳ ବ୍ୟବହୃତ ଔଷଧ, ଆଣ୍ଟିବାଓଟିକ୍, ମଲ୍‌ଟି ଭିଟାମିନ୍, ଉଚ୍ଚ ରକ୍ତଚାପ, ଯନ୍ତ୍ରଣା ଉପଶମକାରୀ ଔଷଧ ଇତ୍ୟାଦି। କିନ୍ତୁ କିଛିଦିନ ପରେ ସେଗୁଡ଼ିକ ଭିନ୍ନ ନାମରେ ପୁଣି ବଜାର ପ୍ରବେଶ କରୁଛି। କୌଣସି ନିର୍ଦ୍ଦିଷ୍ଟ ଘଟଣା ଘଟିବା ପରେ ଜନଆକ୍ରୋଶକୁ ଚପାଇ ଦେବା ପାଇଁ ଏଭଳି କଟକଣା ବା ନିର୍ଦ୍ଦେଶନାମାମାନ ପ୍ରକାଶ ପାଏ ଏବଂ କିଛିଦିନ ପରେ ତାହା ପୁଣି ଢିଲା ହୋଇଯିବା ଭାରତରେ ଏକ ସାଧାରଣ ଓ ସ୍ୱାଭାବିକ ଘଟଣା। ତେଣୁ ଏଭଳି ତାଳିପକା ଉଦ୍ୟମ ବଦଳରେ ସମସ୍ୟାର ମୂଳୋତ୍ପାଟନ ପ୍ରତି ଅଧିକ ମନୋନିବେଶ କରିବାର ଆବଶ୍ୟକତା ରହିଛି।

ଔଷଧ ସହିତ କେବଳ ଜୀବନଯାତ୍ରା ନୁହେଁ, ଏହାସହିତ ସଭ୍ୟତା ମଧ୍ୟ ଜଡ଼ିତ। ବ୍ୟାଧିର ଦୂରୀକରଣ ଓ ନିରାକରଣ ଉଭୟ କ୍ଷେତ୍ରରେ ଔଷଧ ଅପରିହାର୍ଯ୍ୟ। ଏଭଳି ସ୍ଥିତିରେ ଔଷଧର ଗୁଣ ଓ ମାନ ସହିତ କୌଣସି ସାଲିସ୍ କରାଯାଇ ନପାରେ। ଏଥିପାଇଁ ସରକାର ନିୟାମକ ସଂସ୍ଥା ଗଠନ କରିଛନ୍ତି ଏବଂ ନିୟମିତ ଭାବେ ବଜାରକୁ ଆସୁଥିବା ଔଷଧର ଗୁଣବତ୍ତା ଯାଞ୍ଚ କରାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି। କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି।

ଆମ ଦେଶର ଔଷଧ ବଜାର ଆକାର ଦୃଷ୍ଟିରୁ ବିଶ୍ୱରେ ତୃତୀୟ। ଏହାର ମୋଟ କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ ଶତାଂଶ। କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ। ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ। ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ। ଭାରତରେ ୩୦୦୦ରୁ ଅଧିକ ଔଷଧ କମ୍ପାନୀ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ନିର୍ମାଣକାରୀ ସଂସ୍ଥା କାର୍ଯ୍ୟରତ। କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି। ଭାରତରେ ଉତ୍ପାଦିତ ଜେନେରିକ୍ ଔଷଧର ୪୦% ଆମେରିକା ଓ ୨୫% ବ୍ରିଟେନ୍‌କୁ ରପ୍ତାନି ହୁଏ। କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ ବୋଲି ଜଣାପଡୁଛି ଓ ଘୋଷଣା ହେଉଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି। ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ।

ଆମ ଦେଶର ଉତ୍ପାଦର ମାନ ଓ ବିଶ୍ୱସନୀୟତାକୁ ସୁନିଶ୍ଚିତ କରିବା ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟରତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ନିଶ୍ଚୟ। ହୋଇପାରେ ବିଶାଳ ଦେଶ ଭାରତରେ ବହୁଳ ଉତ୍ପାଦନକାରୀ ସଂସ୍ଥାଙ୍କର ସବୁ ଉତ୍ପାଦକୁ ଦୈନିକ ପରୀକ୍ଷା କରିବା ସମ୍ଭବ ନୁହେଁ। ଏହାଛଡ଼ା ବଡ଼ ବଡ଼ ବ୍ରାଣ୍ଡର ନାମକୁ ବ୍ୟବହାର କରି ଅସାଧୁ ବ୍ୟକ୍ତି ଯଦି ନକଲି ଔଷଧ ବେପାର କରିବେ ତାହାକୁ ସନ୍ଦେହ କରିବା କଷ୍ଟକର। ଏହାସତ୍ତ୍ୱେ ସବୁ ଉତ୍ପାଦ ସନ୍ଦେହର ଊର୍ଦ୍ଧ୍ୱରେ ଯେପରି ରହିବ, ସେଥିପାଇଁ ସରକାରଙ୍କୁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଉତ୍ପାଦନକାରୀ କମ୍ପାନୀଙ୍କୁ ସେମାନଙ୍କ ଔଷଧର ଗୁଣବତ୍ତା ପାଇଁ ଉତ୍ତରଦାୟୀ କରିବାର ଯେଉଁ ନିୟମ ଅଛି ତାହାକୁ ଯୁଗୋପଯୋଗୀ କରି ଦଣ୍ଡବିଧାନକୁ ଆହୁରି କଠୋର ଓ ଦୃଷ୍ଟାନ୍ତମୂଳକ କରିବା ଆବଶ୍ୟକ।

ଏହା ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ ଯେ ବିଶାଳ ଉପମହାଦେଶ ଭାରତରେ ଭେଷଜ ନିୟନ୍ତ୍ରଣ ବ୍ୟବସ୍ଥା ସେତେଟା ଦକ୍ଷ ଓ କ୍ରିୟାଶୀଳ ନୁହେଁ। ବ୍ୟବସ୍ଥାଗତ କୌଶଳ ଏବଂ ପଦ୍ଧତି ମଧ୍ୟ ଅସ୍ୱଷ୍ଟ ଓ ଛିଦ୍ରଯୁକ୍ତ। ବିଭିନ୍ନ ରାଜ୍ୟ ପାଇଁ ପ୍ରାଦେଶିକ ଭେଷଜ ନିୟନ୍ତ୍ରକ ଥିବା ବେଳେ କେନ୍ଦ୍ରୀୟ ସ୍ତରରେ ଏକକ ନିୟାମକ ବ୍ୟବସ୍ଥା ଅଛି। ପ୍ରାଦେଶିକ ନିୟାମକ ବ୍ୟବସ୍ଥାରେ ଯେଉଁ ଔଷଧକୁ ଅନୁମତି ମିଳେ ସେଥିରେ କେନ୍ଦ୍ରୀୟ ନିୟାମକ ବ୍ୟବସ୍ଥାର କୌଣସି ଭୂମିକା ନଥାଏ। ପ୍ରତ୍ୟେକ ନିୟାମକ ବ୍ୟବସ୍ଥା ସ୍ୱାଧୀନ ଭାବେ କାମ କରୁଥିବାରୁ ମାନ ନିର୍ଦ୍ଧାରଣରେ ତ୍ରୁଟିବିଚ୍ୟୁତିର ଆଶଙ୍କା ଅଧିକ। ଏହି ବ୍ୟବସ୍ଥାର ସଂଶୋଧନ ନିହାତି ଆବଶ୍ୟକ। ଏ ଦିଗରେ ଦୀର୍ଘସ୍ଥାୟୀ ସୁଧାର ଆଣିବାରେ କେବଳ ଭେଷଜ ନିୟନ୍ତ୍ରକଙ୍କ ଉଦ୍ୟମ ଯଥେଷ୍ଟ ହେବ ନାହିଁ। ଆଇନକୁ କଠୋର କରିବା ପାଇଁ 'ନିୟନ୍ତ୍ରକ, ନିୟାମକ ଓ ବିଧେୟକ' - ଏଭଳି ତ୍ରିସ୍ତରୀୟ ସମ୍ମିଳିତ ପ୍ରୟାସ ଜରୁରୀ। ଗୋଟିଏ ନକଲି ଔଷଧ କମ୍ପାନୀ ହଜାର ହଜାର ଲୋକଙ୍କ ଜୀବନ ନେଇପାରେ। ଏହି ଦୃଷ୍ଟିରୁ ଔଷଧର ଗୁଣବତ୍ତା ସହିତ ସାଲିସ୍ କରାଯାଇ ନ ପାରେ। ଔଷଧ ଅପମିଶ୍ରଣ ଓ ଉତ୍ପାଦନରେ ଠକାମୀକୁ ଗୁରୁତର ଅପରାଧ ତାଲିକାଭୁକ୍ତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟସରକାରମାନେ ମିଳିତ ପ୍ରୟାସ କରିବାର ସମୟ ଉପନୀତ। ●

## ବିଶ୍ୱ ମଞ୍ଚରେ ଭାରତୀୟ ମୁଦ୍ରା

**ମୋଜାଫର ଖାଁ**

ଆଜିର ବଦଳୁଥିବା ବିଶ୍ୱ ଅର୍ଥନୀତିରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଦିଗରେ ରହିଛି। ଗୋଟିଏ ପଟେ ବିଶ୍ୱସ୍ତରୀୟ ଆର୍ଥିକ ଅସ୍ଥିରତା ଦେଶର ମୁଦ୍ରା ଓ ନିଯୁକ୍ତିକୁ ପ୍ରଭାବିତ କରୁଥିବା ବେଳେ ଅନ୍ୟପଟେ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା କୃଷି କ୍ଷେତ୍ର ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଛି। ବିଶ୍ୱ ବଜାରରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର କ୍ରମାଗତ ଅବମୂଲ୍ୟାୟନ ଏବଂ ଦେଶରୁ ପୁଞ୍ଜି ବାହାରକୁ ଚାଲିଯିବା ଆମ ଅର୍ଥନୀତି ପାଇଁ ଏକ ଚିନ୍ତାର ବିଷୟ ସାଜିଛି। ଏହାର ମୂଳ କାରଣ ହେଉଛି ବିଶ୍ୱସ୍ତରୀୟ ଉଚ୍ଚ ସୁଧ ହାର ଏବଂ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ) ହ୍ରାସ। ବିଶ୍ୱସ୍ତରୀୟ ଭୂ-ରାଜନୈତିକ ତିକ୍ତତା ଓ ଆର୍ଥିକ ଅନିଶ୍ଚିତତା ଯୋଗୁଁ ଭାରତକୁ ଆସୁଥିବା ନୂତନ ଏଫ୍‌ଡିଆଇର ଗତି ଧିମେଇ ଯାଇଛି।

ଭାରତ ସରକାର ପ୍ରଥମେ ନାଗରିକମାନଙ୍କୁ ଶକ୍ତି ସଂରକ୍ଷଣ କରିବାକୁ ନିବେଦନ କରିଥିଲେ ଏବଂ ପରେ ଚେତାବନୀ ଦେଇଥିଲେ ଯେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଆଣିପାରେ। ଔଷଧ ପ୍ରସ୍ତୁତି ପାଇଁ ଆବଶ୍ୟକ ରାସାୟନିକ ପଦାର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଆମଦାନୀ ଖର୍ଚ୍ଚ ବଢ଼ିବା ଦ୍ୱାରା ସ୍ଥାନୀୟ ବଜାରରେ ମୋବାଇଲ, ଗାଡ଼ି ଓ ଜୀବନରକ୍ଷାକାରୀ ଔଷଧର ଦାମ ବୃଦ୍ଧିପାଉଛି। ଏହାସହିତ ବିଶ୍ୱରେ ଲାଗି ରହିଥିବା ଯୁଦ୍ଧ ପାଇଁ ତେଲ, ଗ୍ୟାସ ଓ ସାର ମୂଲ୍ୟ ଦେଢ଼ଗୁଣରୁ ଅଧିକ ବୃଦ୍ଧି ପାଇଛି, ଯାହା ଭାରତର ଶକ୍ତି ଓ ସାର ଆମଦାନୀ ଦେୟକୁ ପ୍ରାୟ ଦେଢ଼ ଗୁଣା ବୃଦ୍ଧି କରିଛି। ଶକ୍ତି ଓ ସାର ମୂଲ୍ୟରେ ଏହି ବୃଦ୍ଧି ମୁଦ୍ରାସ୍ଫୀତି ଓ ବଜେଟ୍ ବିଭ୍ରାଟର ଆଶଙ୍କା ସୃଷ୍ଟି କରୁଛି।

ଏହାଛଡ଼ା ଗତ ଦୁଇବର୍ଷ ଧରି ବିଦେଶୀ ନିବେଶକମାନେ ଭାରତରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି ଏବଂ ଆମେରିକାର ସୁଧ ହାରରେ ଆଶା କରାଯାଇଥିବା ବୃଦ୍ଧି ଏହି ଗତିକୁ ତ୍ୱରାନ୍ୱିତ କରୁଛି। ବୃଦ୍ଧି ପାଉଥିବା ଶକ୍ତି ଓ ସାର ଆମଦାନୀ ବିଲ୍ ଏବଂ ବିଦେଶୀ ପୁଞ୍ଜିର ପଳାୟନ ଟଙ୍କାକୁ ଦୁର୍ବଳ କରୁଛି, ଯାହାଫଳରେ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଉଛି। ଦଶନ୍ଧି ଧରି ଡଲାର ତୁଳନାରେ ଟଙ୍କା ହ୍ରାସ ପାଇ ଆସୁଛି, ଯାହା ଗତ ଦଶନ୍ଧିରେ ଦ୍ରୁତ ଗତିରେ ହ୍ରାସ ପାଇଛି( ୬୬ ରୁ ୯୬ କୁ ହ୍ରାସ ପାଇଛି। ଏଥିମଧ୍ୟରୁ ୬.୧ ପ୍ରତିଶତ ହ୍ରାସ ଆମେରିକା-ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରଠାରୁ ଘଟିଛି। ଟଙ୍କା କେବଳ ଡଲାର ତୁଳନାରେ ନୁହେଁ, ବରଂ ଜାପାନୀ ୟେନ୍ ବ୍ୟତୀତ ପ୍ରାୟ ସମସ୍ତ ମୁଦ୍ରା ତୁଳନାରେ ମଧ୍ୟ ହ୍ରାସ ପାଇଛି। ଗତବର୍ଷ ମଧ୍ୟରେ ଏହା ପାକିସ୍ତାନୀ ଟଙ୍କା ଏବଂ ବାଂଲାଦେଶୀ ଟଙ୍କା ତୁଳନାରେ ୧୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି, ଯାହା ଭାରତ ସରକାରଙ୍କ ଅର୍ଥନୈତିକ ନୀତି ଉପରେ ପ୍ରଶ୍ନ ଉଠାଇଛି।

କୌଣସି ଦେଶର ମୁଦ୍ରାର ମୂଲ୍ୟ ଏହାର ଜିଡିପି ପ୍ରଚଳନରେ ଥିବା ମୁଦ୍ରାର ପରିମାଣ ଦ୍ୱାରା ନିର୍ଣ୍ଣୟ କରାଯାଏ ଏବଂ ମୁଦ୍ରାର ଚାହିଦା ଆଧାରରେ ଏହାର ବିନିମୟ ହାର ବୃଦ୍ଧି କିମ୍ବା ହ୍ରାସ ପାଏ। ଯେଉଁ ଦେଶର ରପ୍ତାନି ଆମଦାନୀ ଅପେକ୍ଷା ଅଧିକ ଏବଂ ଯେଉଁ ଦେଶର ମୁଦ୍ରାକୁ ଲୋକମାନେ ନିବେଶ ପାଇଁ ଉପଯୁକ୍ତ ଭାବରେ ଖୋଜନ୍ତି, ସେ ଦେଶର ମୁଦ୍ରାର ଚାହିଦା ସହିତ ବିନିମୟ ମୂଲ୍ୟ ବୃଦ୍ଧି ପାଏ। ଯଦି ବିପରୀତ ଘଟେ, ତେବେ ମୁଦ୍ରାର ବିନିମୟ ମୂଲ୍ୟ ହ୍ରାସ ପାଏ। ଭାରତରେ ଗତ କିଛିବର୍ଷ ଧରି ଏଫ୍‌ଡିଆଇ ହ୍ରାସ ପାଇବା ଫଳରେ ନୂତନ ଉଦ୍ୟୋଗ ଓ ଷ୍ଟାର୍ଟଅପ୍‌ଗୁଡ଼ିକରେ ପୁଞ୍ଜିର ଅଭାବ ଦେଖାଦେଉଛି। ବିଶେଷକରି ଆଇଟି, ମାନୁଫାକ୍‌ଚରିଂ ଓ ଫିନଟେକ୍ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେଉଛି ଏବଂ ସ୍ଥାନୀୟ ବଜାରରେ ଛଟେଇ ପରିସ୍ଥିତି ସୃଷ୍ଟି ହେଉଛି। ବିଦେଶୀ ନିବେଶକମାନେ ଏପରି ବଜାର ଆଡ଼କୁ ମୁହାଁଇଛନ୍ତି ଯେଉଁଠାରେ କୃତ୍ରିମ ବୁଦ୍ଧିମତା (ଏଆଇ), ପ୍ରଯୁକ୍ତିବିଦ୍ୟା ଓ ଡାଟା କ୍ଷେତ୍ରରେ ନୂତନ ଉଦ୍ଭାବନ ଘଟୁଛି। ଚାହିଦା ଯୋଗୁଁ ଏହି କମ୍ପାନୀଗୁଡ଼ିକର ମୂଲ୍ୟ ସପ୍ତାହ ମଧ୍ୟରେ ଦ୍ୱିଗୁଣିତ ହେଉଛି।

ଭାରତରେ ଚର୍ଚ୍ଚିତ ମ୍ୟୁଚୁଆଲ୍ ଫଣ୍ଡ ମାଧ୍ୟମରେ ନିବେଶ କରୁଥିବା ଭାରତୀୟ ନିବେଶକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବିଦେଶୀ ନିବେଶକମାନେ ସେମାନଙ୍କର ନିବେଶକୁ ପ୍ରତ୍ୟାହାର କରି ନେଉଛନ୍ତି ଏବଂ ଏପରି କ୍ଷେତ୍ରରେ ନିବେଶ କରୁଛନ୍ତି ଯେଉଁଠାରେ ସେମାନେ ଏକ ମାସରେ ଲାଭ ପାଉଛନ୍ତି, ଯାହା ଏକ ବର୍ଷ ମଧ୍ୟରେ ଭାରତରେ ଉପଲବ୍ଧ ହେବା ମଧ୍ୟ ସମ୍ଭବ ନୁହେଁ। ଅନ୍ୟ ଏକ କାରଣ ହେଉଛି ଉପସାଗରୀୟ ଅଞ୍ଚଳରୁ ଉତ୍ପନ୍ନ ଶକ୍ତି ସଙ୍କଟ, ଯାହା ଭାରତର ବଜେଟରେ ବାଧା ସୃଷ୍ଟି କରିଛି। ବାଣିଜ୍ୟ ନିଅଣ୍ଟ ଓ ମୁଦ୍ରାସ୍ଫୀତି ବୃଦ୍ଧି କରୁଛି, ଟଙ୍କାର ମୂଲ୍ୟ ହ୍ରାସ ପାଇଛି। ଟଙ୍କାର ମୂଲ୍ୟ ବିଶ୍ୱରେ ହ୍ରାସ ପାଇବା ଦ୍ୱାରା ବିଦେଶୀ ନିବେଶକଙ୍କ ନିବେଶର ମୂଲ୍ୟକୁ ମଧ୍ୟ ହ୍ରାସ କରୁଛି। ସେଥିପାଇଁ ସେମାନେ ଭାରତରୁ ପଳାୟନ କରୁଛନ୍ତି। ଭାରତ ନିଜର ଅଶୋଧିତ ତୈଳ ଆବଶ୍ୟକତାର ପ୍ରାୟ ୮୦%ରୁ ଅଧିକ ଆମଦାନୀ କରିଥାଏ। ଟଙ୍କା ଦୁର୍ବଳ ହେବା ଦ୍ୱାରା ଅଶୋଧିତ ତୈଳ, ବୈଦ୍ୟୁତିକ ସରଞ୍ଜାମ ଓ ସାର ଆମଦାନୀ ମହଙ୍ଗା ହୋଇଯାଏ। ଏହା ସିଧାସଳଖ ପରିବହନ ଖର୍ଚ୍ଚ ବଢ଼ାଇଥାଏ, ଯାହାଦ୍ୱାରା ସାଧାରଣ ଖାଉଟି ବଜାରରେ ପନିପରିବାଠାରୁ ଆରମ୍ଭ କରି ପ୍ରତିଟି ଜିନିଷର ଦାମ ବଢ଼ିଯାଏ।

ଭାରତୀୟ ମୁଦ୍ରାର ମୂଲ୍ୟ କମ ହେବା ଦ୍ୱାରା ଭାରତୀୟ ରପ୍ତାନିକାରୀମାନେ ଲାଭବାନ ହେବେ। ସେମାନେ ବିଦେଶୀ ବଜାରରେ ତୀବ୍ର ପ୍ରତିଯୋଗିତା କରିପାରିବେ ଏବଂ ଅଧିକ ସାମଗ୍ରୀ ବିକ୍ରି କରିପାରିବେ, ଯାହାଦ୍ୱାରା ବିଦେଶୀ ମୁଦ୍ରାର ପ୍ରବାହ ବୃଦ୍ଧି ପାଇବ। ତଥାପି ଏହାର ଅନ୍ୟ ରାଜନୈତିକ ଭାବରେ ବିପଦପୂର୍ଣ୍ଣ ଦିଗ ହେଉଛି ଯେ ମୁଦ୍ରାର ମୂଲ୍ୟ ହ୍ରାସ ହେବା ଦ୍ୱାରା ଆମଦାନୀ, ମୁଖ୍ୟତଃ ତେଲ ଓ ସାରର ମୂଲ୍ୟ ବୃଦ୍ଧି ପାଇବ। ଏହା ସବୁକିଛିର ମୂଲ୍ୟ ବୃଦ୍ଧି କରିବ ଏବଂ ଅଭିବୃଦ୍ଧିକୁ ମନ୍ଥର କରିବ। ଯଦି ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ହେଉଥିବା ୭୫୦ କୋଟି ଟଙ୍କାର ଦୈନିକ କ୍ଷତିକୁ ହ୍ରାସ କରିବା ପାଇଁ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ମୂଲ୍ୟ ବୃଦ୍ଧି କରାଯାଏ, ତେବେ ଏହାଦ୍ୱାରା ମିଳୁଥିବା ଆଶ୍ୱସ୍ତି ଟଙ୍କା ମୂଲ୍ୟର ହ୍ରାସକୁ ପୂରଣ କରିବ। ପ୍ରକୃତରେ ରପ୍ତାନି ଓ ବିଦେଶୀ ନିବେଶ ବୃଦ୍ଧି କରି ଟଙ୍କାକୁ ସ୍ଥାୟୀ ଭାବରେ ପୁନରୁଦ୍ଧାର କରାଯାଇପାରିବ। କିନ୍ତୁ ଆର୍ଥିକ ଓ ପ୍ରଶାସନିକ ସଂସ୍କାର ବିନା ଏହା ସମ୍ଭବ ହେବ ନାହିଁ।

ଭାରତୀୟ ଅର୍ଥନୀତିକୁ ବୈଦେଶିକ ପ୍ରତିକୂଳ ପ୍ରଭାବରୁ ରକ୍ଷା କରିବାକୁ ହେଲେ 'ଭାରତୀୟ ମୁଦ୍ରାର ଆନ୍ତର୍ଜାତୀୟକରଣ' ଏକମାତ୍ର ଦୀର୍ଘସ୍ଥାୟୀ ସମାଧାନ। ବିଶ୍ୱ ବଜାରରେ ଟଙ୍କାର ଚାହିଦା ବଢ଼ାଇବା ପାଇଁ ଭାରତ ତା'ର ପ୍ରମୁଖ ବାଣିଜ୍ୟିକ ଅଂଶୀଦାର (ଯେପରିକି ୟୁଏଇ, ରୁଷିଆ ଓ କେତେକ ଦକ୍ଷିଣ-ଏସୀୟ ଦେଶ) ମାନଙ୍କ ସହିତ ଡଲାର ବଦଳରେ ସିଧାସଳଖ ଭାରତୀୟ ମୁଦ୍ରାରେ ବ୍ୟାପାର କରିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର କରୁଛି। ଏହାକୁ ଆହୁରି ବ୍ୟାପକ କରିବାକୁ ହେବ। ଯଦି ଆମେ ରୁଷିଆରୁ ତେଲ କିମ୍ବା ଅନ୍ୟ ଦେଶରୁ ଗ୍ୟାସ କିଣିବା ବେଳେ ଭାରତୀୟ ଟଙ୍କାର ବ୍ୟବହାର କରିବା ତେବେ ଡଲାର ଉପରେ ଆମର ନିର୍ଭରଶୀଳତା କମିଯିବ। ଭାରତର ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍(ୟୁପିଆଇ) ଆଜି ବିଶ୍ୱର ସବୁଠାରୁ ସଫଳ ଡିଜିଟାଲ୍ ପେମେଣ୍ଟ ମଡେଲ୍। ସିଙ୍ଗାପୁର, ଫ୍ରାନ୍ସ, ମରିସସ ଏବଂ ଶ୍ରୀଲଙ୍କା ଭଳି ଦେଶରେ ୟୁପିଆଇକୁ ଗ୍ରହଣ କରାଯାଇଛି। ଏହି ନେଟୱର୍କକୁ ଅଧିକ ଦେଶକୁ ସମ୍ପ୍ରସାରିତ କଲେ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ପ୍ରବାସୀ ଭାରତୀୟଙ୍କ ଦ୍ୱାରା ପଠାଯାଉଥିବା ଅର୍ଥ ସହଜରେ ଟଙ୍କା ମାଧ୍ୟମରେ କାରବାର ହୋଇପାରିବ, ଯାହା ମୁଦ୍ରାର ଚାହିଦା ବଢ଼ାଇବ। ଭାରତୀୟ ମୁଦ୍ରାର ଅବମୂଲ୍ୟାୟନକୁ ରୋକିବା ପାଇଁ ଆମକୁ ଘରୋଇ ଉତ୍ପାଦନ ଓ ରପ୍ତାନି ବଢ଼ାଇବାକୁ ହେବ। ଏହି ସମନ୍ୱିତ ପ୍ରୟାସ ହିଁ ଭାରତକୁ ଏକ ସୁଦୃଢ଼, ବ୍ୟାପକ ଓ ସାମଗ୍ରିକ ଅର୍ଥନୈତିକ ଭବିଷ୍ୟତ ଆଡ଼କୁ ଆଗେଇ ନେଇପାରିବ। ●

ତରିକୁନ୍ଦ(ଜଗତସିଂହପୁର), ମୋ: ୬୩୭୦୦୦୧୫୭୦

## ଇଂଲଣ୍ଡରେ ବହିରାଗତ ସଙ୍କଟ

**ଅମର ପଟ୍ଟନାୟକ**




ନିକଟରେ ଆୟର୍ଲାଣ୍ଡ ସ୍ଥିତ ବେଲଫାଷ୍ଟର ଏକ ଘଟଣା ସେଠାକାର ପରିବେଶକୁ ଆସୁରିକ କରିଦେଇଛି। ଜନୈକ ସ୍ଥାନୀୟ ଭିନ୍ନକ୍ଷମ ଯୁବକଙ୍କୁ ଦିବାଲୋକରେ ସର୍ବସମ୍ମୁଖରେ ହତ୍ୟା ଉଦ୍ୟମ(ମୁଣ୍ଡକାଟ ପାଇଁ ଉଦ୍ୟମ) ଘଟଣା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ସ୍ଥାନୀୟ ଲୋକଙ୍କ ତ୍ୱରିତ ହସ୍ତକ୍ଷେପ ଯୋଗୁଁ ପୀଡ଼ିତ ବଞ୍ଚି ଯାଇଥିଲେ ମଧ୍ୟ ଛୁରୀ ମାଡ଼ରେ ତାଙ୍କର ଆଖିଦୁଇଟି ନଷ୍ଟ ହୋଇଯାଇଛି। ଆକ୍ରମଣକାରୀ ଆଫ୍ରିକୀୟ ରାଷ୍ଟ୍ର ସୁଦାନ ଜନ୍ମିତ ହାଦି ଆଲୋଦିଦ(ବହିରାଗତ) ହୋଇଥିବାରୁ ସ୍ଥାନୀୟ ଲୋକେ ଅଧିକ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଫଳସ୍ୱରୂପ ବେଲଫାଷ୍ଟରେ ବହିରାଗତଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇ ଦଙ୍ଗାର ରୂପ ନେଇଛି, ଯେଉଁଥିରେ ସେମାନଙ୍କ ବାସଗୃହ ଓ ସମ୍ପତ୍ତିର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ଘଟଣା ଆୟର୍ଲାଣ୍ଡର ସୀମା ସରହଦ ଡେଇଁ ସମଗ୍ର ବ୍ରିଟେନ୍‌କୁ ବ୍ୟାପିଛି। ବହିରାଗତଙ୍କୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଧୀରେ ଧୀରେ ବ୍ରିଟେନ୍‌ବାସୀଙ୍କ ମଧ୍ୟରେ କୁହୁଳିବାରେ ଲାଗିଛି। ବିଭିନ୍ନ ସହରରେ ଏବେ ବହିରାଗତ-ବିରୋଧୀ ବିକ୍ଷୋଭମାନ ଦେଖିବାକୁ ମିଳୁଛି।

ଇଂଲଣ୍ଡ ବିଶ୍ୱରେ ଗଣତନ୍ତ୍ର ଓ ମାନବିକ ମୂଲ୍ୟବୋଧର ମାର୍ଗଦର୍ଶକ ରୂପେ ବିଦିତ। ବ୍ରିଟେନ୍‌ର ଶୃଙ୍ଖଳିତ ଓ ଉଦାର ବିଧିବ୍ୟବସ୍ଥା ମଧ୍ୟରେ ଅନେକ ଦେଶର ଗୁଣୀ, ଜ୍ଞାନୀ, ରାଜନୀତିଜ୍ଞ, ବୁଦ୍ଧିଜୀବୀ, ସାହିତ୍ୟିକ, ଏପରିକି ଯୁଦ୍ଧ ଓ ଗୃହଯୁଦ୍ଧ ପ୍ରପୀଡ଼ିତ ଅନେକ ଶରଣାର୍ଥୀ ଇଂଲଣ୍ଡକୁ ସେମାନଙ୍କର ନିରାପଦ ଆଶ୍ରୟସ୍ଥଳ ଭାବେ ବାଛି ନେଇଛନ୍ତି ଏବଂ ବିଧିବଦ୍ଧ ପ୍ରବାସୀ(ଆସଲମ୍ ବା ରାଜନୈତିକ ଶରଣାର୍ଥୀ) ହେବାକୁ ପସନ୍ଦ କରିଛନ୍ତି। ଏକ ପରିସଂଖ୍ୟାନ ଅନୁଯାୟୀ ପ୍ରାୟ ୯୨ ଲକ୍ଷ ବିଦେଶୀ ବା ବହିରାଗତ ନିଜ ପରିବାର ସହିତ ଏବେ ଇଂଲଣ୍ଡରେ ସ୍ଥାୟୀ ଭାବେ ଦୀର୍ଘବର୍ଷ ଧରି ବସବାସ କରିଆସୁଛନ୍ତି। ସଂଖ୍ୟା ଦୃଷ୍ଟିରୁ ସେଠାକାର ସ୍ଥାୟୀ ବହିରାଗତଙ୍କ ମଧ୍ୟରେ ସବୁଠାରୁ ଆଗରେ ଅଛନ୍ତି ଆମ ଭାରତୀୟ ପ୍ରବାସୀମାନେ। ଇଂଲଣ୍ଡରେ ଏବେ ୮ ଲକ୍ଷ ୪୭ ହଜାର ପ୍ରବାସୀଙ୍କ ସହିତ ଭାରତ ତାଲିକାର ଶୀର୍ଷରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ପୋଲାଣ୍ଡର ୭ ଲକ୍ଷ ୪୬ ହଜାର ଏବଂ ୫ ଲକ୍ଷ ୪୬ ହଜାର ପ୍ରବାସୀ ସହିତ ପାକିସ୍ତାନ ତୃତୀୟ ସ୍ଥାନରେ ରହିଛି।

ଇଂଲଣ୍ଡରେ ସମ୍ପ୍ରତି ବୃଦ୍ଧି ପାଉଥିବା ବହିରାଗତ ବିରୋଧୀ ଆଭିମୁଖ୍ୟ ପାଇଁ ବିଭିନ୍ନ କାରଣ ଦାୟୀ। ଲଣ୍ଡନଠାରୁ ଆରମ୍ଭ କରି ବିଭିନ୍ନ ସହରରେ ବିଭିନ୍ନ ଆକ୍ରମଣ ଘଟଣାରୁ ଆରମ୍ଭ କରି ଜଘନ୍ୟ ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ମୁଖ୍ୟତଃ ଆରବ ଓ ଆଫ୍ରିକୀୟ ଦେଶର ପ୍ରବାସୀମାନେ ସଂପୃକ୍ତ ରହିବା ଘଟଣା ବ୍ରିଟିଶ ନାଗରିକମାନଙ୍କୁ କ୍ଷୁବ୍ଧ କରୁଛି। ବିଶେଷକରି ଧର୍ମାନ୍ଧ ଇସ୍ଲାମିକ ଉଗ୍ରବାଦ ଏବଂ ସେମାନଙ୍କ ପ୍ରଭାବରେ ଆସୁଥିବା ଯୁବକମାନେ ଅଧିକ ସଂଖ୍ୟାରେ ଏଭଳି ଅପରାଧରେ ସଂପୃକ୍ତ ହେବା ଘଟଣା ଉଦାର ବ୍ରିଟିଶ ସମାଜର ଶୃଙ୍ଖଳା ଓ ସଂସ୍କୃତିକୁ ବିପନ୍ନ ଓ କ୍ଷୁବ୍ଧ କରୁଛି। ଲଣ୍ଡନ ବ୍ରିଜ୍ ଆକ୍ରମଣ ଘଟଣା ହେଉ କିମ୍ବା ବେଲଫାଷ୍ଟର ପୈଶାଚିକ କାଣ୍ଡ ବହିରାଗତଙ୍କ ପ୍ରତି ଥିବା ବ୍ରିଟିଶରମାନଙ୍କର ପାରମ୍ପରିକ ଧାରଣା ଓ ଉଦାର ମନୋଭାବରେ ପରିବର୍ତ୍ତନ ଆଣିବାକୁ ବାଧ କରିଛି। ବ୍ରିଟିଶ ଉଦାରବାଦୀମାନେ ମଧ୍ୟ ସେମାନଙ୍କ ସମାଜରେ ଥିବା ପାରମ୍ପରିକ ସୁରକ୍ଷା ଓ ଭ୍ରାତୃତ୍ୱ ମାନସିକତାର ପୁନର୍ବିଚାର କରୁଛନ୍ତି।

ଏହା ଅନସ୍ୱୀକାର୍ଯ୍ୟ ଯେ ଇଂଲଣ୍ଡର ଅର୍ଥନୀତିରେ ସେଠାରେ ସ୍ଥାୟୀ ବସବାସ କରୁଥିବା ବହିରାଗତମାନଙ୍କର ଅଶେଷ ଯୋଗଦାନ ରହିଛି। ବିଭିନ୍ନ ଦେଶର ପ୍ରବାସୀମାନେ ପ୍ରତିବର୍ଷ ଇଂଲଣ୍ଡର ଅର୍ଥନୀତିକୁ ଆୟକର, ଭାଟ୍ ଓ ବୀମା ଆଦି ଜରିଆରେ ୪୭ ବିଲିୟନ ପାଉଣ୍ଡର ଯୋଗଦାନ ଦେଇଥା'ନ୍ତି। ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ସେହି ପ୍ରବାସୀମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୃତ୍ତିଗତ ଦକ୍ଷ, ବୈଷୟିକ ଜ୍ଞାନସମ୍ପନ୍ନ ଏପରିକି ଚତୁର୍ଥସ୍ତରରେ ସ୍ୱାସ୍ଥ୍ୟ ପରିମଳ ଭଳି କ୍ଷେତ୍ରରେ କୁଶଳୀ ମାନବସମ୍ବଳ ରହିଛନ୍ତି। କିନ୍ତୁ ଇଂଲଣ୍ଡରେ ବୃଦ୍ଧି ପାଉଥିବା ବେକାରୀ ସମସ୍ୟା ଏବଂ ବିଭିନ୍ନ କ୍ଷେତ୍ରରେ ବହିରାଗତଙ୍କ ଉପସ୍ଥିତି ମଧ୍ୟ ସ୍ଥାନୀୟଲୋକଙ୍କ ପାଇଁ ଅସହଣୀୟ ହେବାରେ ଲାଗିଛି।

ଏ ସବୁର ଊର୍ଦ୍ଧ୍ୱରେ ଧର୍ମୀୟ ଆତଙ୍କବାଦର କୁତ୍ସିତ ଚିତ୍ର ଏବଂ କେତେକ ସ୍ଥାନରେ ବହିରାଗତ ଅପରାଧୀ ଗୋଷ୍ଠୀଙ୍କ ଆତଙ୍କରାଜର ମୁକାବିଲା ଖ୍ରୀଷ୍ଟ ଧର୍ମାବଲମ୍ବୀ ବ୍ରିଟେନ୍ ନାଗରିକଙ୍କ ପାଇଁ ଆହ୍ୱାନ ହୋଇଛି। ଅସାମାଜିକ ତତ୍ତ୍ୱଙ୍କ ପାଇଁ ଭଦ୍ରଲୋକ ଦଣ୍ଡ ପାଇବା ପରି କିଛି ଘଟଣା ବ୍ରିଟିଶବାସୀଙ୍କୁ ଅଧିକ କ୍ଷୁବ୍ଧ କରୁଛି। ଯୁକ୍ତରାଷ୍ଟ୍ର ଆମେରିକା, ସ୍ପେନ, ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ଆଫ୍ରିକୀୟ ଓ ଆରବର ବହିରାଗତଙ୍କୁ ନେଇ ଧୀରେ ଧୀରେ ଅସନ୍ତୋଷ ଓ ସଙ୍କଟ ସୃଷ୍ଟି ହେଉଛି। ●

ଭୁବନେଶ୍ୱର, ମୋ: ୭୯୭୮୫୨୮୧୪୫

## ଶିଶୁ-ଆତ୍ମାର ଆନନ୍ଦ: ରାମକୃଷ୍ଣ ନନ୍ଦ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

୧୯୩୪ ମସିହା। ମହାତ୍ମା ଗାନ୍ଧୀ ପଦାର୍ପଣ କରିଥା'ନ୍ତି ଭଦ୍ରକ ମାଟିରେ। ସଭାସ୍ଥଳରେ ଗାନ୍ଧିଜୀଙ୍କ ଏକାଧିକ ପ୍ରିୟ ଭଜନ ପରିବେଷଣ ପରିବେଶକୁ ସ୍ୱତଃ କରିଦେଲା ପରିଶୁଦ୍ଧ। ଗାନ୍ଧୀଜୀଙ୍କ ଅନୁରୋଧ ଉଚ୍ଚାରିତ ହେଲା: ଏକ ଓଡ଼ିଆ ଭଜନ ଗାଇବାକୁ। ଜଣେ କଣ୍ଠଶିଳ୍ପୀ ସେଦିନ ଗାଇଲେ - 'ଆହେ ଦୟାମୟ ବିଶ୍ୱବିହାରୀ / ଘେନ ଦୟାବହି ମୋର ଗୁହାରୀ।' ସଙ୍ଗୀତ ଶୁଣୁ ଶୁଣୁ ଗାନ୍ଧିଜୀଙ୍କ ହୃଦୟ ବିଗଳିତ ହୋଇଗଲା ଆଉ ତାଙ୍କ ପରାମର୍ଶକ୍ରମେ ତାହା ସ୍ଥାନିତ ହେଲା ଆଶ୍ରମ ଭଜନମାଳାରେ। ମହାତ୍ମା ଗାନ୍ଧୀଙ୍କ ମୁଖମଣ୍ଡଳ ନିଷ୍ପାପ ଶିଶୁ-ସମ କି ସୁକୁମାର! ଯେଉଁ ପ୍ରାର୍ଥନା ତାଙ୍କୁ ଭାବ-ମୁଗ୍ଧ କରିଛି ତାହା ଓଡ଼ିଆ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଆଲୋଡ଼ିତ କରି ନ ଥା'ନ୍ତା କିପରି? କବିଙ୍କ ନାମ ରହିଗଲା ଅନ୍ତରାଳରେ। ଅଥଚ କବିତା ତାଙ୍କର ଧ୍ୱନିତ ହେଲା ଅଗଣିତ କୋମଳକଣ୍ଠରେ। 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି / ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନ, ଜନ ଲୋଡ଼ା ନାହିଁ ହେ।' ଶେଷପଦ ପର୍ଯ୍ୟନ୍ତ ପ୍ରାର୍ଥନାଟି ପ୍ରତିଟି ପ୍ରାଣରେ କି ଗଭୀର ସତ୍ୟାନୁରାଗ ଭରି ନ ଦେଇଛି!

ଅନେକ ବର୍ଷ ତଳେ ସମ୍ବାଦପତ୍ରର ଏହା ଏକ ଚର୍ଚ୍ଚିତ ପ୍ରସଙ୍ଗ ଥିଲା ଯେ କବିତାଟିର ସ୍ରଷ୍ଟା କିଏ? କାଳକ୍ରମେ ବିସ୍ମୃତି ଗର୍ଭରେ ବିଲୀନ କବି ରାମକୃଷ୍ଣ ନନ୍ଦଙ୍କୁ ଓଡ଼ିଆ ଜାତି ପୁନରାବିଷ୍କାର କରି ସ୍ପନ୍ଦିତ ହୋଇ ଉଠିଲା ନବ-ଚେତନାରେ। ଓଡ଼ିଆ ଶିଶୁ ସାହିତ୍ୟ ପ୍ରତି ରାମକୃଷ୍ଣ ନନ୍ଦଙ୍କ ଅବଦାନ ଅତୁଳନୀୟ। 'ସଂସାର' ନାମକ ପତ୍ରିକା ପ୍ରକାଶ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ପୁସ୍ତକ ରଚନା କରି ଶିଶୁ ଅନ୍ତରରେ ସେ ଭରି ଦେଇଛନ୍ତି ଅସୀମ ଦେଶାତ୍ମବୋଧର ଉଚ୍ଛ୍ୱାସ, ପ୍ରକୃତି ଓ ପ୍ରାଣିଜଗତ ପ୍ରତି କର୍ତ୍ତବ୍ୟବୋଧ, ଐତିହ୍ୟ ଓ ପରମ୍ପରା ପ୍ରତି ସମ୍ମାନ, ସର୍ବୋପରି ମାନବିକ ମହତ ଗୁଣାବଳୀର ବିକାଶ ସକାଶେ ପ୍ରେରଣାର ପବିତ୍ର କିରଣ। ତାଙ୍କ ରଚିତ ଯେକୌଣସି ପୁସ୍ତକର ନାମ ସ୍ମରଣ କରିବା ମାତ୍ରକେ ପରିମାର୍ଜିତ ହୋଇଯାଏ ଅନ୍ତଃସ୍ଥଳ। ତାଙ୍କ ଦ୍ୱାରା ରଚିତ ପୁସ୍ତକ ମଧ୍ୟରେ ରହିଛି: 'ଆମ ଜାତୀୟ ପକ୍ଷୀ', 'ଝୁମୁକା', 'ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତ', 'ଛଅଟି ଗଛ ବାଇଶ ଫୁଲ', 'ଛଅଟି ଗଛ ଚବିଶ ଫୁଲ', 'ସାଗର କନ୍ୟା', 'ଲେଖନୀର ପାଠଶାଳା' ଆଦି। 'ଜୀବନ ତରଙ୍ଗ' ତାଙ୍କ ଆତ୍ମଜୀବନୀ। 'ବିଚିତ୍ର-ବିଶ୍ୱ' ନାମକ ଜ୍ଞାନକୋଷ ସେ ପ୍ରଣୟନ କରିଥିବା ଏ ପ୍ରସଙ୍ଗରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଆମ ଦେଶର ମୟୂର ତାଙ୍କ ବହିରେ କଥା କହେ। ପିଲାଙ୍କ ସପନ ରାଇଜକୁ ଅନ୍ୟ ଦେଶର ମୟୂର ବି ଆସି ତାଙ୍କ ଜୀବନ କଥା କହିଥା'ନ୍ତି। କେତେ ମହାପୁରୁଷଙ୍କ ଜୀବନର ଘଟଣା ସହିତ ଯୋଡ଼ି ଦେଇଛନ୍ତି କୋମଳ ଦ୍ୟୁତିରେ ଉଦ୍ଭାସିତ ବିଦ୍ୟାର୍ଥୀମାନଙ୍କ ମନ। ବ୍ରିଟିଶ ପତାକା କାଢ଼ି ଦେଇ ସ୍ୱଦେଶର ପତାକା ଲଗାଇବା ପାଇଁ ଲାଲବାହାଦୂର ଶାସ୍ତ୍ରୀ କିପରି ନାରୀବେଶ ଧାରଣ କରିପାରନ୍ତି ବ୍ରିଟିଶ ପୁଲିସକୁ ଚକମା ଦେବା ପାଇଁ, ସେଇ ସଂଗୁପ୍ତ ଇତିହାସ ଉନ୍ମୋଚନ କରିଦେଇଛନ୍ତି।

ଅନେକେ ମନେ କରିଥା'ନ୍ତି ଯେ, ଶିଶୁମାନଙ୍କ ପାଇଁ ଗଳ୍ପ/କବିତା ଲେଖିବା ଖୁବ ସହଜ। ଅନେକେ ପୁଣି ଶିଶୁ ସାହିତ୍ୟ ସୃଷ୍ଟି ଦିଗରେ ଅନିଚ୍ଛା ପ୍ରକାଶ କରିଥା'ନ୍ତି। ଜଣେ ଲେଖକ ଚେତନାର କେତେ ଉଚ୍ଚସ୍ତରକୁ ଆରୋହଣ କରିଛନ୍ତି, ତାହା ବାସ୍ତବରେ ପ୍ରମାଣିତ ହୁଏ ତାଙ୍କ ଶିଶୁଲେଖା ଦ୍ୱାରା। ଅଥବା ଶିଶୁମାନଙ୍କ ପ୍ରତି ବାତ୍ସଲ୍ୟ ଭାବ ପ୍ରକାଶ କରିବା ମାଧ୍ୟମରେ ଆପଣା ହାର୍ଦ୍ଦିକତାର ପରିଚୟ ହିଁ ପ୍ରକଟିତ ହୋଇଯାଇପାରେ। ରାମକୃଷ୍ଣ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର। ସତ୍ୟାଗ୍ରହ ପ୍ରତି ତାଙ୍କର ରହିଥିଲା ଆତ୍ମାର ଆକର୍ଷଣ। ଶିଶୁ ସାହିତ୍ୟ ସ୍ରଷ୍ଟାର ବ୍ୟକ୍ତିତ୍ୱର ପରିଚ୍ଛନ୍ନତା ହିଁ ସବୁଠାରୁ ଅଧିକ ପ୍ରଭାବଦୀପ୍ତ ବିଷୟ। ଶିଶୁଙ୍କୁ ସୁଯୋଗ୍ୟ କରି ଗଢ଼ିବାକୁ ହେଲେ ବୟସ୍କମାନେ ହିଁ ନିଜେ ପ୍ରଥମେ ଉପଯୁକ୍ତ ହେବା ଆବଶ୍ୟକ -ଏ ହି ବାର୍ତ୍ତା ରାମକୃଷ୍ଣ ନନ୍ଦଙ୍କ ବ୍ୟକ୍ତିତ୍ୱରେ ବ୍ୟଞ୍ଜିତ। ସମ୍ପ୍ରତି ମୋବାଇଲ ଫୋନ ବା କମ୍ପ୍ୟୁଟର ଦ୍ୱାରା ଶିଶୁ-ମାନସ ଆକ୍ରାନ୍ତ ବୋଲି କହିଦେଇ ନିଜର ନୈତିକ ଦାୟିତ୍ୱରୁ ମୁକ୍ତ ହୋଇଯିବା ଲେଖକ ବା ଅଭିଭାବକ ପାଇଁ ବାଞ୍ଛନୀୟ ହୋଇ ନ ପାରେ। ସେସବୁ ଯଦି ଶିଶୁକୁ ନଷ୍ଟ କରୁଛି, ତା'ର ସଦୁପଯୋଗ ସତର୍କତାର ସହ କରିବା ପାଇଁ ଓ ଲିଖିତ ଶିଶୁ ସାହିତ୍ୟ ପୁସ୍ତକ, ପତ୍ରପତ୍ରିକା ପାଠ ସହିତ ସେମାନଙ୍କୁ ସଂଯୁକ୍ତ କରି ଦେବା ପ୍ରୟାସ ବ୍ୟାହତ ହୋଇ ନ ଯାଉ। ତା' ଭିତରେ ଶୁଭବୁଦ୍ଧିର ବିକାଶ ପାଇଁ ଆମକୁ ସବୁ କଷ୍ଟବରଣ କରିବାକୁ ପଡ଼ିବ। ଶିଶୁ ଜୀବନ ସହିତ ସମ୍ବନ୍ଧିତ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କୁ ଏକଥା ପ୍ରମାଣ କରିବାକୁ ପଡ଼ିବ ଯେ, ସେମାନଙ୍କ ଚୁମ୍ବକୀୟ ମମତା ଆଗରେ ଅନ୍ୟ ସବୁ ଆଧୁନିକତାର ଆକର୍ଷଣ ହୋଇଯାଇପାରେ କିପରି ନିଷ୍ପ୍ରଭ। ରାମକୃଷ୍ଣ ନନ୍ଦ ଏ ଦୃଷ୍ଟିରୁ ଅପ୍ରତିହତ ପ୍ରେରଣା ହୋଇ ରହିଥିବେ ଆମ ପାଇଁ ନିଶ୍ଚୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମେସି ମ୍ୟାଜିକ...

ହୋଇଛନ୍ତି। ଉଭୟ ମେସି ଓ କ୍ଲୋଜ ଏବେ ୧୬ଟି ଲେଖାଏଁ ଗୋଲ୍ ଦେଇ ମିଳିତ ଭାବେ ତାଲିକାର ଶୀର୍ଷରେ ରହିଛନ୍ତି। ଅନ୍ତର୍ଜାତୀୟ କ୍ୟାରିୟରରେ ତାଙ୍କ ଗୋଲ୍‌ସଂଖ୍ୟା ମଧ୍ୟ ୧୨୦ରେ ପହଞ୍ଚିଛି। ସେହିଭଳି ଚଳିତ ବିଶ୍ୱକପ୍ ମେସିଙ୍କ କ୍ୟାରିୟରର ୬ଷ୍ଠ ବିଶ୍ୱକପ୍ ହୋଇଛି। ଜାଜ୍ୱଲ୍ୟମୟ କ୍ୟାରିୟରରେ ସେ ୯ଥର ସମ୍ମାନଜନକ 'ବାଲନ୍ ଡି ଅର୍' ଟ୍ରଫି ଜିତିଛନ୍ତି। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଆହୁରି ଏକାଧିକ ମ୍ୟାଚ୍ ଖେଳିବାକୁ ବାକିଥିବାରୁ ମେସିଙ୍କ ନିକଟରେ ସର୍ବକାଳୀନ ସର୍ବାଧିକ ଗୋଲ୍ ସ୍କୋରର୍ ହେବାର ସୁଯୋଗ ରହିଛି।

### ବହିରେ ତ୍ରୁଟି...

ଏବେ ଏହାକୁ ନେଇ ଯାବତୀୟ ତୁମ୍ବିତୋଫାନ ଚାଲିଥିବାବେଳେ ଓଡ଼ିଆ ଅସ୍ମିତାପ୍ରେମୀ ମନ୍ତ୍ରୀ, ଅଫିସର, ନେତାଙ୍କ ତୁଣ୍ଡରେ ଚାବି ପଡ଼ିଛି। ମାତ୍ର ବହି ଛପାରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା କାହାଠାରୁ ଏବେ ଭରଣା ହେବ ତାହାକୁ ନେଇ ପ୍ରଶ୍ନ ଉଠିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ଶହଶହ ତ୍ରୁଟି, କଦର୍ଥ ଶବ୍ଦ, ଗୁରୁତର ପ୍ରମାଦ ପାଇଁ କିଏ ଦାୟୀ ତାହାକୁ ଏବେ ଖୋଜା ପଡ଼ିଛି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବି କୁହାଯାଉଛି। ମାତ୍ର କାର୍ଯ୍ୟାନୁଷ୍ଠାନର ପରିଣାମ କ'ଣ ୩୮୦ କୋଟିରୁ ଊର୍ଦ୍ଧ୍ୱ ହେବ କି ବୋଲି ଅଭିଭାବକ ସଂଘ ପ୍ରଶ୍ନ କରିଛି। ବାମପନ୍ଥୀ ଛାତ୍ରସଂଘ ସରକାରଙ୍କୁ ଏହି ପ୍ରସଙ୍ଗରେ କାଠଗଡ଼ାକୁ ଟାଣିଛି। ଅଷ୍ଟମ ଶ୍ରେଣୀ ବହିରେ ୧୦୦ପୃଷ୍ଠାରେ ୭୦୦ରୁ ଊର୍ଦ୍ଧ୍ୱ ଭୁଲ। କିଏ ଏହାକୁ ପ୍ରସ୍ତୁତ କରିଥିଲା, କିଏ ଏହାର ପ୍ରୁଫ୍ ଦେଖିଥିଲା, କିଏ ଏହାକୁ ମୁଦ୍ରଣ ଅନୁମତି ଦେଇଥିଲା; ସେମାନଙ୍କୁ ଖୋଜା ଚାଲିଛି। ନିୟମଗିରି ଝାଡ଼ଖଣ୍ଡରେ ବୋଲି ଯେଉଁ ଭୂଗୋଳ ଶିକ୍ଷକ ଲେଖିଲେ, ତାଙ୍କୁ ଏତେବର୍ଷ ଧରି ସରକାର କିପରି ଦରମା ଦେଉଛନ୍ତି ବୋଲି ଅଭିଭାବକ ପ୍ରଶ୍ନ କରୁଛନ୍ତି। ତେଣୁ ଯେଉଁମାନେ ଏହା ଦାୟିତ୍ୱରେ ଥିଲେ; ସେମାନଙ୍କର ଦରମା ଓ ପେନସନରୁ ବହି ଛାପା ବ୍ୟୟ ଭରଣା କରାଯାଉ ବୋଲି ଦାବି ହୋଇଛି।

### ୭ ଦିନରେ...

ପାଇଁ କେଉଁ ଅଧିକାରୀ ବା ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତନ୍ନତନ୍ନ କରି ଯାଞ୍ଚ କରିବା ସହ ୭ ଦିନ ମଧ୍ୟରେ କମିଟି ରିପୋର୍ଟ ଦାଖଲ କରିବ। କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ ବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଦାୟିତ୍ୱହୀନ, ଖାମଖିଆଲି ...

ସମୟରେ ପାଠ୍ୟପୁସ୍ତକ ଯୋଗାଇ ପାରୁନଥିବା ବେଳେ, ମିଳିଥିବା ପାଠ୍ୟପୁସ୍ତକରେ ବି ଅନେକ ଭୁଲ ବାହାରିଛି। ଯାହା ପିଲାଙ୍କ ପାଠପଢ଼ା ଆଶାକୁ ଭାଙ୍ଗି ଦେଇଛି। ଶିକ୍ଷା ହେଉଛି ଜୀବନର ମେରୁଦଣ୍ଡ ଓ ସମୃଦ୍ଧିର ବାଟ ଫିଟାଇଥାଏ। ହେଲେ ବିଜେପି ସରକାରରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ତ୍ରୁଟିପୂର୍ଣ୍ଣ ଶିକ୍ଷାଦାନ କରି ବିଜେପି ସରକାର ପିଲାଙ୍କ କିପରି ଭବିଷ୍ୟତ ଗଢ଼ିବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି। ମହାପୁରୁଷଙ୍କ ନାମକୁ କଦର୍ଥ କରିବା, ଗଞ୍ଜାମ ବଦଳରେ ବ୍ରହ୍ମପୁରକୁ ଜିଲ୍ଲା ଭାବେ ଅଭିହିତ କରିବା, ଭୁଲ ବନାନ ଲେଖାଯିବା ଛୋଟିଆ କଥା ନୁହେଁ। 'ଓଡ଼ିଆ ଅସ୍ମିତା'ର ନାରା ଦେଇ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି। ଶୈଶବରୁ ପିଲାମାନଙ୍କ ଶିକ୍ଷା ସହ ବିଜେପି ସରକାର କରୁଥିବା ସାଲିସ୍ କଦାପି କ୍ଷମଣୀୟ ନୁହେଁ। ତୁରନ୍ତ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହ ପିଲାମାନଙ୍କ ଉତ୍ତମ ଶିକ୍ଷା ସୁନିଶ୍ଚିତ କରିବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି।

### ୧୦ ବର୍ଷରେ...

୨୫ ଆର୍ଥିକ ବର୍ଷରେ ୨୫ ପ୍ରତିଶତରୁ ଅଧିକ ବଢ଼ିଯାଇଛି। ସିଏଜିଙ୍କ ସମୀକ୍ଷାରେ ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି ରାଜସ୍ୱ ବଳକା ଥିବା ରାଜ୍ୟଗୁଡିକ ହ୍ରାସ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜସ୍ୱ ବଳକା ରାଜ୍ୟ ସଂଖ୍ୟା ୧୬ ଥିବାବେଳେ ୨୦୨୫-୨୬ରେ ଏହା ୧୩କୁ ହ୍ରାସ ପାଇଛି। ବର୍ଷକ ମଧ୍ୟରେ ବିହାର, ମିଜୋରାମ ଓ ତେଲେଙ୍ଗାନା ରାଜସ୍ୱ ବଳକା ରାଜ୍ୟରୁ ନିଅଣ୍ଟିଆ ରାଜ୍ୟରେ ପରିଣତ ହୋଇଛି। ରିପୋର୍ଟରେ କୁହାଯାଇଛି ଯେ ଦେଶର ରାଜ୍ୟଗୁଡ଼ିକର ମୋଟ ସାର୍ବଜନୀନ ଋଣ ପ୍ରାୟ ୩ ଗୁଣ ବୃଦ୍ଧି ପାଇ ଜିଏସଡିପିର ୨୩%ରେ ପହଞ୍ଚିଛି। ଅନେକ ରାଜ୍ୟ ରାଜସ୍ୱ ଖର୍ଚ୍ଚ ପୂରଣ କରିବା ପାଇଁ ଋଣ କରିଛନ୍ତି। କିଛି ରାଜ୍ୟ କୌଣସି ସ୍ଥାୟୀ ସମ୍ପତ୍ତି ବା ଭିତ୍ତିଭୂମି ନିର୍ମାଣ କରିବା ବଦଳରେ ଦୈନନ୍ଦିନ ବ୍ୟୟ, ପ୍ରଶାସନିକ ଖର୍ଚ୍ଚ ଓ ଅନ୍ୟ କାର୍ଯ୍ୟକ୍ରମ ବ୍ୟୟ ମେଣ୍ଟାଇବା ପାଇଁ ଋଣ କରି ଚାଲିଛନ୍ତି। ୧୩ଟି ରାଜ୍ୟ ୧୫ତମ ଅର୍ଥ ଆୟୋଗଙ୍କ ନିର୍ଦ୍ଧାରିତ ସୀମା ୩୨.୮%କୁ ଅତିକ୍ରମ କରି ଅଧିକ ଋଣ କରିଛନ୍ତି। ରାଜ୍ୟଗୁଡ଼ିର ଆୟ ଏବଂ ବ୍ୟୟ ମଧ୍ୟରେ ତାଳମେଳ ରଖିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଠାରୁ ନେଉଥିବା ସ୍ୱଳ୍ପକାଳୀନ ଅସ୍ଥାୟୀ ଋଣ ବା 'ୱେଜ୍ ଆଣ୍ଡ ମିନ୍ସ ଆଡଭାନ୍‌ସେସ୍'ର ପରିମାଣ ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଛି। ୨୦୧୫-୧୬ରେ ରାଜ୍ୟଗୁଡ଼ିକ ମାତ୍ର ୭୪,୮୩୨ କୋଟି ଟଙ୍କାର 'ୱେଜ୍ ଆଣ୍ଡ ମିନ୍ସ ଆଡଭାନ୍‌ସେସ୍' ବ୍ୟବହାର କରୁଥିବାବେଳେ ୨୦୨୪-୨୫ରେ ଏହା ବୃଦ୍ଧି ପାଇ ୬.୮୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି କ୍ରମାଗତ ଆର୍ଥିକ ଚାପକୁ ଦୃଷ୍ଟିରେ ରଖି ରାଜ୍ୟଗୁଡ଼ିକ ସେମାନଙ୍କର ବଜେଟ୍ ପରିଚାଳନାରେ ସଂସ୍କାର ଆଣିବା ସହ ଦୀର୍ଘକାଳୀନ ସ୍ଥିରତା ପାଇଁ ସତର୍କତାମୂଳକ ଋଣ ପରିଚାଳନା ନୀତି ଆପଣେଇବା ଜରୁରୀ ବୋଲି ସିଏଜି ପରାମର୍ଶ ଦେଇଛନ୍ତି।

### ବିଭାଜନ ଚର୍ଚ୍ଚାରେ...

ନଆସିବାରୁ ବାଚସ୍ପତିଙ୍କ ସହ ସାକ୍ଷାତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏହି ଦୁଇ ସାଂସଦ ଉଦ୍ଧବଙ୍କ ଠାରୁ ଅଲଗା ହେବାକୁ କୁଆଡ଼େ ରାଜି ହେଉ ନାହାନ୍ତି। ତେଣୁ ବିଦ୍ରୋହୀଙ୍କ ଅଭିଯାନକୁ ଝଟକା ଲାଗିଛି। ଅଯୋଗ୍ୟ ଘୋଷଣାରୁ ବର୍ତ୍ତିବାକୁ ହେଲେ ୯ ମଧ୍ୟରୁ ଅତିକମରେ ୬ ଜଣ (ଦୁଇ ତୃତୀୟାଂଶ) ସାଂସଦ ଅଲଗା ହେବା କଥା। କିନ୍ତୁ ଏହି ସଂଖ୍ୟା ମିଳୁନଥିବାରୁ ବିଭାଜନ ଅଭିଯାନକୁ ଧକ୍କା ଲାଗିଛି। ଇତିମଧ୍ୟରେ ଉଦ୍ଧବ ସେନାର ବରିଷ୍ଠ ସାଂସଦ ସଂଜୟ ରାଉତ ଅଭିଯୋଗ କରିଚନ୍ତି ଯେ ତାଙ୍କ ଦଳର ସାଂସଦମାନଙ୍କୁ କିଣିବା ପାଇଁ ବଡ଼ ଧରଣର ଅର୍ଥ କାରବାର କରାଯାଇଛି। ଶିବସେନା (ୟୁବିଟି)ର ୬ ରୁ ୭ ଜଣ ସାଂସଦଙ୍କୁ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏଥିପାଇଁ ପ୍ରତ୍ୟେକ ସାଂସଦଙ୍କୁ ୫୦ ରୁ ୬୦ କୋଟି ଟଙ୍କାର ପ୍ରଲୋଭନ ଦିଆଯାଇଛି ଏବଂ ସେମାନଙ୍କ ମଧ୍ୟରୁ କେତେକଙ୍କୁ ୧୫ କୋଟି ଟଙ୍କାର ଆଗୁଆ ଅର୍ଥ ମଧ୍ୟ ପ୍ରଦାନ କରାଯାଇଛି। ବିଦ୍ରୋହ ଆଶଙ୍କା ମଧ୍ୟରେ ଶିବସେନା (ୟୁବିଟି) ପକ୍ଷରୁ ନିଜର ସମସ୍ତ ସାଂସଦଙ୍କ ପାଇଁ ହ୍ୱିପ୍ ଜାରି କରାଯାଇଛି। ସଞ୍ଜୟ ରାଉତ, ଅରବିନ୍ଦ ସାୱନ୍ତ ଏବଂ ଅନିଲ ଦେଶାଇଙ୍କ ଭଳି ବରିଷ୍ଠ ନେତା ଆଜି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ସାକ୍ଷାତ କରିଛନ୍ତି। ଯଦି କୌଣସି ସାଂସଦ ଦଳ ବିରୋଧୀ କାର୍ଯ୍ୟ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦଳବଦଳ ବିରୋଧୀ ଆଇନ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଉଦ୍ଧବ ଗୋଷ୍ଠୀର ୬ ଜଣ ସାଂସଦ ବିଦ୍ରୋହ କରି ଆସନ୍ତା ୧୯ ତାରିଖରେ ସିନ୍ଦେ ଗୋଷ୍ଠୀରେ ସାମିଲ ହେବାକୁ ଯୋଜନା କରିଥିଲେ। ଆସନ୍ତା ଜୁନ୍ ୧୯ ତାରିଖରେ ବାଲ୍ ଠାକରେଙ୍କ ଦ୍ୱାରା ଗଠିତ ଶିବସେନାର ୬୦ତମ ପ୍ରତିଷ୍ଠା ଦିବସ ପାଳନ ହେବାକୁ ଥିବାବେଳେ ଏହି ଦିନ ବିଦ୍ରୋହୀମାନେ ଉଦ୍ଧବଙ୍କୁ ଝଟକା ଦେବାଲାଗି ଚିନ୍ତା କରିଥିଲେ। ଏହାଦ୍ୱାରା ସିନ୍ଦେ ହିଁ ବାଲ ଠାକରେଙ୍କର ପ୍ରକୃତ ରାଜନୈତିକ ଉତ୍ତରାଧିକାରୀ ବୋଲି ପ୍ରମାଣ କରିବାକୁ ସୁଯୋଗ ପାଇବେ। ସେହିଭଳି ଉତ୍ତର ପ୍ରଦେଶ ସରକାରଙ୍କ ମନ୍ତ୍ରୀ ଓମ ପ୍ରକାଶ ରାଜଭର ସମାଜବାଦୀ ପାର୍ଟି (ସପା) ଶୀଘ୍ର ଦୁଇ ଭାଗ ହେବାକୁ ଯାଉଛି ବୋଲି ଦାବି କରିବା ପରେ ହଟଚମଟ ସୃଷ୍ଟି ହୋଇଛି। ସମାଜବାଦୀ ପାର୍ଟିର ବରିଷ୍ଠ ନେତା ରାମଗୋପାଳ ଯାଦବ ଏବଂ ମୁଖ୍ୟ ଅଖିଳେଶ ଯାଦବ ଏହି ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିବା ସହ ଏହା କେବଳ ଏକ ଗୁଜବ ବୋଲି କହିଛନ୍ତି। ମନ୍ତ୍ରୀ ଓପି ରାଜଭର କହିଛନ୍ତି ସପା ସାଂସଦ ରାମଗୋପାଳ ଯାଦବ ନିଜ ଦଳର ସଦସ୍ୟମାନଙ୍କ ଏକ ତାଲିକା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ହସ୍ତାନ୍ତର କରିଛନ୍ତି। ଖଣି ଏବଂ ଗୋମତୀ ରିଭର ଫ୍ରଣ୍ଟ ଦୁର୍ନୀତିର ତଦନ୍ତ ମାଧ୍ୟମରେ ଆଇନଗତ ଚାପ ବଢ଼ୁଥିବାରୁ ସମାଜବାଦୀ ପାର୍ଟି ଭୟଭୀତ ହୋଇପଡ଼ିଛି। ଏହି ଚିଠିରେ ନେତାମାନଙ୍କ ସୁରକ୍ଷା ବଦଳରେ ସେମାନେ ବିଜେପିରେ ସାମିଲ ହେବା ପାଇଁ ପ୍ରସ୍ତୁତ ଥିବା ସୂଚନା ରହିଛି। ତେବେ ସାଂସଦ ରାମଗୋପାଳ ଯାଦବ ଏହି ଅଭିଯୋଗକୁ ହାସ୍ୟାସ୍ପଦ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଦେଶରେ କେହି ଓପି ରାଜଭରଙ୍କ କଥାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ ଏବଂ ସେ ନିଜେ କ'ଣ କହୁଛନ୍ତି ତାହା ଜାଣନ୍ତି ନାହିଁ। 'ମୁଁ କୌଣସି ଚିଠି ଦେଇଛି କି ନାହିଁ, ତାହା ଗଣମାଧ୍ୟମ ସିଧାସଳଖ ଅମିତ ଶାହଙ୍କୁ ପଚାରିବା ଉଚିତ' ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି। ଅପରପକ୍ଷରେ ଅଖିଳେଶ ଯାଦବ ମଧ୍ୟ ଏହାକୁ କଟାକ୍ଷ କରି କହିଛନ୍ତି ଯେ ଯିଏ ଯାହାର ଅନ୍ନ ଖାଏ, ସିଏ ତାହାର ଭାଷା କହିବା ଲୋକସଭାରେ ସମାଜବାଦୀ ପାର୍ଟିର ୩୭ ଜଣ ସଭ୍ୟ ଅଛନ୍ତି। ଏହାର ବିଭାଜନ ଘଟାଇବାକୁ ହେଲେ ୨୫ ଜଣ ସଭ୍ୟଙ୍କ ସମର୍ଥନ ଦରକାର।

### ଅଟକିଛି ମୌସୁମୀ...

ଅଞ୍ଚଳରେ ମୌସୁମୀ ମେଘର ଦେଖା ନାହିଁ। ବର୍ଷା କରାଇବାକୁ ଥିବା ମେଘଖଣ୍ଡଗୁଡ଼ିକ କେବଳ ବଙ୍ଗୋପସାଗର, ଭାରତର ମହାସାଗରୀୟ ଅଞ୍ଚଳ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ମଧ୍ୟରେ ସୀମିତ ହୋଇ ରହିଛି। ଏହି ଅସମାନ ବଣ୍ଟନ ଯୋଗୁଁ ସାରା ଦେଶରେ ବର୍ଷାର ପରିମାଣ ଆଶାତୀତ ଭାବେ ହ୍ରାସ ପାଇଛି। ପାଣିପାଗ ବିଭାଗର ସାପ୍ତାହିକ ରିପୋର୍ଟ ଅନୁଯାୟୀ, ଜୁନ୍ ୪ ରୁ ଜୁନ୍ ୧୭ ମଧ୍ୟରେ ସାରା ଦେଶରେ ସ୍ୱାଭାବିକ ୬୫.୯ ମିଲିମିଟର ବଦଳରେ ମାତ୍ର ୩୯.୭ ମିଲିମିଟର ବର୍ଷା ହୋଇଛି। ପ୍ରମୁଖ କୃଷି ପ୍ରଧାନ ରାଜ୍ୟଗୁଡ଼ିକରେ ବର୍ଷାର ଅଭାବ ସ୍ଥିତିକୁ ଅଧିକ ଜଟିଳ କରିଛି। ଏହା ବ୍ୟତୀତ ଓଡ଼ିଶା, କର୍ଣ୍ଣାଟକ, ତେଲେଙ୍ଗାନା, ବିହାର ଏବଂ ଆସାମରେ ମଧ୍ୟ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ, ବାୟୁମଣ୍ଡଳୀୟ ସ୍ଥିତିରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଏଭଳି ସମସ୍ୟା ଉପୁଜିଛି। ଆରବ ସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବ କମ୍ ରହିବା ସହ ବାୟୁମଣ୍ଡଳର ଉପରିଭାଗରେ ସୃଷ୍ଟି ହୋଇଥିବା ପବନ କେନ୍ଦ୍ରୀୟ ଓ ପଶ୍ଚିମ ଭାରତରେ ବର୍ଷା ଅନୁକୂଳ ପରିବେଶ ସୃଷ୍ଟି କରିବାରେ ବାଧା ଦେଉଛି। ଆରବ ସାଗରର ପଶ୍ଚିମ ପାର୍ଶ୍ୱରେ ଏକ ବାୟୁ ପ୍ରବାହ ସକ୍ରିୟ ଥିଲେ ମଧ୍ୟ ତାହା ସ୍ଥଳଭାଗ ଆଡ଼କୁ ଅଗ୍ରସର ହୋଇପାରୁନାହିଁ। ଜୁନ୍ ମାସଟି ଧାନ, ସୋୟାବିନ୍, କପା ଏବଂ ଡାଲି ଜାତୀୟ ଶସ୍ୟର ବୁଣାବୁଣି ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ଚାଷ ଜମିରେ ଆଦ୍ରତାର ଅଭାବ ଦେଖାଦେଲାଣି। ଏହା ଚାଷ କାର୍ଯ୍ୟର ସମୟସୀମାକୁ ପଛକୁ ଠେଲିଦେବାର ଆଶଙ୍କା ରହିଛି। ତେବେ ପାଣିପାଗ ପୂର୍ବାନୁମାନ ମଡେଲ ଅନୁଯାୟୀ, ଜୁନ୍ ୨୧ ତାରିଖ ପରେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ବୃଦ୍ଧି ପାଇବ, ଯାହା ମୌସୁମୀକୁ ପୁନର୍ବାର ସକ୍ରିୟ କରିବାରେ ସହାୟକ ହୋଇପାରେ। ବର୍ତ୍ତମାନର ମୌସୁମୀ ମାନ୍ଦାବସ୍ଥା ଦେଶର ଗ୍ରାମୀଣ ଅର୍ଥନୀତି ଏବଂ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ପର୍ଯ୍ୟାପ୍ତ ବର୍ଷା ନହୁଏ, ତେବେ କୃଷି ସଙ୍କଟ ଆହୁରି ଗଭୀର ହେବାର ସମ୍ଭାବନା ରହିଛି। ଅଫିସିଆଲ୍ ସଂସ୍ଥାଗୁଡ଼ିକ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି।

### ଶ୍ରୀମନ୍ଦିରରେ ଡାଲ୍‌ଡା...

କେଉଁ ସୁଆର ସେବକ ଆଣିବାକୁ ଚେଷ୍ଟା କରିଥିଲେ ଏବଂ ଏହା ପଛରେ କୌଣସି ବଡ଼ ଷଡ଼ଯନ୍ତ୍ର ଅଛି କି ନାହିଁ ତାହା ଜାଣିବା ପାଇଁ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଏତଲା ଦିଆଯାଇଥିବା ବେଳେ ଦୋଷୀ ସେବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ କହିଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି, "ମନ୍ଦିରରେ ଓମ୍‌ଫେଡ ଘିଅ ଛଡ଼ା ଅନ୍ୟ କୌଣସି ଘିଅ ବ୍ୟବହାର ହେବ ନାହିଁ। ଯେକୌଣସି ସେବକ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ମଙ୍ଗଳବାର ଡାଲ୍‌ଡା ଘିଅ ଜବତ କରାଯାଇଛି। ତଦନ୍ତ ପରେ ମନ୍ଦିର ପ୍ରଶାସନର ଆଇନ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଘଟଣା ପରେ ପ୍ରଶାସନ ରୋଷଘର ସାମଗ୍ରୀ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି। ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଘିଅ ସମେତ ସମସ୍ତ ସାମଗ୍ରୀ ଯୋଗାଣ ପ୍ରକ୍ରିୟାର ସମୀକ୍ଷା କରାଯାଇଛି। ମହାପ୍ରଭୁଙ୍କ ନୈବେଦ୍ୟର ପବିତ୍ରତା ରକ୍ଷା ପାଇଁ ଶ୍ରଦ୍ଧାଳୁମାନେ ମଧ୍ୟ ପ୍ରଶାସନ ପାଖରେ ଦାବି ରଖିଛନ୍ତି। ମହାପ୍ରସାଦ କୋଟି କୋଟି ଓଡ଼ିଆଙ୍କ ଆସ୍ଥାର ପ୍ରତୀକ। ତେଣୁ ଏହାର ଶୁଦ୍ଧତା ସହ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଛି।

### ୩ ଜିଲ୍ଲାରେ...

ରଖି ଜିଲ୍ଲାପାଳମାନେ ସୁବର୍ଣ୍ଣପୁର, ଅନୁଗୋଳ, ବୌଦ୍ଧ, ଗଞ୍ଜାମ, ସୁନ୍ଦରଗଡ଼, ବରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ୨୦ ତାରିଖ ଯାଏଁ ଖରାଛୁଟି ଅବଧିକୁ ବୃଦ୍ଧି କରିଛନ୍ତି। ୨୧ ତାରିଖ ରବିବାର ଥିବାରୁ ପିଲାମାନେ ୨୨ରେ ବିଦ୍ୟାଳୟକୁ ଯିବେ ବୋଲି ନିର୍ଦ୍ଦେଶ ରହିଛି। ସେହିପରି ନୂଆପଡ଼ାରେ ୨୦ ଯାଏଁ ସକାଳୁଆ ସ୍କୁଲ ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସକାଳ ସାଢ଼େ ୬ଟାରୁ ସାଢ଼େ ୧୧ ପର୍ଯ୍ୟନ୍ତ ପାଠପଢ଼ା ହେବ। ଅନୁରୂପ ଭାବେ ବଲାଙ୍ଗିରରେ ମଧ୍ୟ ସକାଳୁଆ ସ୍କୁଲ ଘୋଷଣା କରାଯାଇଥିବାବେଳେ ସକାଳ ସାଢ଼େ ୬ ରୁ ସାଢ଼େ ୧୦ ଯାଏଁ ପାଠପଢ଼ା ହେବ। ବାଲେଶ୍ୱର ଜିଲ୍ଲାରେ ମଧ୍ୟ ବିଦ୍ୟାଳୟ ସମୟକୁ ସକାଳ ସାଢ଼େ ୬ଟାରୁ ଦିନ ସାଢ଼େ ୧୦ଟା ପର୍ଯ୍ୟନ୍ତ କରାଯାଇଛି। ସୂଚନାଯୋଗ୍ୟ, ଗ୍ରୀଷ୍ମପ୍ରବାହ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟ ଖୋଲିବା ସମ୍ପର୍କିତ ନିଷ୍ପତ୍ତି ଜିଲ୍ଲାପାଳମାନେ ନେବେ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପୂର୍ବରୁ ସୂଚନା ଦେଇଥିଲେ।

### ୨୧ ଯାଏଁ...

ଜିଲ୍ଲାଗୁଡ଼ିକରେ ପ୍ରବଳ ଗରମ ଜାରି ରହିବ। ଏହି ସମୟରେ ସାରା ରାଜ୍ୟରେ ବ୍ୟାପକ ବର୍ଷା ହେବ ନାହିଁ; କେବଳ କେତେକ ଜାଗାରେ ବିଜୁଳି-ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ୨୨ରୁ୨୪ ଜୁନ୍ ମଧ୍ୟରେ ମୌସୁମୀ ଫେରିବାର ପ୍ରାରମ୍ଭିକ ସଙ୍କେତ ଦେଖାଯିବ। ଆକାଶରେ ମେଘର ପରିମାଣ ଧୀରେ ଧୀରେ ବଢ଼ିବ। ଏହା ସହିତ ଅଧିକାଂଶ ସ୍ଥାନରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ୨୩ରୁ ୨୭ ଜୁନ ମଧ୍ୟରେ ଓଡ଼ିଶାର କେତେକ ଅଞ୍ଚଳରେ ଅଧିକ ବର୍ଷା ହେବାର ସମ୍ଭାବନା ଅଛି। ଉପକୂଳ, ଉତ୍ତର ଏବଂ କେନ୍ଦ୍ରୀୟ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ମଧ୍ୟମ ଧରଣର ବର୍ଷା ହୋଇପାରେ। ଏହି ବର୍ଷାର ପ୍ରଭାବ ଧୀରେ ଧୀରେ ପଶ୍ଚିମ ଓଡ଼ିଶା ଆଡ଼କୁ ମଧ୍ୟ ବଢ଼ିବ। ମୌସୁମୀ ବାୟୁ ଅନୁକୂଳ ହେବା ଫଳରେ ପଶ୍ଚିମ ଓଡ଼ିଶାର ତାପମାତ୍ରା କ୍ରମଶଃ କମିବ। ଏହାବ୍ୟତୀତ ୨୮ ରୁ ୩୦ ଜୁନ ଭିତରେ ଉତ୍ତର ବଙ୍ଗୋପସାଗରରେ ବାୟୁମଣ୍ଡଳୀୟ ଚାପରେ ପରିବର୍ତ୍ତନ ଘଟି ଏକ ଲଘୁଚାପ ବଳୟ ସୃଷ୍ଟି ହେବାର ସଙ୍କେତ ମିଳୁଛି। ଏହା କେତେ ଘନୀଭୂତ ହେବ ସେ ନେଇ ସମ୍ପୂର୍ଣ୍ଣ ସ୍ପଷ୍ଟତା ଆସିନାହିଁ, ତଥାପି ଜୁନ୍ ଶେଷ ସପ୍ତାହ ଆଡ଼କୁ ଓଡ଼ିଶାରେ ଚାଲିଥିବା ଦୁର୍ବଳ ମୌସୁମୀ ପାଗ ବଦଳି ଏକ ସକ୍ରିୟ ବର୍ଷା ପର୍ଯ୍ୟାୟ ଆରମ୍ଭ ହେବା ନେଇ ଆଶା ରହିଛି। ଏହି ପାଣିପାଗ ନିୟାମକର ଗତିପଥ, ସ୍ଥାନ ଏବଂ ତୀବ୍ରତା ବିଷୟରେ ୨୩ ଜୁନ୍ ସୁଦ୍ଧା ଅଧିକ ସ୍ପଷ୍ଟ ସୂଚନା ମିଳିଯିବ। ଯଦି ବର୍ତ୍ତମାନର ସଙ୍କେତ ସ୍ଥିର ରହେ, ତେବେ ମୌସୁମୀ ସକ୍ରିୟ ହେବା ଫଳରେ ଚାଲିଥିବା ଶୁଖିଲା ପାଗ ଓ ଗରମରୁ ବଡ଼ ଆଶ୍ୱସ୍ତି ମିଳିବ। ଏହି ବର୍ଷା ଓଡ଼ିଶା ସମେତ ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ଭାରତର ପଡ଼ୋଶୀ ରାଜ୍ୟ ଯଥା ଗାଙ୍ଗେୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶଗଡ଼, ପୂର୍ବ ମଧ୍ୟପ୍ରଦେଶ ଏବଂ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ମଧ୍ୟ ବ୍ୟାପିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2026-27/ E-procurement Tender Notice/06, ତା.12.06.2026 ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

**କ୍ରମ ସଂ. 01 :** ଟେଣ୍ଡର ସଂ. 81265575, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8 ଚ୍ୟାନେଲ୍ ଆର୍ଥ ଲିକେଜ୍ ଡିଟେକ୍ଟର ତଥା 12 ଚ୍ୟାନେଲ୍ ଆର୍ଥ ଲିକେଜ୍ ଡିଟେକ୍ଟରର ଯୋଗାଣ ଏବଂ ସଂସ୍ଥାପନ କାର୍ଯ୍ୟ। ପରିମାଣ : 4361 ଏବଂ 67 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 06.07.2026, 1500 ଘଟିକାରେ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-240/R/26-27



**CORRIGENDUM OF LOST**

With reference to our lost published in the **"Sakala"** on dtd. 08.03.2026. The original sale deed date of sale deed document No.: 11081012915 of **Mrs. Manjulata Behera** should be read as dt. **28.05.2010** instead of dt. 28.02.2010. All other facts remain unchanged.



**GOVERNMENT OF ODISHA** 25001/425/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**

Through GEPNIC e-Procurement Notice

Bid Identification No: SERWKPT-ONLINE-03/2026-27

Phone (Office): (06852) 251263, Email: eerwkoraput@yahoo.com

Letter No.: 2044, Dated: 05.06.2026

1 Name of the Work — Special Repair of Road Works for the Year 2026-27
2 Total Numbers of Works — 23 Nos
3 Approximate Estimate Cost — Rs. 8.47 Lakhs to Rs. 42.28 Lakhs (Approximately)
4 Class of Contractor — "B", "C" & "D" Class
5 Period of Completion — 2 Months
6 Detail Projects — As per Annexure attached

Other Details as follows:-

| Procurement Officer | Bid Identification No | No. of Works | Availability of Tender Online Bidding | | Date & Time Opening of Tender |
|---|---|---|---|---|---|
| | | | From | To | |
| Superintending Engineer, R.W. Division, Koraput | SERWKPT-ONLINE-03/2026-27 | 23 (Twenty Three) Nos | 23.06.2026 at 11.00 A.M | 03.07.2026 up to 5.00 P.M | 04.07.2026 at 11.00 A.M |

Further details can be seen from the website: www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

N.B.: Any Addendum or Corrigendum will be available in the website only.

Executive Engineer
Rural Works Division, Koraput

OIPR-25001/25088/1/26-27/0003



**OFFICE OF THE PRINCIPAL**
**PANCHAYAT SAMITI COLLEGE, GAISILAT**
At./Po./Ps.- Gaisilat, Dist.- Bargarh, Odisha – 768037
Mob: 9937145100, Email ID: prigaisilat@gmail.com

**NOTICE INVITING QUOTATION**

**Subject:** Supply and Installation of Computer System, UPS, and Printer.

Sealed quotations are invited for the Supply and Installation of Computer System, UPS, and Printer as detailed below:

| Sl. No. | Description | Required Qty. |
|---|---|---|
| 1 | **HP/LENOVO/DELL ALL IN ONE** – Intel i5 13th Gen, 8GB RAM, 512GB SSD, Windows 11, 24" Monitor, BT/Wi-Fi, with wireless Keyboard and Mouse | 5 |
| 2 | **UPS 650 VA** (BIS/ISO-9001:2015 Certificate) | 5 |
| 3 | **Multifunction Colour Printer** with Wi-Fi (A4, A3 and Legal) | 1 |

**Terms & Conditions**

The eligible firms may submit their quotation and relevant documents to: **The Principal, anchayat Samiti College, Gaisilat, Dist. Bargarh,** Email: prlgaisilat@gmail.com **by 25.06.2026** along with Valid GST Registration Certificate / UDYAM Registration Certificate / GeM Registration / PAN Card and Latest Income Tax Return Certificate. The authority reserves the right to cancel the quotation call without assigning any reason thereof.

Sd/- Principal
P.S. College, Gaisilat



**KORAPUT CENTRAL CO-OPERATIVE BANK LTD.**
Head Office: N.K.T. Road, Jeypore – 764003, Dist: Koraput (Odisha)
Phone No.: (06854) 241159 / 232714, Email: ceo@koraputccb.com
Letter No. 1017 / P&S / 2026-27, Date: 16.06.2026

**QUOTATION CALL NOTICE**

Sealed quotations are invited from the Authorised firms / individual with supported valid GST & PAN are requested to submit their sealed quotations for supply of approximately 92 nos. of 12 V (100 AH) SMF-AMARON QUANTA Batteries through buy back system of (100 AH batteries), 6 nos. of 3KVA online UPS and 1 No. of NUMERIC 15 KVA online UPS for the Head office, ATMs & Branch Bank before the undersigned on or before Dt. **24.06.2026 by 5.00 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **UPS & Batteries** on envelope.

The tender will be opened on **Dtd. 25.06.2026 at 4.00 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members. The details are as hereunder:

| Sl. No. | Particulars | Approximate Required in Nos. |
|---|---|---|
| 1 | 12 V 100 AH SMF-AMARON QUANTA Batteries | 92 |
| 2 | NUMERIC 3 KVA Online UPS | 6 |
| 3 | NUMERIC 15 KVA Online UPS | 1 |

**Buy Back of Batteries & UPS**

| Sl. No. | Particulars | Approximate in Nos. |
|---|---|---|
| 1 | 100 AH Batteries | 56 |
| 2 | NUMERIC 15 KVA Online UPS | 1 |

The above items should be quoted including GST, Transportation, Installation charges and supply at any branch bank of Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: **9777519964**.

Secretary
K.C.C. Bank Ltd., Jeypore



**GOVERNMENT OF ODISHA** 10001/280/2627

**OFFICE OF THE ENGINEER-IN-CHIEF, PUBLIC HEALTH ODISHA, BHUBANESWAR**

NATIONAL COMPETITIVE BIDDING THROUGH e-PROCUREMENT

Invitation for REQUEST FOR PROPOSAL (RFP) Dt. 11.06.2026

| Sl. No. | Name of the Work | Bid ID No. | Bid Security (Rs.) | Cost of Bid Document (Rs.) | Time of Completion |
|---|---|---|---|---|---|
| 1 | CONSTRUCTION, TESTING & COMMISSIONING OF SEWERAGE SYSTEM, SEWAGE TREATMENT PLANT (STP) & EFFLUENT TREATMENT PLANT (ETP) FOR 09 DISTRICT HEAD QUARTER HOSPITALS, 02 SUB-DIVISIONAL HOSPITALS & 02 COMMUNITY HEALTH CENTRES IN 12 DISTRICTS OF ODISHA INCLUDING OPERATION & MAINTENANCE FOR A PERIOD OF FIVE YEARS | EICPH-01/2026-27 | 5,00,000.00 (For Each Package) | 10,000.00 (For Each Package) | 06 (Six Months) |

The complete RFP document can be viewed/downloaded from the e-procurement portal of the State Government: https://tendersodisha.gov.in From **18.06.2026 (11.00 Hrs. IST)** to **14.07.2026 (17.00 Hrs. IST)**. RFP must be submitted online. RFP through any other mode shall not be entertained.

**Name & Address of the Officer Inviting RFP**
**The Engineer-in-Chief (PH)**
**1st Floor, Unnati Bhawan, Satyanagar,**
**Bhubaneswar – 751007, Dist. Khordha, Odisha.**
**Phone No.: 0674-2575309**
**Email:** eicphodisha@gmail.com

Interested bidders may download the Request for Proposal Documents (the "RFP" document) from the above website to see further details for participation in the online bidding.

**All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

OIPR-10001/10243/1/26-27/0001 ENGINEER-IN-CHIEF (PH)



**OFFICE OF THE MUNICIPAL COUNCIL, MALKANGIRI**
Odisha, PIN – 764045, Ph: 06861-230244, E-mail: malkangiri@ulborissa.gov.in
Lt. No. 8218 / Mpl. / 2026, Date: 12/06/2026

13001/887/2627

**EXPRESSION OF INTEREST (EOI)**

**For Selection of Local Self-Help Group (SHG) for Operation and Maintenance of AAHAR Kitchen & Aahar Kendra at District Headquarter Hospital, Malkangiri**

Sealed proposals are invited from the local WSHGs for Operation and Maintenance of Aahar Kitchen & Aahar Centre at District Headquarter Hospital, Malkangiri.

The AAHAR Program aims to provide safe, hygienic, and subsidized meals to the public, especially targeting the poor and needy. The selected SHG will be responsible for day-to-day operations, food preparation, serving, cleanliness, and maintenance of the AAHAR Kendra as per prescribed guidelines. Maintenance of records and timely reporting to the authority. Ensuring quality service and customer satisfaction.

**Eligibility Criteria**

1. The WSHG must be a local group functioning within Malkangiri Municipality areas.
2. The local Self-Help Groups (WSHGs) must be registered under NULM / Mission Shakti / ORMAS / Government recognized SHG federations.
3. The SHG should have experience in community kitchen management, meal preparation, SHG-based livelihood activities, sanitation, housekeeping or other similar service-oriented activities. However, considering that no fresh EOI for operation of AAHAR Kendras has been invited during the last several years, lack of direct experience in operation of AAHAR Kendras shall not be a disqualification. Such SHGs may participate in the selection process, and suitable weightage/preference shall be given to SHGs possessing relevant experience.
4. The WSHG should not be blacklisted or involved in any litigation with any government agency.
5. The WSHG must adhere to Pancha Sutra for group management.

**Documents to be Submitted**

1. Application expressing interest.
2. SHG registration certificate.
3. Copy of Aadhaar card of all members.
4. Past experience details (if any) with supporting documents.
5. Bank account details.
6. Resolution copy for willingness to take up the work.
7. SHG should submit last 06 (Six) months resolution copy.
8. SHG should submit the last 06 (Six) month cash book copy.
9. SHG should submit last six-month transaction details copy.
10. SHG PAN Card.

**Submission Deadline**

Interested SHGs may submit their Expression of Interest with relevant documents in a sealed envelope to the office of the Executive Officer-cum-Secretary, District Aahar Society, Malkangiri Municipality on or before **25.06.2026 by 4.00 PM** during office hours through Speed Post / Registered Post only.

The same will be opened on **29.06.2026 at 10.00 AM** in the chamber of the undersigned with presence of WSHGs and their authorized agent, if present. The envelope should be superscribed: "EOI for AAHAR Kitchen & Aahar Kendra Operation – District Headquarter Hospital, Malkangiri". The WSHGs should submit the self-attested copy of valid registration certificate. This office shall not be held responsible for any delay in receipt of the EOI. The undersigned reserves the right to reject any or all applications without assigning any reason thereof.

For any further information, please contact the Executive Officer, Malkangiri Municipality office during working hours.

Executive Officer-cum-Secretary
District Aahar Society
Malkangiri Municipality

OIPR-13001/13125/1/26-27/0006



**HDFC BANK** ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃ. **ଦଖଲ ନୋଟିସ୍**

ଶାଖା: ପ୍ଲଟ୍ ନଂ.: ୯୮, ୩ୟ ମହଲା, କେଶରୀ ଟକିଜ୍ କମ୍ପ୍ଲେକ୍ସ, ଖାରବେଳ ନଗର, ଭୁବନେଶ୍ୱର - ୭୫୧୦୦୧, ଫୋନ୍: ୦୬୭୪-୬୬୩୩୩୦୦, CIN L65920MH1994PLC080618, Website: www.hdfcbank.com

ନିମ୍ନ ସ୍ୱାକ୍ଷରକାରୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ (ମାନ୍ୟବର ଏନ୍‌ସିଏଲ୍‌ଟି-ମୁମ୍ବାଇର ଆଦେଶ ତା.୧୭.୦୩.୨୦୨୩ରିଖ (ଏଚ୍‌ଡିଏଫ୍‌ସି)ର ଅନୁମୋଦିତ ମିଶ୍ରଣ ଯୋଜନା ଅନୁଯାୟୀ ପୂର୍ବରୁ ଏଚ୍‌ଡିଏଫ୍‌ସି ଲିଃ ସହିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିଃର ମିଶ୍ରଣ ହୋଇଛି)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ୍ ନୋଟିସ୍‌ଗୁଡିକ ଜାରି କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଦେୟ ପରିଶୋଧ ତାରିଖ ପର୍ଯ୍ୟନ୍ତ ଅଥବା ଦେୟ ଆଦାୟ ସମାପ୍ତି ପର୍ଯ୍ୟନ୍ତ ନୋଟିସ୍ ଦର୍ଶିତ ପ୍ରକୁର୍ଯ୍ୟ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

| ଋଣଗ୍ରହୀତା(ମାନ)ଙ୍କ ନାମ ଓ ଠିକଣା | ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ / ଦଖଲର ପ୍ରକାର | ସ୍ଥାବର ସମ୍ପତ୍ତି/ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ |
|---|---|---|---|---|
| ଋଣଗ୍ରହୀତା: କ) ଶ୍ରୀ ଆଶିଷ ଦାଶ ଖ) ଶ୍ରୀମତୀ ପ୍ରଜ୍ଞା ଦାଶ | ୩୧.୦୬.୨୦୨୫ ସୁଦ୍ଧା ଋଣ ଆକାଉଣ୍ଟ ନଂ.: ୬୫୧୭୬୪୯୫୪ ନିମନ୍ତେ ଟ. ୪୩,୯୯,୮୮୭/- (ତେୟାଳିଶି ଲକ୍ଷ ଅନେଶୋଃତ ହଜାର ଆଠ ଶହ ସତାଅଶି ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୫୧୮୪୯୦୦୬ ନିମନ୍ତେ ଟ.୧୬,୦୩,୩୨୮/-(ଷୋହଳ ଲକ୍ଷ ତିନି ହଜାର ତିନି ଶହ ଅଠେଇଶି ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୫୧୮୭୧୧୦୨ ନିମନ୍ତେ ଟ. ୬,୭୧,୯୩୬/- (ଛଅ ଲକ୍ଷ ଏକସ୍ତରୀ ହଜାର ନଅ ଶହ ଛତିଶି ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୫୮୦୬୨୭୨୬ ନିମନ୍ତେ ଟ. ୨୨,୭୭୮/- (ବାଇଶି ହଜାର ସାତ ଶହ ଅଠସ୍ତରୀ ଟଙ୍କା ମାତ୍ର), ଋଣ ଆକାଉଣ୍ଟ ନଂ.: ୬୬୯୧୫୩୫୭୫ ନିମନ୍ତେ ଟ. ୭,୨୮,୩୨୭/- (ସାତ ଲକ୍ଷ ଅଠେଇଶି ହଜାର ତିନି ଶହ ସତେଇଶି ଟଙ୍କା ମାତ୍ର) | ୦୪.୦୮.୨୦୨୫ | ୧୨.୦୬.୨୦୨୬ / ସାଙ୍କେତିକ | ଶ୍ରୀ ହରି କନ୍‌ଷ୍ଟ୍ରକସନ୍ ଦ୍ୱାରା ବିକଶିତ ହୋଇଥିବା "କମଳା ପ୍ଲାଜା" ନାମକ ବିଲ୍ଡିଂର ୧ମ ମହଲାରେ ଥିବା ଫ୍ଲାଟ୍ ଯାହାର ଫ୍ଲାଟ୍ ନଂ.: ୧୦୧, ସର୍ବମୋଟ ସୁପର ବିଲ୍ଟ ଅପ୍ ଏରିଆ: ୧୭୦୦ ବର୍ଗଫୁଟ ଏବଂ ଅବିଭକ୍ତ ଆନୁପାତିକ ଜମିର ଅଂଶ ୬୬୪ ବର୍ଗଫୁଟ ସହିତ ସେଠାରେ ଥିବା ବର୍ତ୍ତମାନ ଓ ଭବିଷ୍ୟତର ନିର୍ମାଣ ଯାହାର ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୪୧, |

ଚନ୍ଦ୍ରଶେଖରପୁର, ଥାନା ନଂ.: ୨୩, ଏସ୍‌ଆରଓ: ଖଣ୍ଡଗିରି, ଖାତା ନଂ.: ୬୧୧/୧୩୧୨, ପ୍ଲଟ୍ ନଂ.: ୪/୨୮୪୨, ଅନୁରୂପ କି ଏ ପ୍ଲଟ୍ ନଂ.: ୪୩, ଡ୍ରଇଂ ନଂ.: ବି/୧୩୨, ଅନୁରୂପ ପୂର୍ବ ଖାତା ନଂ.: ୬୧୯/୮୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୨, ଦକ୍ଷିଣ: ପ୍ଲଟ୍ ନଂ.: ୪୪, ପୂର୍ବ: ପ୍ଲଟ୍ ନଂ.: ୪୬ ଏବଂ ୪୭ର ଅଂଶ, ପଶ୍ଚିମ: ରାସ୍ତା

*ସହିତ ଋଣ ପରିଶୋଧ / କିମ୍ବା ଆଦାୟକରଣ ତାରିଖ ପର୍ଯ୍ୟନ୍ତ ପରିବର୍ତ୍ତି ପ୍ରକୁର୍ଯ୍ୟ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଏବଂ ଦେୟ ଇତ୍ୟାଦି।

ଯେହେତୁ ଉପରୋକ୍ତ ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ସେମାନଙ୍କର ଦେୟ ପରିଶୋଧ କରିବାରେ ବିଫଳ ହେଲେ ସେହେତୁ ବିଶେଷ କରି ଉପର ବର୍ଣ୍ଣିତ ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ଓ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ଏବଂ କଥିତ ରୁଲ୍‌ର ରୁଲ-୮ ଅନୁସାରେ କ୍ଷମତା ପ୍ରୟୋଗ କରି ଏଚ୍‌ଡିଏଫ୍‌ସିର କ୍ଷମତାପ୍ରାପ୍ତ ଅଧିକାରୀ ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ଉପରେ ଦର୍ଶାଯାଇଥିବା ତାରିଖରେ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପର ବର୍ଣ୍ଣିତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସ୍ଥାବର ସମ୍ପତ୍ତି / ସୁରକ୍ଷିତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ଉପରେ ଦର୍ଶାଯାଇଥିବା ରାଶି ପାଇଁ **ଏଚ୍‌ଡିଏଫ୍‌ସି** ନିକଟରେ ଉତ୍ତରଦାୟୀ ରହିବେ। ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ)ଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ। ପ୍ରସ୍ତୁତ କରାଯାଇଥିବା ପଞ୍ଚନାମା ଏବଂ ତାଲିକା ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଉପଲବ୍ଧ ଏବଂ କଥିତ ଋଣଗ୍ରହୀତାମାନେ/ଆଇନଗତ ଉତ୍ତରାଧିକାରୀ (ମାନେ/ଆଇନଗତ ପ୍ରତିନିଧି(ମାନେ) ଉକ୍ତ ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରୁ କାର୍ଯ୍ୟଦିବସର ସାଧାରଣ କାର୍ଯ୍ୟାଳୟ ସମୟ ମଧ୍ୟରେ ସଂଗ୍ରହ କରିବା ପାଇଁ ଅନୁରୋଧ କରାଯାଉଛି।

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୭.୦୬.୨୦୨୬ — ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ ତରଫରୁ, ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

Regd. Office: HDFC Bank House, Senapati Bapat Marg, Lower Parel (West), Mumbai - 400013



**AFFIDAVIT**

By Virtue of an affidavit sworn before in the Court of Executive Magistrate, Basta,Balasore. I,Gitamani Jena,W/o- Laxman Jena of permanent Resident At/Po-Bahardа, Ps- Basta, Dist- Balasore, Odisha- 756029. Declared by Affidavit Sl No: - 2538, Dtd-11/06/2026. That, I, Have changed my name from RITAMANI JENA to GITAMANI JENA . Hence forth, I shall be Known as **GITAMANI JENA** for all future purpose.

Gitamani Jena

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 962, dated 17.06.2026, I, KUNIMA GARADA, Daughter of - Samuel Nag permanent resident of - Gadabaguda, Nabarangpur, PO - Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from KUNIMA KUMARI GARADA to KUNIMA GARADA. Henceforth, I shall be known as **KUNIMA GARADA** for all purposes.

Sd/- Kunima Garada

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 959, dated 16.06.2026, I, LAXSARA MAJHI, Son of - Tularam Majhi permanent resident of Village- Dadhiaguda, PO - Binjili, PS -Kosagumuda, Dist - Nabarangpur, Odisha, Pin - 764085, declare that I have changed my name from LAKESWAR MAJHI to LAXSARA MAJHI. Henceforth, I shall be known as **LAXSARA MAJHI** for all purposes.

Sd/- Laxsara Majhi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 960, dated 17.06.2026, I, MASTURAM JANI, Son of- Budu Jani permanent resident of Village - Paniachachupadar, PO - Kantagan, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from MASTU JANI to MASTURAM JANI. Henceforth, I shall be known as **MASTURAM JANI** for all purposes.

Sd/- Masturam Jani

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 953, dated 16.06.2026, I, RAMESH NAIK, Son of- Ganga Harijan, Permanent Resident of Village- Batakari, PO - Nuakote, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from RAMESH HARIJAN to RAMESH NAIK. Henceforth, I shall be known as **RAMESH NAIK** for all purposes.

Sd/- Ramesh Naik

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 964, dated 17-06-2026, I, SURU BEPARI, S/o - Bhiktoria Bepari, permanent resident of Village - Kamata, PO - Kamata, PS - Tentulikhunti, Dist - Nabarangpur, Odisha, Pin - 764049, declare that I have changed the name of my Daughter from FISHKILA BEPARI to PRISHKILA BEPARI. Henceforth, she shall be known as **PRISHKILA BEPARI** for all purposes.

Sd/- Suru Bepari

# ପାରାଦୀପ ଗଡ଼ ରଜ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୧୭।୬(ସମିସ)



ପାରାଦୀପ ଗଡ଼ ଗ୍ରାମପଞ୍ଚାୟତ ପକ୍ଷରୁ ଆୟୋଜିତ ୫ମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେଏମ୍‌ଭି. ପ୍ରୋଜେକ୍ଟ ମ୍ୟାନେଜର ସର୍ବାନନ୍ଦ, କୈବର୍ତ୍ତ ନେତା ତଥା ସମାଜସେବୀ ପ୍ରହଲ୍ଲାଦ ଚନ୍ଦ୍ର ବେହେରା, ବିଶିଷ୍ଟ ବ୍ୟବସାୟୀ ଭଗବାନ ପରିଡ଼ା, ରାଜକିଶୋର ପତି, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲିପ କୁମାର ବେହେରା ଓ ସରପଞ୍ଚ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ରଜ ମହୋତ୍ସବ କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ରଜ ମହୋତ୍ସବ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ଯୁକ୍ତ ୨ ବାଣିଜ୍ୟରେ ଜିଲ୍ଲା ଟପ୍ପର ହୋଇଥିବା ଏସ୍‌ଏସ୍ ସ୍ମୃତିରଞ୍ଜନ ଓ ବିଜ୍ଞାନରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ସ୍ୱାଗତିକା ପରିଡ଼ା, ରାଜଲକ୍ଷ୍ମୀ ସ୍ୱାଇଁ ଏବଂ କିକ୍ ବକ୍ସିଂରେ ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ଶୁଭଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ରଜରାଣୀ, ମ୍ୟୁଜିକ୍ ଚେୟାର, ରଙ୍ଗୋଲି ଆଦି ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶରଣାବିନ୍ଦ ଓଝା ମଞ୍ଚ ସଞ୍ଚାଳନ କରିଥିବା ବେଳେ ରଜ ମହୋତ୍ସବ କମିଟିର ସମ୍ପାଦକ ଦେବଦୁର୍ଲ୍ଲଭ କର ସଭାକାର୍ଯ୍ୟ ସଞ୍ଚାଳନ କରିଥିଲେ। ସଙ୍ଗୀତ ସରଗମ୍ ମେଲୋଡି ଗ୍ରୁପ୍ ଭୁବନେଶ୍ୱରର ପ୍ରଜ୍ଞା ହୋତାଙ୍କ ନାଚ ଗୀତରେ ଦର୍ଶକ ମାନେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନୋରଞ୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ଚୌଧୁରୀ, ଜୟନ୍ତ ସେନାପତି, ସଂଗ୍ରାମ ବେହେରା, ମନୋଜ ରାଉତ, ଅନନ୍ତ ବିଶ୍ୱାଳ, ଅଲେଖ ମହାରଥା, ରାଜେନ୍ଦ୍ର ବେହେରା, ବିଚିତ୍ର ପ୍ରଧାନ, ରଞ୍ଜନ ସାମଲ, ଉଲ୍ଲାସ ମହାରଥା, ଜୀବନ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ, ପ୍ରଭାତ ସାହୁ, ରମେଶ ବେହେରା, ଦୀପକ ପଣ୍ଡା, ଆରତୀ ଦାସ, ରଞ୍ଜିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସଂସ୍କାର ଭାରତୀର 'ରଜ ଉତ୍ସବ'



ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ସଂସ୍କାର ଭାରତୀ (ଉତ୍କଳ ପ୍ରାନ୍ତ), ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଂଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ 'ରଜ ଉତ୍ସବ- ୨୦୨୬' ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ଭାରତୀର ରାଜ୍ୟ ଉପାଧ୍ୟକ୍ଷ ନିତାଇ ଚରଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଂସ୍କାର ଭାରତୀର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନିରଞ୍ଜନ ପଣ୍ଡା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କିଶୋର ଚୌଧୁରୀ, ସଂସ୍କାର ଭାରତୀ ରାଜ୍ୟ କୋଷାଧ୍ୟକ୍ଷ ଦିଲ୍ଲୀପ ଜେନା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଇଂ. ବିଷ୍ଣୁ ସାହୁ ଯୋଗ ଦେଇଥିଲେ। ଯୁବ ସାହିତ୍ୟିକ ରଜତରଶ୍ମି ସ୍ୱାଇଁଙ୍କ ପରିଚାଳନାରେ ରଜ ସଂସ୍କୃତି ଭିତ୍ତିକ କବିତା ଆସର ଆୟୋଜିତ ହୋଇଥିଲା। କବିତା ଆସରରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଓ ବିଶିଷ୍ଟ ସାହିତ୍ୟିକ ଇଂ. ବିଷ୍ଣୁ ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ସଂଗୀତା ପଣ୍ଡା ଓ ଶିକ୍ଷୟିତ୍ରୀ ଅନସୂୟା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଏହି ଅବସରରେ ରଜ ପିଠା ପ୍ରତିଯୋଗିତା, ଗୀତ ପ୍ରତିଯୋଗିତା ଓ ନାଟକ "ଡାହାଣୀ" ପରିବେଷଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଜୟ ଦାସ, ମଳୟ ଲେଙ୍କା, ରତିକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କାର ଭାରତୀର ଜଗତସିଂହପୁର ଜିଲ୍ଲା ପ୍ରଭାରୀ ସଂଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ତରା ହଁସିଣାରେ ରଜ ମହୋତ୍ସବ



କୁଜଙ୍ଗ, ୧୭।୬(ସମିସ): ମଙ୍ଗରାଜପୁର ପଞ୍ଚାୟତ ସନ୍ତରା ଓ ହଁସିଣା ଗ୍ରାମରେ ୩ ଦିନ ବ୍ୟାପୀ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଗ୍ରାମର କୁଆଁରୀ ଯୁବତୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ଆୟୋଜନ କରାଯାଇଥିଲା। ବଳଦେବଜୀଉ ୟୁଥ କ୍ଲବ ପକ୍ଷରୁ ହଁସିଣା ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବର ଅନ୍ତିମ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ଅକ୍ଷୟ କୁମାର ତରାଇଙ୍କ ସଭାପତିତ୍ୱରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ୍ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁଢ଼ଳ କୁମାର ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, ମଣିଶଙ୍କର ଦାସ, କଟକ ସେବା ଫାଉଣ୍ଡେସନ ଅଧ୍ୟକ୍ଷ ପପୁ ଭାଇ, ସଭାନେତ୍ରୀ କୁନି ଅପା, ଗ୍ରାମର ବୟୋଜ୍ୟେଷ୍ଠ ମୁରବୀ ସୁରେନ୍ଦ୍ର କୁମାର ସ୍ୱାଇଁ, ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ, ନାରୀନେତ୍ରୀ ଅବନ୍ତି ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ପାରାଦୀପ ବେଳାଭୂମି ରଜ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ,୧୭।୬(ସମିସ): ପାରାଦୀପ ବେଳାଭୂମିରେ ୧୫ ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ତୁଳସୀ ୱେଲଫେୟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ରଜ ମହୋତ୍ସବରେ ପାରାଦୀପ ସମେତ କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଆଜି ଶେଷ ସନ୍ଧ୍ୟାରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ରଜ ପାନ ଠାରୁ ଆରମ୍ଭ କରି କୁମାରୀ ମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଓ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଙ୍ଗଠନ ପକ୍ଷରୁ ମେଲୋଡି, ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା। ଯ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହାତ ତିଆରି ଜିନିଷ, ମହିଳା ସଙ୍ଗଠନ ପକ୍ଷରୁ ମଧ୍ୟ ପ୍ରସ୍ତୁତି ସାମଗ୍ରୀ ସବୁ ପସରା ମେଲିଥିଲେ। ଟ୍ରଷ୍ଟର ମୁଖ୍ୟ ପରିଚାଳକ ଶର୍ମିଷ୍ଠାରାଣୀ ନନ୍ଦ ଏହି ରଜ ମହୋତ୍ସବକୁ ଆୟୋଜନ କରିଥିବା ବେଳେ ଜଗତସିଂହପୁର ସଦର ଅଞ୍ଚଳର ପ୍ରଶାନ୍ତ କୁମାର ମଲ୍ଲିକ ଷ୍ଟଲ ପରିଚାଳନା କରିଥିଲେ।

# ଜିଲ୍ଲା ଟପ୍ପରଙ୍କୁ ଜନ୍ମମାଟିରେ ସମ୍ବର୍ଦ୍ଧନା



ଏରସମା/ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୁଇ ମେଧାବୀ ଛାତ୍ରଛାତ୍ରୀ ଜିଲ୍ଲାସ୍ତରରେ ଶ୍ରେଷ୍ଠ ସଫଳତା ହାସଲ କରି ଏରସମା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏରସମା ବ୍ଲକର ସୋମପୁର ଗ୍ରାମର ଓମପ୍ରକାଶ ସ୍ୱାଇଁ ଯୁକ୍ତ ଦୁଇ ପରୀକ୍ଷାରେ ଏବଂ ପଇଦା ଗ୍ରାମର ରୋଜାଲିନ ସାହୁ ଯୁକ୍ତ ତିନି ଭୂଗୋଳ ବିଷୟରେ ଜିଲ୍ଲା ଟପ୍ପର ହୋଇ ଅଞ୍ଚଳର ନାମକୁ ଉଜ୍ଜ୍ୱଳ କରିଛନ୍ତି। ଏହି ଅବସରରେ ସୋମପୁରସ୍ଥିତ ବିଲ୍ୱ ଗ୍ରାମେଶ୍ୱର ପୀଠରେ ଗ୍ରାମେଶ୍ୱର ସେବା ସଂଘ ଓ ଅଞ୍ଚଳବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଗଗନ ସ୍ୱାଇଁ ଅଧ୍ୟକ୍ଷତା କରି ଏହି ଦୁଇ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ଏରସମା ବିଧାୟକ ସାରଦାପ୍ରସନ ଜେନା, ଆଡ଼ଭୋକେଟ ଡ. ବିରନାରାୟଣ ପାତ, ଅସବସରପ୍ରାପ୍ତ ସିସିଏଫ୍ ସୁଦର୍ଶନ ବେହେରା, ରମେଶ ସ୍ୱାଇଁ, ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ଦୁଷ୍ମନ୍ତ ସେଠୀ, ସୁନୀଲ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପଇଦା ଓ ସୋମପୁର ପଞ୍ଚାୟତ ଜନସାଧାରଣ ଯୋଗଦେଇଥିଲେ। ତ୍ରିଲୋଚନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣ୍ଡଗିରି ଗାଦିବ୍ରହ୍ମ ରଜ ମହୋତ୍ସବ ଉଦ୍‌ଯାପିତ



ବାଲିକୁଦା,୧୭।୬(ସମିସ): ବାଲିକୁଦା ବ୍ଲକ ନହରଣା ପଞ୍ଚାୟତ ଗଣ୍ଡକୁଳ ଗ୍ରାମର ଖଣ୍ଡଗିରି ଗାଦୀବ୍ରହ୍ମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟସାରଥୀ ମହାନ୍ତି, ସମ୍ମାନିତ ଅତିଥିଭାବେ ବିଜେପି ନେତା ମୋହିତ ମହାନ୍ତି, ପ୍ରକାଶ ଚନ୍ଦ୍ର ବେହେରା, ରଜ ଉତ୍ସବ ଉପଦେଷ୍ଟା ଜଗଦିଶ ବିଶ୍ୱାଳ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ମିହିର ବିଶ୍ୱାଳ ବିଶ୍ୱାଳ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ ମନ୍ତ୍ରୀଙ୍କ ନିକଟରେ ଶିଶୁ ଉଦ୍ୟାନ, ସ୍ଥାୟୀ ମଣ୍ଡପ ଓ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ଆମନ୍ତ୍ରଣ ରୁଦ୍ର ନାରାୟଣ ପ୍ରଧାନ କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଗ୍ରାମ୍ୟ କମିଟି ସଭାପତି ପୁଷ୍କର ବିଶ୍ୱାଳ ପ୍ରଦାନ କରିଥିଲେ। ସମ୍ପାଦକୀୟ ବିବରଣୀ ଶିବ ପ୍ରସାଦ ନାୟକ ଓ ସହ ସମ୍ପାଦକ କୃଷ୍ଣଚନ୍ଦ୍ର ସେଠ ପାଠ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରଜ କୁଇନ ଭାବେ ଲଗାତାର ଚତୁର୍ଥ ଥର ପାଇଁ ଜ୍ୟୋତିକା ପ୍ରିୟଦର୍ଶିନୀ ବାରିକ ବିଜୟିନୀ ହୋଇଥିଲେ। ଚନ୍ଦ୍ରକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିବ ପ୍ରସାଦ ସ୍ୱାଇଁ, ସରଜିତ ନାୟକ, ରାକେଶ ନାୟକ, ଅନିତ୍ୟ ଜେନା, ରାଖାଲ ଶୁକ୍ଲା, ରାହୁଲ ଶୁକ୍ଲା, ଶୁଭକାନ୍ତ ସେଠ, ବାଦଲ ଜେନା, ବିଭୁ ଜେନା, ସୁବ୍ରତ ନାୟକ, ରିଙ୍କନ ନାୟକ, ସରୋଜ ନାୟକ, ଜୟନ୍ତ ଶୁକ୍ଲା, ସଚିନ ସେଠ, ଜିତୁନ ଜେନା, ରାକେଶ ଜେନା, ବାଦଲ ସ୍ୱାଇଁ, ବିଶ୍ୱଜିତ ଦାସ, ସୁଶାନ୍ତ ସାହୁ, ବିବେକ ଜେନା, ଦିଲ୍ଲୀପ ଜେନା, ଆଲୋକ ବିଶ୍ୱାଳ, ସମ୍ପଦ ସ୍ୱାଇଁ, ବାନମ୍ବର ଜେନା, ସୁନାକର ଜେନା, ବ୍ରଜବନ୍ଧୁ ଜେନା ପ୍ରମୁଖ ସହାୟତା କରିଥିଲେ।

# ଗ୍ରାମଦେବତୀଙ୍କ ମନ୍ଦିର ପ୍ରତିଷ୍ଠାକୁ ନେଇ ବିବାଦ

ବାଲିକୁଦା,୧୭।୬(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ନହରଣା ପଞ୍ଚାୟତ ଫୁଲପାଟଣା ଗ୍ରାମରେ ୧୫୦ ବର୍ଷ ପୁରୁଣା ଗ୍ରାମଦେବତୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆସନ୍ତା ଜୁନ ୨୧ରୁ ୨୪ ତାରିଖରେ ଅନୁଷ୍ଠିତ ହେବ। ତେବେ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ମନ୍ଦିରରେ ପ୍ରତିଷ୍ଠାରେ ଗ୍ରାମର କିଛି ଲୋକ ସହଯୋଗ କରୁନଥିବା ଅପରପକ୍ଷ କହିଛନ୍ତି। ଏପରିକି ସେମାନେ କିଛି ଦିନ ପୂର୍ବରୁ ଉପଜିଲ୍ଲାପାଳଙ୍କ ନିକଟରେ ମନ୍ଦିର ପ୍ରତିଷ୍ଠା ସ୍ଥାନରେ ୧୪୪ ଧାରା ଜାରି କରିବା ପାଇଁ ମାମଲା ରୁଜୁ କରିଥିଲେ। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏହାର ତଦନ୍ତ କରି କେସ୍ ଖାରଜ କରିଦେଇଥିଲେ। ତେବେ ଏହା ପରେ ମଧ୍ୟ ଅସନ୍ତୋଷ ଲାଗି ରହିଥିବାରୁ ସପକ୍ଷବାଦୀ ଗୋଷ୍ଠୀ ଅସହଯୋଗ କରୁଥିବା ପରିବାରକୁ ଏହି ମହତ କାର୍ଯ୍ୟରେ ସହଯୋଗ କରିବା ପାଇଁ ନିବେଦନ କରିଛନ୍ତି। ଏପରିକି ଶାନ୍ତିଶୃଙ୍ଖଳା ପାଇଁ ଉକ୍ତ ଚାରି ଦିନ ପୁଲିସ ବ୍ୟବସ୍ଥା ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ ଏହି ମନ୍ଦିର ନିର୍ମାଣ ଅନେକ ବର୍ଷ ତଳେ ହୋଇଥିଲେ ମଧ୍ୟ ବିବାଦ କାରଣରୁ ଏହାର ପ୍ରତିଷ୍ଠା ହୋଇ ପାରୁ ନଥିଲା। ଏନେଇ ମାମଲା ଥାନାରେ ଥିଲା। ପରବର୍ତ୍ତୀ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ମାମଲା ହଟାଇ ନେବା ସହ ପ୍ରତିଷ୍ଠା ପାଇଁ ଏକ କମିଟି ଗଠନ କରି କାର୍ଯ୍ୟକୁ ଆଗେଇ ନେଇଥିଲେ। ତେବେ ଏନେଇ ସହଯୋଗ କରୁ ନଥିବା ଗୋଷ୍ଠୀଙ୍କ ପତିକ୍ରିୟା ନେବାରୁ ସେମାନେ କହିଛନ୍ତି କମିଟି ଗଠନ ପରେ ସେମାନେ ସମସ୍ତ କାର୍ଯ୍ୟ କମିଟି ଦ୍ୱାରା ପରିଚାଳନା କରିବା ପରିବର୍ତ୍ତେ ମନମୁଖୀ ଭାବେ ନେଇଥିଲେ। ଯେଉଁ କାରଣରୁ ଆମେ ସେମାନଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ନଥିଲୁ। ଆମ ପକ୍ଷରୁ କୋର୍ଟରେ କୌଣସି ମାମଲା ହୋଇନାହିଁ।

# ଜୟବଡ଼ ସ୍କୁଲରେ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ ସ୍ମୃତି ଉଦ୍ୟାନ ପ୍ରତିଷ୍ଠା ଦାବି

ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ଥିବା ଜୟବଡ଼ ପ୍ରାଥମିକ ବିଦ୍ୟାଳୟର ପୁରୁଣା ଶ୍ରେଣୀଗୃହକୁ ଭଙ୍ଗାଯାଇ ସେଠାରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀଙ୍କ ନାମରେ ସ୍ମୃତି ଉଦ୍ୟାନ କରିବା ପାଇଁ ଦାବି କରାଯାଇଛି। ଯୁବ ସାମ୍ବାଦିକ ଶୁଭକାନ୍ତ ପଢ଼ିହାରୀ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଏ ସମ୍ପର୍କୀତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ପଣ୍ଡିତ ପ୍ରାଣକୃଷ୍ଣ ପଢ଼ିହାରୀ ନିଜସ୍ୱ ଜମି ପ୍ରଦାନ କରି ଜୟବଡ଼ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିଲେ। ତେବେ ଏହି ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଶ୍ରେଣୀଗୃହ ପରିତ୍ୟକ୍ତ ଆବସ୍ଥାରେ ରହିଛି। ତେଣୁ ତାକୁ ତୁରନ୍ତ ଭଙ୍ଗାଯାଇ ସେଠାରେ ଏକ ପାର୍କ ନିର୍ମାଣ କରାଯାଉ ବୋଲି ଶୁଭକାନ୍ତ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥି ସହିତ ଏହାକୁ ପ୍ରାଣକୃଷ୍ଣ ପଢ଼ିହାରୀ ସ୍ମୃତି ଉଦ୍ୟାନ ନାମରେ ନାମିତ କରିବା ପାଇଁ ସେ ଦାବି ଉଠାଇଛନ୍ତି। ଏଠାରେ ଉଦ୍ୟାନ ନିର୍ମାଣ ହୋଇପାରିଲେ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି ପିଲାମାନେ ସେଠାରେ ଖେଳକୁଦ କରିପାରିବେ ବୋଲି ଶ୍ରୀ ପଢ଼ିହାରୀ ଆଶାବ୍ୟକ୍ତ କରିଛନ୍ତି।

# ପାରାଦୀପରେ ସ୍ୱତନ୍ତ୍ର ଯୋଗ ଅଧିବେଶନ



ପାରାଦୀପ,୧୭।୬(ସମିସ): ଆନ୍ତର୍ଜାତୀୟ ଯୋଗ ଦିବସ ପୂର୍ବରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଆର୍ଟ ଅଫ୍ ଲିଭିଂ, ପାରାଦୀପ ୟୁନିଟ୍‌ର ମିଳିତ ସହଯୋଗରେ ପାରାଦୀପ ଠାରେ ଇଣ୍ଡିଆନ୍ କୋଷ୍ଟ ଗାଡ୍‌ର୍ ସିପ୍ ବରଦ୍‌ରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜିତ ହୋଇଯାଇଛି। ଆର୍ଟ ଅଫ୍ ଲିଭିଂ, ପାରାଦୀପ ୟୁନିଟ୍‌ର ଯୋଗ ଗୁରୁ ତାପସ ରଞ୍ଜନ ପତିଙ୍କ ଦ୍ୱାରା ଏହି ଅଧିବେଶନ ପରିଚାଳିତ ହୋଇଥିଲା। ଯେଉଁଥିରେ ଉଭୟ ସଂସ୍ଥାର ଅଧିକାରୀ ଏବଂ କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପିଏଲ୍. ହରନାଧ ଏବଂ ପାରାଦୀପର କୋଷ୍ଟ ଗାର୍ଡ ଜିଲ୍ଲାର କମାଣ୍ଡର ଡିଆଇଜି ସଞ୍ଜୟ ନେଗି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବରୁ ଦେଶବ୍ୟାପୀ ଉତ୍ସବର ଏକ ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମଟି ସୁସ୍ଥ ଜୀବନଶୈଳୀ ଏବଂ ସାମୂହିକ କଲ୍ୟାଣର ଥିମ୍ ଦିଗରେ ସାମୁଦ୍ରିକ ସଂସ୍ଥାଗୁଡ଼ିକର ବଢୁଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ସାମୁଦ୍ରିକ ସମ୍ପ୍ରଦାୟରେ ସୁସ୍ଥତା ଏବଂ ସହଯୋଗର ସଂସ୍କୃତିକୁ ନିରନ୍ତର ପ୍ରୋତ୍ସାହିତ କରିବାର ଏକ ନୂତନ ଶପଥ ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

■ ଶହେ ପ୍ରତିଶତ ଫର୍ମ ବଣ୍ଟନ

# ୭ ବିଏଲ୍‌ଓ, ୩ ବିଏଲ୍‌ଓ ସୁପରଭାଇଜର ସମ୍ବର୍ଦ୍ଧିତ



ଜଗତସିଂହପୁର,୧୭।୬(ସମିସ): ଜଗତସିଂହପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବା ସହ ବୁଥସ୍ତରୀୟ ଅଧିକାରୀମାନେ ଘର ଘର ବୁଲି ପରିଗଣନା ଫର୍ମ ବଣ୍ଟନ କରୁଛନ୍ତି। ଏହି କ୍ରମରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ତିର୍ତ୍ତୋଲ ବ୍ଲକ୍ ପରିଦର୍ଶନ କରି ଶହେ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ ଶେଷ ହୋଇଥିବା ଯୋଗୁଁ ୭ ଜଣ ବିଏଲ୍‌ଓ ଏବଂ ୩ ଜଣ ବିଏଲଓ ସୁପରଭାଇଜରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜୁନ୍ ୨୮ ଯାଏଁ ଏହି ପ୍ରକ୍ରିୟା ଚାଲିବ। ପୂରଣ ହୋଇଥିବା ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ ହେବ। ପୁରସ୍କୃତ ହୋଇଥିବା ବିଏଲଓ ମାନେ ହେଲେ ପାର୍ଟ ନମ୍ବର ୮୧ର ଶେଖ୍ ଇସ୍ମାଇଲ୍ ଅଲି, ୮୨ର ନସିମ ଅହମଦ, ୯୮ର ସ୍ୱର୍ଣ୍ଣଲତା ଦାସ, ୧୦୭ର କବିତା ସେଠୀ, ୨୨୬ର ଅଞ୍ଜିତା ମହାନ୍ତି, ୨୨୭ର ନମିତା ବେହେରା ଓ ୨୫୧ର ଜୟସ୍ମିନୀ ଦାସ। ସେହିପରି ବିଏଲ୍‌ଓ ସୁପରଭାଇଜର ପ୍ରଣବ କୁମାର ସାହୁ, ସମୀର କୁମାର ଦାସ, ବସନ୍ତ ଓଝା, ଜ୍ୟୋତି ରଞ୍ଜନ ମହାନ୍ତି ଏବଂ ବସନ୍ତ ଷଡ଼ଙ୍ଗୀଙ୍କୁ ସେମାନଙ୍କ କାର୍ଯ୍ୟ କୁଶଳତା ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି।

# ଚୋରା ବିଦେଶୀ ମଦ ଜବତ

ପାରାଦୀପ,୧୭।୬(ସମିସ): ପାରାଦୀପ ଲକ୍‌ଥାନା ଅଧୀନ ଭୁତମୁଣ୍ଡାଇ ନିକଟରୁ ଆଜି ଦିନ ୧ଟା ସମୟରେ ଜଣେ ଚୋରା ମଦ ବେପାରିକୁ ଗିରଫ କରିଛି ପୁଲିସ। ତା ନିକଟରୁ ଗୋଟିଏ କାର୍ଟୁନ୍ ବିଅର ଯାହା ୧୨ ଲିଟର ହେବ ତାକୁ ଜବତ କରାଯାଇଛି। ତାର ଘର କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅଞ୍ଚଳର ଗଡ ରୋମିଓ ଅଞ୍ଚଳରେ ହୋଇଥିବା ବେଳେ ତାର ନାମ ସମୀର ସେଠୀ (୪୬)। ଏନେଇ ଥାନାରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ଡାବରରେ ଅଭିମନ୍ୟୁ ସାମନ୍ତସିଂହାରଙ୍କ ସ୍ମୃତିଚାରଣ



ବରୀ,୧୭।୬(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ଅନ୍ତର୍ଗତ ଡାବର ଗ୍ରାମରେ ଡାବର ପାଲା କମିଟି ଓ ଯାଜପୁର ଜିଲ୍ଲା ବରୀର 'ବିଦଗ୍ଧା' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୨୦ତମ ପୂଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ବିଦଗ୍ଧାର ନିର୍ଦ୍ଦେଶକ କବି ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାରସ୍ୱତ ଆସରରେ ମୁଖ୍ୟଅତିଥି ଭାବେ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାଧିକାରୀ କପିଳଚରଣ ସାମଲ, ଅନ୍ୟତମ ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ତଥା ୱାଟକୋ, ଓଡିଶାର ପୂର୍ବତନ କାର୍ଯ୍ୟନିର୍ବାହୀ ପ୍ରଦୀପ କୁମାର ସ୍ୱାଇଁ, ଗୀତିକାର ଦିଲ୍ଲିପ୍ ଜେନା, ଚଳଚ୍ଚିତ୍ର ନାୟିକା ଜ୍ୟୋତିର୍ମୟୀ ମହାନ୍ତୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜସେବୀ ବସନ୍ତ କୁମାର ଜେନା, ବାବୁଲି ପରିଡା, ସୁରେନ୍ଦ୍ର ଜେନା, ଶିବଚରଣ ପରିଡା, ଗୌରାଙ୍ଗ ଚରଣ ସ୍ୱାଇଁ, ଅଦୈତ୍ୱ କୁମାର ପରିଡା ପ୍ରମୁଖ ଯୋଗଦାନ କରିଥିଲେ। ବିଦଗ୍ଧା ଅନୁଷ୍ଠାନ ତରଫରୁ ଡାବର ପାଲା କମିଟିର ସଭାପତି ନରେନ୍ଦ୍ର ପରିଡ଼ା ଓ ସଂପାଦକ ଗଦାଧର ପରିଡ଼ାଙ୍କୁ ବିଦଗ୍ଧା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦଗ୍ଧା ତରଫରୁ ଅନୁଷ୍ଠିତ 'ବିଦଗ୍ଧା ରଜପରୀ -୨୦୨୬' କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତ୍ରୀ ଜ୍ୟୋତିର୍ମୟୀ ମହାନ୍ତି, ସୁଦିପ୍ତା କର, ଆକାଂକ୍ଷା ପ୍ରିୟଦର୍ଶିନୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତରାୟ, ଗୀତିକାର ଦିଲ୍ଲୀପ ଜେନା, ବିଶିଷ୍ଟ ମଞ୍ଚ ଉପସ୍ଥାପିକା ସୌଭାଗିନୀ ସାହୁ (ଲିଜା) ବସନ୍ତ କୁମାର ଜେନା ପ୍ରମୁଖ ବିଚାରପତି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନ ତରଫରୁ ସେମାନଙ୍କୁ ବିଦଗ୍ଧା ସମ୍ମାନ ପ୍ରଦାନ କରାଯାଇଥିଲା। ବିଦଗ୍ଧାର ଉପସଭାପତି ଜୟନ୍ତ କୁମାର ଜେନା ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁବ ସାଥୀ ମଙ୍ଗୁଳି ଚରଣ ପରିଡା, ସଂଜୟ ଫାରକ୍, ପ୍ରଭାତ ବାରିକ୍, ବିଜୟ ପରିଡା, ରାଜା ଜେନା, ସୌରଭ ସ୍ୱାଇଁ, ବାଦଲ ସ୍ୱାଇଁ, ଅଶୋକ ନାୟକ, ବାସୁଦେବ ନାୟକ, ରାକେଶ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଜୁନିଅର ରଜପରୀ ଇଶାନୀ ସ୍ୱାଇଁ ଓ ସିନିଅର ରଜପରୀ ଶୁଶ୍ରୀ ଶ୍ରୀୟା ଜେନା ବିଚାରପତିମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିଲେ। ଡାବର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଗୌରାଙ୍ଗ ଚରଣ ସ୍ୱାଇଁ ଧନ୍ୟବାଦ ଅପ୍ରଣ କରିଥିଲେ।

## ପାନୀୟ ଜଳ ସମସ୍ୟା ଓ ଭତ୍ତା ପ୍ରଦାନ ଦାବି



ଢେଙ୍କାନାଳ,୧୭ ।୬(ସମିସ): ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳର ଉତ୍କଟ ଅଭାବ ଦେଖାଯାଇଛି । ତୁରନ୍ତ ଏହାର ସମାଧାନ କରିବାକୁ ଜିଲ୍ଲା କଂଗ୍ରେସ ଉପସଭାପତି ବିନୟ କୁମାର ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସେହିପରି ଜିଲ୍ଲାରେ ଅନେକ ହିତାଧିକାରୀ ଦୀର୍ଘ ୩ ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ପାଇନାହାନ୍ତି । ତୁରନ୍ତ ବକେୟା ଭତ୍ତା ପ୍ରଦାନ ନିମନ୍ତେ ମଧ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା କାର୍ଯ୍ୟକାରୀ କମିଟି ସଦସ୍ୟ ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ଉପସଭାପତି ସରୋଜ ଶତପଥୀ, ସାଧାରଣ ସମ୍ପାଦକ ନୁରୁଲ ଇସଲାମ, ପୂର୍ବତନ ଜିଲ୍ଲା ମହିଳା ସଭାନେତ୍ରୀ ସ୍ମିତାରାଣୀ ସାମଲ, ଟାଉନ ସଭାପତି ବିକାଶ ସ୍ୱାଇଁ, ମହିଳା ନେତ୍ରୀ ରୁମେନା ବେଗମ୍ ପ୍ରମୁଖ ଉପସ୍ଥିତ ଥିଲେ ।

# ନୂତନ ଗନ୍ଧିଆ ନିର୍ବାଚନ ମଣ୍ଡଳୀ ଗଠନ ଦାବି

ଗଁଦିଆ,୧୭ ।୬(ସମିସ)



ସ୍ଥାନୀୟ ସମ୍ବିତ୍ ଇକୋ ଗାର୍ଡେନ ପରିସରରେ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଗଁଦିଆ ଓ ଢେଙ୍କାନାଳ ସଦର ବ୍ଲକର ଶତାଧିକ ଯୁବକ, ସାମାଜିକ କର୍ମୀ, ପୂର୍ବତନ ଓ ବର୍ତ୍ତମାନର ଜନପ୍ରତିନିଧି ଯୋଗଦେଇଥିଲେ । ଆଗାମୀ ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ପ୍ରକ୍ରିୟାରେ ନୂତନ ଗଁଦିଆ ନିର୍ବାଚନ ମଣ୍ଡଳୀ ଗଠନ ପାଇଁ ଦୃଢ଼ ଦାବି ଉଠାଇବାକୁ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ପୂର୍ବତନ ଗଁଦିଆ ସରପଞ୍ଚ ମଙ୍ଗରାଜ ବାରିକ ଏହି ପ୍ରସ୍ତାବ ଉପସ୍ଥାପନ କରିଥିବା ବେଳେ ପୂର୍ବତନ ଷଡ଼ଙ୍ଗୀ ସରପଞ୍ଚ ତଥା ଷଡ଼ଙ୍ଗୀ ସେବା ସମବାୟ ସମିତି ସଭାପତି ଏହାକୁ ସମର୍ଥନ କରିଥିଲେ । ଦାବିକୁ ସଫଳ କରିବା ପାଇଁ ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଂଗଠନଙ୍କୁ ନେଇ ଏକ ଆଞ୍ଚଳିକ ସଂଗ୍ରାମ ସମିତି ଗଠନ କରାଯିବାକୁ ମତ ପ୍ରକାଶ ପାଇଛି । ପୂର୍ବତନ ଗଁଦିଆ ନିର୍ବାଚନ ମଣ୍ଡଳୀର ୯ଟି ପଞ୍ଚାୟତକୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ସାମିଲ କରାଯିବା ଫଳରେ ସ୍ଥାନୀୟ ଲୋକମାନେ ବିଭିନ୍ନ ପ୍ରଶାସନିକ ଓ ଜନପ୍ରତିନିଧିତ୍ୱ ଜନିତ ଅସୁବିଧାର ସମ୍ମୁଖୀନ ହେଉଥିବା କଥା ବଣସିଂହ ସରପଞ୍ଚଙ୍କ ପ୍ରତିନିଧି ଜଳଧର ବେହେରା ଉଲ୍ଲେଖ କରିଥିଲେ । ସେହି ୯ଟି ପଞ୍ଚାୟତକୁ ପୁନର୍ବାର ପ୍ରସ୍ତାବିତ ଗଁଦିଆ ନିର୍ବାଚନ ମଣ୍ଡଳୀରେ ସାମିଲ କରିବା ପାଇଁ ସେ ଦାବି କରିଥିଲେ । ଏହି ପ୍ରସ୍ତାବକୁ ପୂର୍ବତନ ତରଭା ସରପଞ୍ଚ ପ୍ରସନ୍ନ ମଲ୍ଲିକ ସମର୍ଥନ କରିଥିଲେ ।

୨୦୨୭ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଗନ୍ଧିଆ ଓ ଢେଙ୍କାନାଳ ସଦର ବ୍ଲକର ପ୍ରାୟ ୬୦ ପଞ୍ଚାୟତରେ ଜିତିବା ସମ୍ଭାବନା ଥିବା ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଦେବା ପାଇଁ ଅନେକ ସଦସ୍ୟ ମତ ପ୍ରକାଶ କରିଥିଲେ । ବିଚାରବିମର୍ଶ କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି ନବୀନ ନନ୍ଦ କହିଥିଲେ । ସଭାପତି ନନ୍ଦ ଯୁବ ସଦସ୍ୟମାନଙ୍କୁ ଗ୍ରାମାଞ୍ଚଳରେ ଦୁର୍ନୀତି, ସରକାରୀ ଅର୍ଥର ଅପବ୍ୟବହାର ଏବଂ ଅନିୟମିତତା ବିରୋଧରେ ସଚେତନ ରହି ସରକାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଆହ୍ୱାନ ଦେଇଥିଲେ ।

ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ଖୁବ୍‌ଶୀଘ୍ର ଏକ ସୋସିଆଲ ମିଡିଆ ଟିମ୍ ଏବଂ ଆର୍‌ଟିଆଇ ଟିମ୍ ଗଠନ କରାଯିବ ବୋଲି ସେ ଏହି ଅବସରରେ ଘୋଷଣା କରିଥିଲେ । ସମାଜସେବୀ ଟଙ୍କଧର ବାରିକ କାର୍ଯକ୍ରମ ପରିଚାଳନା କରିଥିବା ବେଳେ ସରୋଜ କୁମାର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଟା ଷ୍ଟିଲ୍ ସମ୍ମାନିତ



ଢେଙ୍କାନାଳ,୧୭ ।୬(ସମିସ): ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ମୁଖ୍ୟ ଜିଲ୍ଲା ଚିକିତ୍ସାଳୟ ରକ୍ତଭଣ୍ଡାର ପକ୍ଷରୁ ସମ୍ମାନିତ କରାଯାଇଛି । ସ୍ଥାନୀୟ ମହିଷାପାଟସ୍ଥିତ ଡିଆରଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ, ଲଳିତ ମୋହନ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ସଞ୍ଜୟ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଢେଙ୍କାନାଳ, ସପନ କୁମାର ମହାନ୍ତି, ଢେଙ୍କାନାଳ ଓ ପ୍ରଦୀପ୍ତ କୁମାର ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଢେଙ୍କାନାଳ, ସ୍ୱରୂପ କୁମାର ସାହୁ, ବ୍ଲଡ୍ ବ୍ୟାଙ୍କ ଅଫିସର, ପ୍ରମୁଖଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲ, ମେରାମଣ୍ଡଳୀ ପକ୍ଷରୁ ସିନିୟର ମେଡିକାଲ ଅଫିସର ଡାକ୍ତର ଅବିନାଶ ଦାଶ ଏହି ସମ୍ମାନ ଗ୍ରହଣ କରିଥିଲେ । ଢେଙ୍କାନାଳ ଡିଏଚ୍‌ଏଚ୍ ରକ୍ତଭଣ୍ଡାରକୁ ନିୟମିତ ଭାବେ ସର୍ବାଧିକ ରକ୍ତ ଯୋଗାଇବାରେ ଟାଟା ଷ୍ଟିଲ ମେରାମଣ୍ଡଳୀ ଯୋଗଦାନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ବିଗତ ୫ ବର୍ଷ ମଧ୍ୟରେ କମ୍ପାନୀର କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ରକ୍ତଦାନ ଶିବିର ଆୟୋଜନ କରାଯାଇ ସଫଳତାର ସହ ପାଖାପାଖି ୨,୫୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜିଲ୍ଲା ରକ୍ତଭଣ୍ଡାରକୁ ପ୍ରଦାନ କରାଯାଇଛି । ସେହିପରି ଚଳିତ ବର୍ଷ ମଧ ଏହି ଅଭିଯାନ ମାଧ୍ୟମରେ ୩୬୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । କମ୍ପାନୀ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ଷ୍ଟିଲ୍ ନିରନ୍ତର ପ୍ରୟାସ କରିଆସୁଛି ।

## ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱରଙ୍କ ନିର୍ବନ୍ଧ ସମ୍ପନ୍ନ

ଗଁଦିଆ,୧୭ ।୬(ସମିସ): ଗଁଦିଆ ବ୍ଲକ୍ ବଣିଆପାଡ଼ାସ୍ଥିତ ସ୍ୱୟମ୍ଭୁ ଆବିର୍ଭୂତ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ବିବାହ ନିମନ୍ତେ ବୈଦିକ ରୀତିରେ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଛି । ବର ପିତା ମାତା ଭାବେ ବଣିଆ ପଡା ଆଜିତି ପ୍ରସାଦ ରାଉତ ଏବଂ ତାଙ୍କ ପତ୍ନୀ ସୌଜ୍ୟା ରାଣୀ ରାଉତ ଓ କନ୍ୟା ପିତା ଭାବେ ଅମ୍ବୁଜ ସାହୁ ତାଙ୍କ ପତ୍ନୀ ମମତା ସାହୁ ଦାୟିତ୍ୱ ଗ୍ରହଣ କରି ଗଁଦିଆ ଗ୍ରାମର ରାଧାକୃଷ୍ଣ ଜୀଉ ମଠ ଠାରେ ସମ୍ପୂର୍ଣ୍ଣ ଧର୍ମୀୟ ରୀତିନୀତି ଅନୁଯାଇ ବ୍ରାହ୍ମଣ ଙ୍କ ଦ୍ୱାରା ମନ୍ତ୍ର ପାଠ କରାଯାଇ ଉକ୍ତ ନିର୍ବନ୍ଧ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ତତ ସହିତ ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାଇ ଠାକୁରଙ୍କ ନୀତି କାନ୍ତି କରାଯାଇ ବିବାହ କାର୍ଯ୍ୟ ଆନନ୍ଦ ଓ ନିଷ୍ଠାର ସହିତ ପାଳନ କରିବା ନିମନ୍ତେ ଉଭୟ ଦମ୍ପତି ସଂକଳ୍ପ ଗ୍ରହଣ କରିଥିଲେ । ଶୀତଳ ଷଷ୍ଠୀ ଦିନ ପାରମ୍ପରିକ ରୀତିରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ । ଏହି ନିର୍ବନ୍ଧ କାର୍ଯ୍ୟ ବେଳେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଜୀଉ ଆଞ୍ଚଳିକ ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବର କର୍ମକର୍ତ୍ତାଙ୍କ ସହିତ ଗଁଦିଆ ଓ ପାଖ ଗ୍ରାମର ଗ୍ରମବାସୀ ବୃନ୍ଦ ଉପସ୍ଥିତ ଥିଲେ ।



## ଘର ତିଆରି ସାମଗ୍ରୀ ଚୋରି

ଢେଙ୍କାନାଳ,୧୭ ।୬(ସମିସ): ଟାଉନ ଥାନା ଅନ୍ତର୍ଗତ ଦେଉଳ ସାହି କନକଦୁର୍ଗା ମନ୍ଦିର ନିକଟରେ ଗତକାଲି ବିଳମ୍ବିତ ରାତିରେ ଚୋରି ଘଟଣା ଘଟିଥିବାର ଜଣାପଡ଼ିଛି । ସ୍ଥାନୀୟ ବାସିନ୍ଦା ତଥା ସାମ୍ବାଦିକ ଦୀପକ ରଞ୍ଜନ ମିଶ୍ରଙ୍କ ଘରେ ରଖାଯାଇଥିବା ସାଇକେଲ, ମଟର ସାଇକେଲ ଗାଡ଼ିରୁ ତେଲ, ଲୁହା ଘୋଡିଆଓ କିଛି ଲୁହା ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି । ଏନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ଟାଉନ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

## ବାଇକ୍ ଦୁର୍ଘଟଣା; ଜଣେ ମୃତ, ୨ ଗୁରୁତର

ପରଜଙ୍ଗ/କାମାକ୍ଷାନଗର,୧୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ ଥାନା ଦେଇ ଯାଇଥିବା ବଡ଼କମର ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର କୁଟୁରିଆ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣଙ୍କ ମୃତ୍ୟୁ ହୋଇଛି । ସେ ହେଲେ ମହାବିରୋଡ ଥାନା ମଦରଙ୍ଗା ମୁଣ୍ଡା ଗ୍ରାମର ପୃଥ୍ୱୀ ନାଏକ । ଏହି ଦୁର୍ଘଟଣାରେ ବାଇକ୍‌ରେ ଥିବା ମହାବିରୋଡ ଗ୍ରାମର ସତ୍ୟ ନାଏକ ଓ ମଦରଙ୍ଗାମୁଣ୍ଡାର ସରୋଜ ନାଏକ ଗୁରୁତର ଆହତ ହୋଇଛନ୍ତି । ତିନିଜଣ ଯାକ ଗୋଟିଏ ବାଇକ୍ ଯୋଗେ ପରଜଙ୍ଗ ଆଡ଼କୁ ଯାଉଥିବା ବେଳେ ବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ଧକ୍କା ହୋଇଥିଲେ । ଘଟଣାସ୍ଥଳରେ ପୃଥ୍ୱୀଙ୍କ ମୃତ ହୋଇଥିଲା । ସତ୍ୟ ଓ ସରୋଜଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ତେବେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ପୁଲିସ ମୃତଦେହ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି ।

## ଅଷ୍ଟଶମ୍ଭୁ ରଜ ମହୋତ୍ସବ



ଭୁବନ,୧୭ ।୬(ସମିସ): ଭୁବନ ରଗଡି ଛକ ସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଅଷ୍ଟଶମ୍ଭୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରଜମହୋତ୍ସବ ପାଳିତ ହୋଇଯାଇଛି । ୧୨ ବର୍ଷ ଧରି ଆୟୋଜନ ହେଉଥିବା ରଜ ମହୋତ୍ସବ ଚଳିତ ବର୍ଷ ମଧ ଧୁମ୍‌ଧାମରେ ପାଳିତ ହୋଇଛି । ସଭାପତି ଧୀରେନ୍ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମାଧବ ବେହେରା ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଧାୟକ ଶତ୍ରୁଘ୍ନ ଜେନା ସିନେମା ଅଭିନେତ୍ରୀ ରୋମ୍ୟାଞ୍ଜଳି, ସମାଜସେବୀ ସମୀର ସାହୁ, ଇଂ ଦେବେନ୍ଦ୍ର ପୃଷ୍ଟି ଅତିଥି ଭାବେ ଯୋଗ ଦେଇଥିଲେ । ବ୍ୟଙ୍ଗ କବି ପ୍ରତାପ ରଶ୍ମି ନାୟକ,ପଶ୍ଚିମ ଓଡ଼ିଶା ଛାତ୍ରନେତା ପ୍ରଜ୍ଞା ପାରମିତା ସାହୁ, କୀର୍ତନ ସଭାପତି ଦୁର୍ଯ୍ୟୋଧନ ସାହୁ, ସମାଜସେବୀ କମଳ ଲୋଚନ ମହାରଣାଙ୍କୁ ମାନପତ୍ର ଉପଢୌକନ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଜଗୀତ, ଝୋଟି, ମ୍ୟୁଜିକଚେୟାର, ଦଧିହାଣ୍ଡି ଭଙ୍ଗା, ରଜକୁଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା. । ସବୁଠାରୁ ଆକର୍ଷଣ ର କେନ୍ଦ୍ରବିନ୍ଦୁ ସାଜିଥିଲା ରାମଦୋଳି । ମନୋରଞ୍ଜନ ପାଇଁ ଝୁମର ନୃତ୍ୟ ପରିବେଶିତ ହୋଇଥିଲା । ସଂପାଦକ କଳ୍ପତରୁ ସାହୁ ଧନ୍ୟବାଦ ଦେଇଥିଲେ ।

## ରଜରେ କବାଡ଼ି ପ୍ରତିଯୋଗିତା: ଭୁବନ ଓ ନୂଆ ଭୁବନ ଯୁଗ୍ମ ଚାମ୍ପିଅନ

ଭୁବନ,୧୭ ।୬(ସମିସ): ଭୁବନ ରଜ ଫାଉଣ୍ଡେସନ ତରଫରୁ ଅନୁଷ୍ଠିତ ତ୍ରିଦିବାସୀୟ କବାଡି ପ୍ରତିଯୋଗିତାରେ ଭୁବନ ଓ ନୂଆ ଭୁବନ ଯୁଗ୍ମ ଚମ୍ପିୟାନ ହୋଇଥିବା ଜଣାପଡ଼ିଛି । ଏହି ଟୁର୍ଣ୍ଣାମେଣ୍ଟରେ ୮ ଦଳ ଭାଗ ନେଇଥିଲେ । ଗ୍ରୁପ ଏରେ ଲକ୍ଷ୍ମୀ ଛକ ବନ୍ଧାଳ ବାଜିଛକ, ଗଡ଼ଗଁପୁର ଗ୍ରୁପ ବିରେ ରାଉତ ସାହି ନୂଆ ଭୁବନ, ଲତାବିଲ, ତେଲିସାହି । ଫାଇନାଲରେ ନୂଆଭୁବନ ବନ୍ଧାଳସହିତ ଭୁବନର ଖେଳାଳି ଖେଳି ଥିଲେ । ଏହି ମ୍ୟାଚରେ ଉଭୟଙ୍କୁ ଯୁଗ୍ମ ଚମ୍ପିୟାନ ଘୋଷଣା କରାଯାଇଛି । ଖେଳକୁ ସଞ୍ଜୀବ କୁମାର ନାୟକ, ଉମାକାନ୍ତ ଦାସ ପରିଚାଳନା କରିଥିଲେ । ଫାଇନାଲ ମ୍ୟାଚରେ ଅତିଥି ଭାବେ ସୁବାସ ଜୁଏଲାରୀ ସୁବାସ ମେହେଣା, ସତ୍ୟବାଦି ସେନାପତି, ଲଳିତ ବେହେରା, ବିଜୟ ବେହେରା, ନନ୍ଦ କିଶୋର ଧୀର ଦିଲ୍ଲୀପ ଦାସ ଉପସ୍ଥିତ ରହି ଯୁଗ୍ମ ଚମ୍ପିୟାନଙ୍କୁ ପୁରସ୍କୃତ କରିଥିଲେ ।



## ନଡ଼ିଆଳିରେ ରଜ ମହୋତ୍ସବ

ଢେଙ୍କାନାଳ,୧୭ ।୬(ସମିସ): ସଦର ବ୍ଲକ୍ ନଡିଆଳି ଗ୍ରାମରେ ୟୁଥ୍ ଫ୍ରେଣ୍ଡସ କ୍ଲବ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରଥମ ଦିନରେ ଗ୍ରାମର ମହିଳା ଓ ଝିଅମାନଙ୍କ ମଧ୍ୟରେ ପୋଡ଼ପିଠା, ପାନଭଙ୍ଗା, ଝୋଟି, ହୁଳହୁଳି, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଜଣାଅଜଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିନରେ ଅନୁଷ୍ଠାନର ସ୍ଥାୟୀ ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ପ୍ରଶଂଶା କରିଥିଲେ । ଏଭଳି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ଭିତରେ ଭାଇଚାରା ସୃଷ୍ଟି କରିବା ସହ ସଂସ୍କୃତି ଓ ପରମ୍ପରାକୁ ଆଗେଇ ନେବାରେ ସମର୍ଥ ବୋଲି ମନ୍ତ୍ରୀ କହିଥିଲେ । ସମାଜସେବୀ ଶୈଳବାଳା ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଆଜିର ସମୟରେ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ କରି ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ବେଶ୍ ଗୁରୁତ୍ୱ ରଖେ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ପ୍ରଭାତ ସାମଲ ଏବଂ ନାଟ୍ୟକାର ଦିନେଶ ଦାସ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଗ୍ରାମର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇ ଅର୍ଥରାଶି ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅକାରଣ ବେହେରା ପରିଚାଳନା କରିଥଲେ । ସମ୍ପାଦକ ହରେକୃଷ୍ଣ ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ବିଜ୍ଞାନ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ । ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



## ରକ୍ତ କର୍କଟରେ ପୀଡ଼ିତ ୮ ବର୍ଷର ଶିଶୁ

**ସହାୟତା ନିମନ୍ତେ ଆକୁଳ ନିବେଦନ**

ଢେଙ୍କାନାଳ,୧୭ ।୬(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ କନ୍ତିମିଲି ପଞ୍ଚାୟତର ଝାରବେଡା ଗ୍ରାମରେ କୈଳାସ ନାୟକଙ୍କ ବଡ଼ପୁଅ ଶାଶ୍ୱତ ନାୟକ ଗତ ତିନି ବର୍ଷଧରି ବ୍ଲଡ୍ କ୍ୟାନ୍ସରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି । ନାଚି,ଡେଇଁ ଖେଳିବା ବୟସରେ ବ୍ଲଡ୍ କ୍ୟାନ୍ସର ଭଳି ମାରାତ୍ମକ ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛି ଜଣେ ୮ ବର୍ଷର ଶିଶୁ । ପୁଅର ଚିକିତ୍ସା ପାଇଁ ପରିବାର ପକ୍ଷରୁ ସଞ୍ଚିତ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଘରର ଜିନିଷପତ୍ର ବିକ୍ରି କରି ଚିକିତ୍ସା ଜାରି ରଖିଥିଲେ । ଏପରିକି ଅଧିକ ଅର୍ଥର ଆବଶ୍ୟକତା ପଡ଼ିବାରୁ ପରିବାର ଧାର ଉଧାର କରି ମଧ ଚିକିତ୍ସା ଚଳାଇ ଆସୁଛନ୍ତି । ଶାଶ୍ୱତଙ୍କ ବାପା କୈଳାସ ନାୟକ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଯାଇ ଦାଦନ ଶ୍ରମିକ ଭାବେ କାମ କରୁଥିବା ବେଳେ ପୁଅର ଚିକିତ୍ସା ଖର୍ଚ୍ଚ ବହନ କରିବା ଏବେ ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଛି । ଶାଶ୍ୱତଙ୍କ ମା’ଶ୍ରଦ୍ଧାଞ୍ଜଳୀ ସାହୁ କୋହଭରା କଣ୍ଠରେ କହିଛନ୍ତି ଯେ ଧାର ଉଧାର କରି ଏପର୍ଯ୍ୟନ୍ତ ପୁଅର ଚିକିତ୍ସା କରାଇଛନ୍ତି । ମାତ୍ର ବର୍ତ୍ତମାନ ଅର୍ଥାଭାବ ଯୋଗୁଁ ଚିକିତ୍ସା ଜାରି ରଖିବା କଷ୍ଟସାଧ ହୋଇପଡ଼ିଛି । ଜିଲା ପ୍ରଶାସନ ସହଯୋଗର ହାତ ବଢ଼ାଇଲେ ପୁଅର ଉନ୍ନତ ଚିକିତ୍ସା ସମ୍ଭବ ହୋଇପାରିବ ବୋଲି ସେ ନିବେଦନ କରିଛନ୍ତି । ଶାଶ୍ୱତ ତୃତୀୟ ଶ୍ରେଣୀର ଜଣେ ମେଧାବୀ ଛାତ୍ର । ଏପରି ସ୍ଥିତିରେ ଶିଶୁଟିର ଚିକିତ୍ସା ପାଇଁ ସରକାରୀ ସହାୟତା ଓ ସମାଜର ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

**ଜୟଦୁର୍ଗା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

## ନରଣପୁର ପପୁଲାର୍ କ୍ଲବ୍ ଚାମ୍ପିଅନ



ଢେଙ୍କାନାଳ,୧୭ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଗଦାଶିଳା ପଞ୍ଚାୟତ ସାଇଁବିରି ଗ୍ରାମ ଫୁଟ୍‌ବଲ୍ ଖେଳପଡ଼ିଆରେ ଜୟଦୁର୍ଗା ଫୁଟ୍‌ବଲ୍ ଆସୋସିଏସନ୍ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ନରଣପୁର ପପୁଲାର କ୍ଲବ୍ ବନମାଳୀପ୍ରସାଦ ମଙ୍ଗଳା କ୍ଲବ୍‌କୁ ୩-୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଗଦାଶିଳା ସମିତିସଭ୍ୟା ସସ୍ମିତା ରାଉତ, ମୁଖ୍ୟବକ୍ତା ଭାବେ ସାଇଁବିରି ଫୁଟ୍‌ବଲ୍ ଦଳର ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ଓ ସୁନାମଧନ୍ୟ ଫୁଟ୍‌ବଲ୍ ଖେଳାଳି ଗଙ୍ଗାଧର ରାଉତ, ସମ୍ମାନିତ ଅତିଥି ଭାବେ ‘ନିଶ୍ୱାର୍ଡ’ର ନିର୍ଦ୍ଦେଶକ ରୁଦ୍ରନାରାୟଣ ଷଡ଼ଙ୍ଗୀ, ସେନାଧିକାରୀ କୈଳାସ ରାଉତ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ ଓ କମିଟି ସଭାପତି ରାଜକିଶୋର ରାଉଳ ଉପସ୍ଥିତ ଥିଲେ । ଶାନ୍ତନୁ ରାଉଳ ଧାରାବିବରଣୀ ପ୍ରଦାନ କରିଥିବାବେଳେ ପ୍ରତ୍ୟୁଷ ରାଉତ ସ୍କୋର ସିଟ୍ ଓ ଚିରଞ୍ଜୀବ ଲେଙ୍କା, ପ୍ରୀତିରଞ୍ଜନ ସାହୁ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

## ସିଦ୍ଧେଶ୍ୱରଙ୍କ ନିର୍ବନ୍ଧ ନୀତି ସମ୍ପନ୍ନ



ଢେଙ୍କାନାଳ,୧୭ ।୬(ସମିସ): ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ପରିସରରେ ଶିବ ପାର୍ବତୀଙ୍କ ନିର୍ବନ୍ଧକାର୍ଯ୍ୟକ୍ରମପରିଚାଳନାକମିଟିସଦସ୍ୟଏବଂସଦସ୍ୟା, ପୂଜକକୃଷ୍ଣଚନ୍ଦ୍ରପାଢ଼ୀଓମନ୍ମଥମିଶ୍ରଙ୍କ ଉପସ୍ଥିତିରେ କନ୍ୟା ପିତା ପ୍ରଭାସ ଚନ୍ଦ୍ର ମିଶ୍ର ଏବଂ ବର ପିତା ଶିବ ପ୍ରସାଦ ଦାସ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଗୁରୁବାର ବିବାହ କାର୍ଯ୍ୟକ୍ରମ ମନ୍ଦିର ପରିସରରେ ଅନୁଷ୍ଠିତ ହେବ ।

# ଆଳତୁମାରେ ଷୋଡ଼ଶ ରଜ ମହୋତ୍ସବ ଉଦ୍‌ଯାପିତ

କାମାକ୍ଷାନଗର,୧୭ ।୬(ସମିସ)



କାମାକ୍ଷାନଗର ଏନଏସି ଅନ୍ତର୍ଗତ ଆଳତୁମା ରାମିଆଳ ନଦୀ ଆମ୍ବତୋଟାରେ ଆଳତୁମା ରଜ ମହୋତ୍ସବ କମିଟି ଓ ନାଟ୍ୟ ଅନୁଷ୍ଠାନ ଭୂମିକା ସହଯୋଗରେ ତିନିଦିନ ବ୍ୟାପୀ ଆୟୋଜିତ ଷୋଡ଼ଶ ରଜ ମହୋତ୍ସବ ଉଦଯାପିତ ହୋଇଛି । ବିଭିନ୍ନ ପାରମ୍ପରିକ ଦୋଳି, ରଜପାନ ପସରା, ଖାଦ୍ୟ ଷ୍ଟଲ ସାଙ୍ଗକୁ ଚିତ୍ରଶିଳ୍ପୀ ପ୍ରଦୀପ ସେଣ୍ଠଙ୍କ ଦ୍ୱାରା ଆମ୍ବ ଗଛ ଗଣ୍ଡିଗୁଡ଼ିକରେ ସମାଜକୁ ବାର୍ତ୍ତା ଦେଲାଭଳି ଅଙ୍କା ଯାଇଥିବା ଛବି, ନୃତ୍ୟ, ସଙ୍ଗୀତ, ଅଭିନୟ ପାରମ୍ପରିକ ପିଠା ପ୍ରତିଯୋଗିତା ଆଦି ଆକର୍ଷଣୀୟ ହୋଇଥିଲା ।

ଉଦଯାପନୀ ସନ୍ଧ୍ୟାରେ କମିଟି ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି, ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ଚଳଚ୍ଚିତ୍ର ପ୍ରଯୋଜକ ଅସିତ ରାଉତ, ଓଡ଼ିଶା ଘରୋଇ ଆଇଟିଆଇ ସଂଘ ସଭାପତି ଡ. ଅରୁଣ କୁମାର ନାୟକ, କମିଟି ମୁଖ୍ୟ ଉପଦେଷ୍ଟା ନାଟ୍ୟକାର ତଥା ନିର୍ଦ୍ଦେଶକ ମଧୁସୂଦନ ସେଣ୍ଠ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ସଂଯୋଜକ ନିରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ରାଜେନ୍ଦ୍ର ସେଣ୍ଠ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜିଲ୍ଲାର ପ୍ରତିଷ୍ଠିତ ନୃତ୍ୟ ଦଳ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ଦଳଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆକର୍ଷଣୀୟ ରଜରାଣୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂଶ୍ରୀ ମିଶ୍ରଙ୍କୁ ଜଗାବଳିଆ ଫର୍ଣ୍ଣିଚର୍ସ ପକ୍ଷରୁ ଏକ ଡିଜିଟାଲ ଡ୍ରେସିଂ ଟେବୁଲ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ରୀନା ପାଣିଗ୍ରାହୀଙ୍କୁ ପ୍ରିନ୍ସ ମୋବାଇଲ୍ ପକ୍ଷରୁ ଏୟାର କୁଲର ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃଷ୍ଣମୟୀ ବିଶ୍ୱାଳଙ୍କୁ ବେହେରା ଫର୍ଣ୍ଣିଚର୍ ପକ୍ଷରୁ ଡିଜିଟାଲ କାଠ ଘଣ୍ଟା ସହ ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । ଆଶିଷ ଓ ସ୍ୱପ୍ନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉପସଭାପତି ମକରଧ୍ୱଜ ପ୍ରଧାନ, କାଉନସିଲର ସଞ୍ଜୟ କୁମାର ପରିଡ଼ା, ପ୍ରମୋଦ କୁମାର ସେଣ୍ଠ, ସଭ୍ୟ ଶୁଭ୍ରାଂଶୁ ସାହୁ, ରାଜେଶ ସେଣ୍ଠ, ପ୍ରଦୀପ୍ କୁମାର ମହାରଣା, ସଚ୍ଚିଦାନନ୍ଦ ମହାରଣା, ରଶ୍ମିରଞ୍ଜନ ସାହୁ, ଶୁଭ୍ରାଂଶୁ ମହାନ୍ତି, କର୍ପୁରାରି ସାହୁ, ଗୁରୁଚରଣ ସାହୁ, ସୌଭାଗ୍ୟ ବେହେରା, ଚନ୍ଦନ ବେହେରା, ପ୍ରଶାନ୍ତ ତ୍ରିପାଠୀ, ଦୀପକ ପରିଡ଼ା, ରାକେଶ ମହାରଣା, ଆଶିଷ ସେଣ୍ଠ, ମାନସ ଖୁଣ୍ଟିଆ, ବିଶ୍ୱଜିତ୍ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**■ ବିଶ୍ୱ ରକ୍ତଦାତା ଦିବସ**

## ଜିଲ୍ଲାସ୍ତରୀୟ ରକ୍ତଦାତା ସମ୍ବର୍ଦ୍ଧନା ଉତ୍ସବ

ଢେଙ୍କାନାଳ,୧୭ ।୬(ସମିସ): ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ରେଡ୍‌କ୍ରସ ସୋସାଇଟି ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ରକ୍ତଦାତା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ରକ୍ତଦାନ ମହତ୍ କର୍ମ, ରକ୍ତଦାନ ଦ୍ୱାରା ଶରୀରରେ କୌଣସି କ୍ଷତି ଘଟି ନ ଥାଏ ଏବଂ ଦୁର୍ବଳତା ଅନୁଭବ ହୋଇ ନ ଥାଏ ବୋଲି ପ୍ରକାଶ କରିଥିଲେ । ସମସ୍ତେ ଭାବେ ରକ୍ତଦାନ କରି ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ସେ ଆହ୍ୱାନ କରିଥିଲେ । ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ମାଧ୍ୟମ ଦ୍ୱାରା ରକ୍ତ ସୃଷ୍ଟି କରାଯାଇ ପାରିନାହିଁ । ପଶୁ ପକ୍ଷୀମାନଙ୍କ ରକ୍ତ ମଧ ମନୁଷ୍ୟ ପାଇଁ ପ୍ରଯୁଜ୍ୟ ହୋଇପାରି ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର ପ୍ରକାଶ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କ୍ଲବ୍‌ର କର୍ମକର୍ତ୍ତା ଏବଂ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡାକ୍ତର ସପନ କୁମାର ମହାନ୍ତି, ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ବ୍ଲଡ୍ ବ୍ୟାଙ୍କ ଅଧିକାରୀ ସ୍ୱରୂପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



■ ବଦଳି ଲାଗି ଉପବାଚସ୍ପତିଙ୍କ ଦସ୍ତଖତ ଜାଲ୍

# କେନ୍ଦୁଝରରୁ ଧରାପଡ଼ିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର ୧୭।୬ (ସମିସ): ଓଡ଼ିଆ ବିଧାନସଭାର ଉପବାଚସ୍ପତିଙ୍କ ଜାଲ୍ ଦସ୍ତଖତ କରି ବଦଳି ହେବା ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଲାଗି ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ବଡ଼ଗୋବରା ଗାଁର ଲକ୍ଷ୍ମଣ ହେମ୍ବ୍ରମ (୩୧)।

ପୁଲିସ ସୂଚନାନୁସାରେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ବେହେରା ଓ ହରିଚନ୍ଦନପୁର ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ ସୁନ୍ଦରଗଡ଼ ବରଗାଁ ଓ ସଦର ବ୍ଲକକୁ ବଦଳି ହେବା ପାଇଁ ଯୋଜନା କରିଥିଲେ। ଦୁଇ ଯନ୍ତ୍ରୀ ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ପ୍ୟାଡର ନକଲ୍ ପ୍ରସ୍ତୁତ କରି ବଦଳି ପାଇଁ ନିଜ ନାମ ଲେଖିଥିଲେ। ଖାଲି ସେତିକି ନୁହେଁ, ଉପବାଚସ୍ପତିଙ୍କ ଦସ୍ତଖତ ମଧ୍ୟ ଜାଲିଆତି କରିଥିଲେ। ଏହାପରେ ଉକ୍ତ ସୁପାରିଶ ପତ୍ରକୁ ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ଦାଖଲ କରିଥିଲେ। ପଞ୍ଚାୟତିରାଜ ବିଭାଗ ମଧ୍ୟ ଏହି ପତ୍ରକୁ ସତ୍ୟ ବୋଲି ବିଶ୍ୱାସ କରିଥିଲା। ସୁପାରିଶ ପତ୍ର ଅନୁସାରେ ଗତ ୮ ତାରିଖ ଦିନ ମୋନାଲିସା ଓ ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ ଜିଲ୍ଲାର ସଂପୃକ୍ତ ବ୍ଲକକୁ ବଦଳି କରାଯାଇଥିଲା। ତେବେ ଉପବାଚସ୍ପତିଙ୍କ ପକ୍ଷରୁ ସେଭଳି କୌଣସି ସୁପାରିଶ କରାଯାଇନଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏଭଳି କାରନାମା ପଦାକୁ ଆସିବା ପରେ ଉପବାଚସ୍ପତିଙ୍କ



ବ୍ୟକ୍ତିଗତ ସଚିବ ନିରଞ୍ଜନ କୁମାର ଶା କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରିଥିଲା। ଗତକାଲି ରାତିରେ କେନ୍ଦୁଝରରେ ଚଢ଼ଉ କରି ଲକ୍ଷ୍ମଣଙ୍କୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ହ୍ରାସ

# ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକା: ବିଜେଡି

ଭୁବନେଶ୍ୱର,୧୭।୬(ସମିସ): ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ କମିବା ଉଦବେଗଜନକ। ଡବଲ ଇଞ୍ଜିନ ସରକାରରେ ଅନୁଦାନ ବୃଦ୍ଧି ପାଇବା ପରିବର୍ତ୍ତେ କମୁଥିବାରୁ ମୁଖ୍ୟମନ୍ତ୍ରୀ ଏ ବାବଦରେ କେନ୍ଦ୍ର ସରକାରଙ୍କ ନିକଟରେ ମୁହଁ ଖୋଲନ୍ତୁ ଦାବି କରିଛି ବିଜୁ ଜନତା ଦଳ।

ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଥିଲେ ଯେ ସରକାରକୁ ଆସିବା ପୂର୍ବରୁ କେନ୍ଦ୍ରୀୟ ଅନୁଦାନ ବୃଦ୍ଧି କରି ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟ କରିବ ବୋଲି କହିଥିଲା ବିଜେପି। କିନ୍ତୁ ପଞ୍ଚଦଶ ଅର୍ଥ କମିଶନ (୨୦୨୧-୨୬)ଙ୍କ ସୁପାରିଶ କ୍ରମେ ଓଡ଼ିଶାକୁ ୪.୫୩ ପ୍ରତିଶତ ଅର୍ଥ ମିଳିଥିବା ବେଳେ ଷୋଡ଼ଶ ଅର୍ଥ କମିଶନ (୨୦୨୬-୩୧)ଙ୍କ ସୁପାରିଶରେ ତାହା ୪.୪୨ ପ୍ରତିଶତକୁ ହ୍ରାସ ପାଇଛି। ଏହାଦ୍ୱାରା ଓଡ଼ିଶା ପ୍ରଭୂତ କ୍ଷତି ସହିବ। ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫,୮୦୦ କୋଟି ଟଙ୍କାର ଅନୁଦାନ ମିଳିବାକୁ ଥିବାବେଳେ ଟଙ୍କାଟିଏ ବି ଅନୁଦାନ ମିଳିଲାନି। ୨୦୨୫-୨୬ ଆର୍ଥିକ ବର୍ଷରେ ମଧ୍ୟ ଏହି



■ ଚଳିତ ବର୍ଷ କମିବ ୫୩୦ କୋଟି ଟଙ୍କାର ଅନୁଦାନ
■ ଦୁଇ ବର୍ଷରେ ୨ ଯୋଜନାକୁ କେନ୍ଦ୍ରୀୟ ଅନୁଦାନ ଶୂନ

ଯୋଜନାରେ ଓଡ଼ିଶା ଅନୁଦାନ ପାଇବାରୁ ସମ୍ପୂର୍ଣ୍ଣ ଭାବେ ବଞ୍ଚିତ ହେଲା। ସେହିପରି ଜଳ ଜୀବନ ମିଶନ ଯୋଜନାରେ ବାର୍ଷିକ ୬ ହଜାର କୋଟି ଟଙ୍କା ଅନୁଦାନ ମିଳିବାକୁ ଥିବାବେଳେ ଗତ ୨ ବର୍ଷ ମଧ୍ୟରେ ଟଙ୍କାଟିଏ ବି ଅନୁଦାନ ଓଡ଼ିଶାକୁ ମିଳିଲା ନାହିଁ। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଓଡ଼ିଶା ହକରୁ ବଞ୍ଚିତ ହେଲା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ନିକଟରେ ମୁହଁ ଖୋଲିବା ପାଇଁ ସାହାସ ଜୁଟାଇ ପାରୁନାହାନ୍ତି। ଡ. ସାହୁ ଆହୁରି କହିଥିଲେ ଯେ, ଗତ ୨ ବର୍ଷ ମଧ୍ୟରେ ରାଜ୍ୟ ସରକାର ବଜେଟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ନ କରିପାରିବାରୁ କେନ୍ଦ୍ର ଅନୁଦାନ କାଟିଦେଉଛି ଏବଂ ଯାହାବି ଅନୁଦାନ ରାଜ୍ୟକୁ ମିଳୁଛି, ତାହା ଆର୍ଥିକ ବର୍ଷ ଶେଷରେ ମିଳୁଥିବାରୁ ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟ ବିଜେପି ସରକାରଙ୍କ ଅପାରଗତା ଲାଗି ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଜଳ ଜୀବନ ମିଶନ ଯୋଜନାରେ କେନ୍ଦ୍ରୀୟ ଅନୁଦାନ ମିଳୁନଥିବାରୁ ଗ୍ରାମାଞ୍ଚଳରେ ପିଇବା ପାଇଁ ପାଣି ମିଳୁନାହିଁ। ଏହାସହ ଷୋଡ଼ଶ ଅର୍ଥ କମିଶନଙ୍କ ନୂଆ ଫର୍ମୁଲା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଗତ ୨ ବର୍ଷ ଧରି କେନ୍ଦ୍ରୀୟ ଅନୁଦାନ କମିବା ଏବଂ ରାଜ୍ୟ ବଜେଟରେ ବରାଦ ଅର୍ଥ ଖର୍ଚ୍ଚ ହୋଇନପାରିବା ଫଳରେ ବିକାଶ ବାଧାପ୍ରାପ୍ତ ହୋଇଛି। ପୂର୍ବ ବିଜେଡି ସରକାରରେ ଆର୍ଥିକ ପରିଚାଳନାରେ ଦେଶରେ ୧ ନମ୍ବର ସ୍ଥାନରେ ଥିବା ଓଡ଼ିଶାର ଆର୍ଥିକ ସ୍ଥିତି ଆଜି ବିଗିଡ଼ି ଯାଇଛି। ପ୍ରଚାର ସର୍ବସ୍ୱ ବିଜେପି ସରକାର ଓଡ଼ିଶାବାସୀଙ୍କ ନ୍ୟାଯ୍ୟ ଦାବିକୁ କେନ୍ଦ୍ର ନିକଟରେ ଉପସ୍ଥାପିତ କରି ରାଜ୍ୟ ପାଇଁ ଅଧିକ ଅନୁଦାନ ଆଣନ୍ତୁ, ନଚେତ୍ ଓଡ଼ିଶାବାସୀ କେବେ କ୍ଷମା ଦେବେ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଉପସ୍ଥିତ ଥିଲେ।

# ବ୍ୟାଗରୁ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର

ରାୟଗଡ,୧୭।୬(ସମିସ): ରାୟଗଡ ଜିଲ୍ଲାରେ ପୁଣି ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଚାନ୍ଦିଲି ଥାନା ଅନ୍ତର୍ଗତ ଖଲିଗୁଡ଼ା ନିକଟରେ ଏକ କଳା ରଙ୍ଗର ବଡ଼ ବ୍ୟାଗ ଭିତରୁ ଜଣେ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। ହାତ ଓ ଗୋଡ଼ ବନ୍ଧା ଅବସ୍ଥାରେ ମୃତଦେହ ମିଳିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

**ହାତଗୋଡ଼ ବାନ୍ଧି ନିର୍ମମ ହତ୍ୟା ସନ୍ଦେହ**

ସୂଚନା ଅନୁଯାୟୀ, ରାୟଗଡ-ଜେକେପୁର ୩୨୬ ନମ୍ବର ଜାତୀୟରାଜପଥ କଡ଼ରେ ଥିବା ହ୍ୟୁଣ୍ଡାଇ ସର୍ଭିସ ଶୋ'ରୁମ ପାଖରେ ଏକ ଖୋଲା ପଡ଼ିଆରୁ ଆଜି ସକାଳେ ତୀବ୍ର ଦୁର୍ଗନ୍ଧ ବାହାରୁଥିବା ଦେଖି ଶୋ'ରୁମ କର୍ମଚାରୀମାନେ ସନ୍ଦେହ କରିଥିଲେ। ସେମାନେ ନିକଟକୁ ଯାଇ ଦେଖିବା ବେଳେ ଏକ କଳା ବ୍ୟାଗ ଅଧା ଖୋଲା ଅବସ୍ଥାରେ ପଡ଼ିଥିବା ନଜରକୁ ଆସିଥିଲା। ଶୋ'ରୁମ ମ୍ୟାନେଜର ବିଜୟ ବିଶ୍ୱାସ ଚାନ୍ଦିଲି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଆସିଷ୍ଟାଣ୍ଟ କଲେକ୍ଟର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଶୁଭେନ୍ଦୁ ସାହୁଙ୍କ ଉପସ୍ଥିତିରେ ବ୍ୟାଗ ଖୋଲାଯିବା ପରେ ସେଥିରୁ ଜଣେ ଯୁବତୀଙ୍କ ମୃତଦେହ ବାହାରିଥିଲା। ମୃତଦେହର ଦୁଇ ହାତ ଓ ଗୋଡ଼ ବନ୍ଧା ଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଦେଖାଯାଇଛି। ମୁହଁ ପଚିଯାଇଥିବାରୁ ପରିଚୟ ଚିହ୍ନଟ କରିବା ସମ୍ଭବ ହୋଇପାରିନାହିଁ। ପ୍ରାୟ ୪ରୁ ୫ ଦିନ ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ଓ ପୋଲିସ ଟିମ୍ ପହଞ୍ଚି ବିଭିନ୍ନ ପ୍ରମାଣ ସଂଗ୍ରହ କରିଛନ୍ତି। ରାୟଗଡ ଏସ୍‌ଡିପିଓ ଗୌରହରି ସାହୁ, ଚାନ୍ଦିଲି ଥାନା ଏସଆଇ ଆଶୁତୋଷ ସାହୁ, ଏଏସଆଇ ଶିବରାମ ସ୍ୱାଇଁଙ୍କ ସହ ଅନ୍ୟ ମାନେ ଘଟଣାର ତଦନ୍ତ ଚଳାଇଛନ୍ତି। ପରେ ଜିଲ୍ଲାର ନବନିଯୁକ୍ତ ଏସପି ରାଜ ପ୍ରସାଦ ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତର ଅଗ୍ରଗତି ସମୀକ୍ଷା କରିଥିଲେ। ଚାନ୍ଦିଲି ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୋଷ୍ଟମର୍ଟମ ରିପୋର୍ଟ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

# ବଢୁଛି ସଡ଼କ ଦୁର୍ଘଟଣା ମୃତ୍ୟୁ

**ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରୁଛି ପରିବହନ ବିଭାଗ; ଫଳ ଶୂନ୍**

ଭୁବନେଶ୍ୱର,୧୭।୬(ସମିସ): ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟରେ ବ୍ୟବସ୍ଥା ପରେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ନୂତନ ନିୟମ ସାଙ୍ଗକୁ ବିଭିନ୍ନ ସଂସ୍ଥାର ସହଯୋଗ ନେଇ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ସଡ଼କ ଦୁର୍ଘଟଣା ହ୍ରାସ ପାଇବା ବଦଳରେ ପ୍ରତ୍ୟେକ ଦିନ ଦୁର୍ଘଟଣାର ହାର ବଢ଼ି ଚାଲିଛି। ଭୁବନେଶ୍ୱରରେ ଗୋଟିଏ ଦିନରେ ଦୁର୍ଘଟଣା ଯୋଗୁଁ ୩ ଜଣଙ୍କର ଜୀବନ ଯାଇଛି। ସହର ଭିତରେ ସ୍ଥିତି ଏମିତି ଥିବା ବେଳେ ରାଜପଥଗୁଡ଼ିକରେ ଏହା ଆହୁରି ସମ୍ବେଦନଶୀଳ ଅବସ୍ଥା ସୃଷ୍ଟି କରୁଛି। ଅନ୍ୟପଟେ ଦୁର୍ଘଟଣା ବୃଦ୍ଧି ଓ ଜୀବନହାନୀ ମଧ୍ୟରେ ରାଜ୍ୟରେ ସଡ଼କ ସୁରକ୍ଷା ନାଁରେ ଆଇଆଇଟ ମାଡ୍ରାସକୁ ପାଣି ଭଳି ଟଙ୍କା ଗଣାଯାଉଥିବା ବେଳେ ଏହି ସଂସ୍ଥା ଦ୍ୱାରା ଓଡ଼ିଶା କେତେ ସୁଫଳ ପାଇଛି ତାକୁ ନେଇ ପ୍ରଶ୍ନ ଉଠିଛି।

ରାଜ୍ୟରେ ବର୍ତ୍ତମାନ ଦୈନିକ ହାରାହାରି ୧୮ ରୁ ଅଧିକ ଲୋକ ସଡ଼କ ଦୁର୍ଘଟଣା ଯୋଗୁଁ ପ୍ରାଣ ହରାଉଛନ୍ତି। ଏହା ଛଡ଼ା ଆହତଙ୍କ ସଂଖ୍ୟା ୪୦-୫୦ ରହୁଛି। ଏଭଳି ପରିସ୍ଥିତିରେ ଗବେଷଣା ନାଁରେ ଆଇଆଇଟି ମାଡ୍ରାସ ବ୍ୟାପକ ଅର୍ଥ ନେଉଥିଲେ ମଧ୍ୟ ଏହି ସଂସ୍ଥାର କାର୍ଯ୍ୟ କେବଳ ପୋଷ୍ଟର ବ୍ୟାନରେ ସୀମିତ ରହିଯାଉଛି। କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ଦେଇ ବହୁ ସଂଖ୍ୟକ ଧଳାହାତୀ ଆଇଆଇଟି ମାଡ୍ରାସ ଦ୍ୱାରା ପୋଷାଯାଉଥିଲେ ମଧ୍ୟ ଏହି ସଂସ୍ଥା କରୁଥିବା କାର୍ଯ୍ୟର ସରକାର କାହିଁକି ସମୀକ୍ଷା କରୁନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଏହା ବ୍ୟତିତ ଏହି ସଂସ୍ଥା ପକ୍ଷରୁ ରାଜ୍ୟରେ ଦୁର୍ଘଟଣା ହାର ବୃଦ୍ଧିର କାରଣ ଖୋଜାଯିବା ସହ ଏହାର ନିରାକରଣ ପାଇଁ ସୁପାରିସ କରିବ ବୋଲି ଚୁକ୍ତି କରାଯାଇଥିଲା। ହେଲେ ଏହି ସଂସ୍ଥା କେଉଁ ସୁପାରିସ କରିଛି ଓ ଏହାଦ୍ୱାରା କେଉଁ ପଦକ୍ଷେପ ନିଆଯାଇଛି ତାହାର ମଧ୍ୟ କୌଣସି ହିସାବ ନାହିଁ।

ଅନ୍ୟ ଏକ ଘଟଣା ଭାବେ ପୂର୍ବରୁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ପ୍ରତ୍ୟେକ ଜିଲ୍ଲାରେ ପ୍ରତି ମାସରେ ସଡ଼କ ସୁରକ୍ଷା ସମିତି ବୈଠକ ବସିବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଜିଲ୍ଲାପାଳମାନଙ୍କୁ ସଡ଼କ ସୁରକ୍ଷା ସମିତିର ବୈଠକ କରିବାକୁ ସେ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଧିକାଂଶ ଜିଲ୍ଲାରେ ସଡ଼କ ସୁରକ୍ଷା ସମିତିର ବୈଠକ ବର୍ଷକୁ ଥରେ ମଧ୍ୟ ଅନୁଷ୍ଠିତ ହେଉ ନାହିଁ। କେବଳ ସଡକ ସୁରକ୍ଷା ମାସ ପାଳନ ଅବସରରେ ଏହି ବୈଠକ ଅନୁଷ୍ଠିତ ହେଉଛି। ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କ ନିର୍ଦ୍ଦେଶନାମାକୁ କୌଣସି ଜିଲ୍ଲାର ଜିଲ୍ଲାପାଳମାନେ କାର୍ଯ୍ୟକାରୀ କରୁନାହାଁନ୍ତି। ଉଚ୍ଚତମ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କିମିଟିର ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଦୁର୍ଘଟଣାର ତଦନ୍ତ କରିବା ଓ ଦୁର୍ଘଟଣାର ନିରାକାରଣ ପାଇଁ ବିହିତ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହାକୁ ମଧ୍ୟ ଜିଲ୍ଲା ସ୍ତରରେ ଅନୁପାଳନ କରାଯାଉ ନାହିଁ। ଏହି ଘଟଣାକୁ ନେଇ ସଡ଼କ ସୁରକ୍ଷା ବିଶେଷଜ୍ଞ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ ନନ୍ଦ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିବା ସହ ଆଇଆଇଟି ମାଡ୍ରାସ ସହ ସରକାର କରିଥିବା ଚୁକ୍ତିକୁ ତୁରନ୍ତ ରଦ୍ଦ କରାଯିବା ଉଚିତ ବୋଲି କହିଛନ୍ତି। ଏ ସମ୍ପର୍କରେ ଶ୍ରୀ ନନ୍ଦ ପତ୍ର ମାଧ୍ୟମରେ ମୁଖ୍ୟଶାସନ ସଚିବଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ସହ ଖୋର୍ଦ୍ଧା ଜିଲ୍ଲାର ଦୁର୍ଘଟଣା ହାର ଅନ୍ୟ ଜିଲ୍ଲା ଅପେକ୍ଷା ସର୍ବାଧିକ ହୋଇଥିବାରୁ ଏହି ଜିଲ୍ଲାରେ ଦୁର୍ଘଟଣା ନିରାକାରଣ ପାଇଁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଭିତରେ ସମନ୍ୱୟ ରକ୍ଷା କରିବା ଓ ଜିଲ୍ଲା ସ୍ତରରୀୟ କମିଟିକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି।

**ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ**

# ପିଲାଙ୍କୁଆଙ୍କ ଭବିଷ୍ୟତ ନଷ୍ଟ ପାଇଁ ଷଡ଼ଯନ୍ତ୍ର

ଭୁବନେଶ୍ୱର,୧୭।୬(ସମିସ): ଶିକ୍ଷାରେ ପ୍ରାଇମେରୀ ସ୍ତର ହେଉଛି ମୂଳଦୁଆ। ଏହିଠାରୁ ଭବିଷ୍ୟତର ପିଣ୍ଡପଡ଼େ ଓ ଏହି ମୂଳଦୁଆରୁ ଶିକ୍ଷାପ୍ରାପ୍ତ କରି ଓଡ଼ିଶାରୁ ଅନେକ ସୁନାମଧନ୍ୟ ବିଦ୍ୱାନ ରାଜ୍ୟର ଟେକ ରଖିଛନ୍ତି। କିନ୍ତୁ କେନ୍ଦ୍ର ଓ ରାଜ୍ୟର ବିଜେପି ସରକାର ତାଙ୍କ ବିଚାରଧାରାକୁ ଏନସିଇଆରଟି ଏବଂ ଓଡ଼ିଶାର ପାଠ୍ୟକ୍ରମରେ ଛାପୁଛନ୍ତି। ଓଡ଼ିଶା ଅସ୍ମିତା ନାମରେ ସରକାରକୁ ଆସିଥିବା ଦଳ ଅସ୍ମିତାର ହତ୍ୟା କରୁଛନ୍ତି ବୋଲି କହି ସରକାରଙ୍କ ଉପରେ ପର୍ଷିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ବୁଧବାର କଂଗ୍ରେସ ଭବନଠାରେ ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ କହିଛନ୍ତି, ପାଠ୍ୟଖସଡ଼ା ତିଆରିବେଳେ ଓଡ଼ିଶାର ଗୁଣି ଜ୍ଞାନି ମାନଙ୍କୁ ଅଣଦେଖା କରାଯାଉଛି। କଥାରେ ଅଛି ଗୋଟିଏ ଦେଶକୁ ନିପାତ କରିବାକୁ ହେଲେ ଶିକ୍ଷାକୁ ନିପାତ କରିଦେଲେ ପରମାଣୁ ବୋମାର ଆବଶ୍ୟକତା ମଧ୍ୟ ନଥାଏ। ଯାହା ଜଣାଯାଉଛି ମୂଢ଼ମାନେ ଶାସନ ଗାଦିରେ ବସିଛନ୍ତି। ଦେଶ ଜାତି ପାଇଁ କିଛି ବଳିଦାନ ନାହିଁ। ଶିକ୍ଷା ସଂସ୍କୃତି କିଛି ନାହିଁ। ସରକାରଙ୍କ ଖାମଖିଆଲି ନୀତି ଯୋଗୁଁ ୫୦ କୋଟି ଟଙ୍କା ପାଣିରେ ପଡ଼ିଗଲା। କୋର କମିଟିର ଅନୁଧ୍ୟାନ ବିନା ବହି ଛପା ହେଲା କେମିତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ଶିକ୍ଷାମନ୍ତ୍ରୀ ଏହି ଗୁରୁତ୍ୱର ଭୁଲକୁ ସ୍ୱୀକାର ନକରି ଓଲଟା ଶିକ୍ଷକମାନେ ସୁଧାରି ଶିକ୍ଷାଦାନ କରିବେ ବୋଲି ବକ୍ତବ୍ୟ ପ୍ରକାଶ କରିବାକୁ ନେଇ ଭକ୍ତ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଏହାକୁ ଲଜ୍ୟାଜନକ ବୋଲି କହିବା ସହ ଏନସିଇଆରଟି ଓ ଓଡ଼ିଶା ଶିକ୍ଷା ବିଭାଗର ଛାପା ଦାୟିତ୍ୱ କେଉଁ ଏଜେନ୍ସି ଟେଣ୍ଡର ପାଇଛି, ତାହାର ତଦନ୍ତ ଦାବି କରିଛନ୍ତି। କେଉଁ ବିଜେପି ନେତାଙ୍କ ସହଯୋଗରେ ଏଜେନ୍ସି କାମ ପାଇଛି। ଏ ସବୁର ତଦନ୍ତ ହେବା ଆବଶ୍ୟକ ବୋଲି ଦଳ ଦାବି କରିଛି। ବିଜେପି ସରକାର ଶିକ୍ଷା ବିଭାଗକୁ ଏବଂ ପିଲାଙ୍କୁଆଙ୍କ ଭବିଷ୍ୟତକୁ ନଷ୍ଟ କରିବାପାଇଁ ଷଡଯନ୍ତ୍ର କରିଛି। ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ସିବିଏସଇ ମୂଲ୍ୟାୟନ ବିଭ୍ରାଟ ଓ ବର୍ତ୍ତମାନର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କୌଣସିଟିରେ ସରକାରଙ୍କ କୌଣସି ମନ୍ତ୍ରୀ ଉତ୍ତର ଦାୟିତ୍ୱ ନେଉନାହାନ୍ତି କି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ ମଧୁବାବୁ, ଗୋପବନ୍ଧୁ ଆଦି ସମସ୍ତ ପ୍ରଥିତଯଶା ଗୁଣି ଜ୍ଞାନି ଓଡ଼ିଆ ସନ୍ତାନଙ୍କ ପ୍ରତି ଏକ ବଡ଼ ଅପମାନ




ବୋଲି ଭକ୍ତ କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିନିମନ୍ତେ କ୍ଷମା ମାଗିବା ଉଚିତ ବୋଲି ଶ୍ରୀ ଦାସ ନିଜ ବକ୍ତବ୍ୟରେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଛାତ୍ର ନେତା ୟାସିର ନୱାଜ ଓ ଛାତ୍ର ନେତା ବିଭୁତିଭୂଷଣ ମହାପାତ୍ର ସରକାରଙ୍କୁ ଚେତାବନୀ ଦେଇ କହିଥିଲେ ଯେ ଏହି ଅକ୍ଷମଣୀୟ ତ୍ରୁଟିପାଇଁ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ, ନହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ। ସମ୍ମିଳନୀରେ ଅନ୍ୟମାନଙ୍କ ସହ ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ଉପସ୍ଥିତ ଥିଲେ।

**୪୫ତମ ଏଚଏଲସିଏ ବୈଠକ**

# ୯ ଟି ଜିଲ୍ଲାରେ ୨୦ ମେଗା ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର,୧୭।୬(ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ହାଇ-ଲେଭଲ୍ କ୍ଲିୟରାନ୍ସ ଅଥରିଟି (ଏଚଏଲସିଏ)ର ୪୫ତମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟର ୯ଟି ଜିଲ୍ଲାରେ ୨୦ଟି ପ୍ରମୁଖ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଗୁଡ଼ିକରେ ମୋଟ ୭୬,୬୧୧.୮୬ କୋଟି ନିବେଶ ହେବାକୁ ଥିବାବେଳେ ୫୦,୫୧୭ ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଦୁଇ ବର୍ଷ ପୂରଣ କରୁଥିବା ବେଳେ ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ନିବେଶ ସ୍ଥଳୀ ଭାବେ ଉଭା ହୋଇଛି। ପ୍ରଗତିଶୀଳ ନୀତି, ବ୍ୟବସାୟିକ ସହଜତା (ଇଜ୍ ଅଫ୍ ଡୁଇଂ ବିଜନେସ୍)ର ସୁଧାର, ସୁଦୃଢ଼ ଭିତ୍ତିଭୂମି ଏବଂ ସକ୍ରିୟ ନିବେଶକ ସହଯୋଗ ମାଧ୍ୟମରେ ଆମେ ପାରମ୍ପରିକ ଏବଂ ଆଧୁନିକ ଉଭୟ କ୍ଷେତ୍ରରେ ନିବେଶ ଆକୃଷ୍ଟ କରିବାରେ ସଫଳ ହୋଇଛୁ। ଆଜିର ଅନୁମୋଦନ ଓଡ଼ିଶା ପ୍ରତି ନିବେଶକମାନଙ୍କ ବଢୁଥିବା ବିଶ୍ୱାସ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି, ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହନ ତଥା ସମଗ୍ର ରାଜ୍ୟରେ ସନ୍ତୁଳିତ ବିକାଶ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପଗୁଡ଼ିକ ନିଯୁକ୍ତି ସୃଷ୍ଟି, ଶିଳ୍ପର ବିବିଧକରଣ ଏବଂ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମଣି-ମୁକ୍ତା ବା ରତ୍ନପଥର ବିନିର୍ମାଣ, ସବୁଜ ଶକ୍ତି ଉପକରଣ, ମହାକାଶ ଓ ପ୍ରତିରକ୍ଷା, ବିରଳ ମୃତ୍ତିକା ଖଣିଜ ଭିତ୍ତିକ ମୂଲ୍ୟ-ସଂଯୋଜିତ ଉତ୍ପାଦ, ଫାର୍ମାସ୍ୟୁଟିକାଲ୍ସ (ଔଷଧ), ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, କେମିକାଲ୍ସ, ଇସ୍ପାତ, ଲୁହା ଏବଂ ଫେରୋ ଆଲୟଜ୍ ଏବଂ ଶକ୍ତି ଓ ନବୀକରଣଯୋଗ୍ୟ ଶକ୍ତି ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବ୍ୟାପିଛି। ପ୍ରମୁଖ ପ୍ରକଳ୍ପ ମଧ୍ୟରେ କିରା ଡାଏମ୍ ଏଲଏଲପି, ଅଞ୍ଜଳି ଲାବ୍‌ଟେକ୍ ଲିମିଟେଡ୍ ଏବଂ ଗ୍ରୋ ମ୍ୟାଗ୍ନିଫିସେଣ୍ଟ ପ୍ରାଇଭେଟ ଲିମିଟେଡ୍ ଖୋର୍ଦ୍ଧାରେ ମୋଟ ୯,୮୧୭.୫୦ କୋଟି ନିବେଶରେ ଲାବ୍-ଗ୍ରୋନ୍ (କୃତ୍ରିମ) ହୀରା ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ। ଏହା ମୋଟ ୮,୧୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ଟାଟା ପାୱାର ରିନିଉଏବଲ୍ ଏନର୍ଜି ଲିମିଟେଡ୍ ଗଞ୍ଜାମରେ ୧୦,୦୦୦ କୋଟି ନିବେଶରେ ଏକ ସୋଲାର ପିଭି ସେଲ୍ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ୫,୦୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି ହେବ। ଏହି କ୍ଷେତ୍ରକୁ ଆହୁରି ସୁଦୃଢ଼ କରି ସାତ୍ତ୍ୱିକ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍ ଗଞ୍ଜାମରେ ଏକ ସୋଲାର ପିଭି ସେଲ୍ ବିନିର୍ମାଣ କେନ୍ଦ୍ରରେ ୧,୭୦୯.୮୧ କୋଟି ନିବେଶ କରିବ, ଯାହା ୫୧୯ ଟି କର୍ମସଂସ୍ଥାନ ସୃଷ୍ଟି କରିବ।

ଏନ୍‌ଏଏନ୍ ମ୍ୟାଗ୍ନେଟେକ୍ ପ୍ରାଇଭେଟ ଲିମିଟେଡ୍ ଖୋର୍ଦ୍ଧା/କଟକରେ ହାଇ-ପରଫରମାନ୍ସ ଇଭି ଗ୍ରେଡ୍ ମ୍ୟାଗ୍ନେଟ୍ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା ପାଇଁ ୧,୨୫୦ କୋଟି ନିବେଶ କରିବ, ଯାହା ୨,୦୦୦ କର୍ମସଂସ୍ଥାନ ସୃଷ୍ଟି କରିବ। ସେହିପରି ଏଲ ଆଣ୍ଡ ଟି ଲିମିଟେଡ୍ ଗଞ୍ଜାମରେ ଏକ ପ୍ରକଳ୍ପରେ ୨,୪୦୦ କୋଟି ନିବେଶ କରିବାକୁ ଅନୁମତି ପାଇଥିବା ବେଳେ ଏହାଦ୍ୱାରା ୨,୦୦୦ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶାର ଉତ୍ପାଦନ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରି ରତ୍ନମଣି ମେଟାଲ୍ସ ଆଣ୍ଡ ଟ୍ୟୁବ୍ସ ଲିମିଟେଡ୍ ଯାଜପୁରରେ ୧,୬୪୨ କୋଟି ନିବେଶରେ ଏକ ସମନ୍ୱିତ ସ୍ପେଶାଲିଟି ଷ୍ଟିଲ୍ (ସ୍ୱତନ୍ତ୍ର ଇସ୍ପାତ) ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ, ଯାହା ୮୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ଫାର୍ମାସ୍ୟୁଟିକାଲ୍ କ୍ଷେତ୍ରରେ ନେକ୍ଟର ଲାଇଫ୍‌ସାଇନ୍ସେସ୍ ଲିମିଟେଡ୍ ସମ୍ବଲପୁରରେ ଏକ ଔଷଧ ବିନିର୍ମାଣ ୟୁନିଟ୍ ପାଇଁ ୧,୧୭୦ କୋଟି ନିବେଶ କରିବ, ଯାହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ। ସେହିପରି ଜୁପିଟର ୱାଗନ୍ସ ଲିମିଟେଡ୍ ଯାଜପୁରରେ ୧,୫୦୦ କୋଟି ନିବେଶରେ ଏକ ରେଳ କୋଚ୍ ବିନିର୍ମାଣ କାରଖାନା ପ୍ରତିଷ୍ଠା କରିବାକୁ ଯାଉଥିବା ବେଳେ ଏଥିରୁ ୧୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।



ଇସ୍ପାତ, ଲୁହା ଏବଂ ଫେରୋ ଆଲୟଜ୍ କ୍ଷେତ୍ରର ଏକ ବଡ଼ ନିବେଶ ପ୍ରସ୍ତାବକୁ ମଧ୍ୟ ବୈଠକରେ ଅନୁମୋଦନ ମିଳିଛି। ରଶ୍ମି ମେଟାଲର୍ଜିକାଲ୍ ଇଣ୍ଡଷ୍ଟ୍ରି ପ୍ରାଇଭେଟ ଲିମିଟେଡ୍ ଯାଜପୁରରେ ଏକ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ୧୫,୦୦୦ କୋଟି ନିବେଶ କରିବ, ଯାହା ୧୧,୦୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡ୍ ସମ୍ବଲପୁରରେ ୧ ଏମଟିପିଏ ବିଶିଷ୍ଟ ସମନ୍ୱିତ ଇସ୍ପାତ ବିନିର୍ମାଣ ୟୁନିଟ୍ ପାଇଁ ୭,୫୮୦ କୋଟି ନିବେଶ କରିବ, ଯାହା ଦ୍ୱାରା ୩,୫୦୦ ଚାକିରି ସୃଷ୍ଟି ହେବ।

ଏହି କ୍ଷେତ୍ରକୁ ଆହୁରି ସମ୍ପ୍ରସାରିତ କରି ଏସଏମସି ପାୱାର ଜେନେରେସନ୍ ଲିମିଟେଡ୍ (ବଡ଼ମାଲ) ଝାରସୁଗୁଡ଼ାରେ ଏହାର ଇସ୍ପାତ କାରଖାନା ଏବଂ ସିମେଣ୍ଟ ବିନିର୍ମାଣ ୟୁନିଟ୍‌ର ସମ୍ପ୍ରସାରଣ ପାଇଁ ୫,୩୫୦ କୋଟି ନିବେଶ କରିବ, ଯାହା ୨,୦୦୦ କର୍ମସଂସ୍ଥାନ ଯୋଗାଇ ଦେବ। ଅନ୍ୟପକ୍ଷରେ ଏସଏମସି ପାୱାର ଜେନେରେସନ୍ ଲିମିଟେଡ୍ (ହିରମା) ଏକ ସମାନ ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ୩,୮୦୦ କୋଟି ନିବେଶ କରିବ, ଯାହା ଦ୍ୱାରା ୨,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବିଆର ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍ ସମ୍ବଲପୁରରେ ୨,୪୦୦ କୋଟି ନିବେଶ କରିବାକୁ ଯାଉଥିବା ବେଳେ ଏଥିରେ ୫,୦୨୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି କରିବ। ସେହିପରି ଓଡ଼ିଶା ଆଲୟ ଷ୍ଟିଲ୍ ପ୍ରାଇଭେଟ ଲିମିଟେଡ୍ ସୁନ୍ଦରଗଡ଼ରେ ଏକ ଲୁହାପଥର ବେନିଫିସିଏସନ୍ ପ୍ଲାଣ୍ଟରେ ୧,୨୦୦ କୋଟି ନିବେଶ କରିବ, ଯାହା ଦ୍ୱାରା

● ୭୬,୬୧୨ କୋଟି ଟଙ୍କାର ନିବେଶ ମଞ୍ଜୁର, ୫୦,୫୦୦ରୁ ଅଧିକ ନିଯୁକ୍ତି ସୁଯୋଗ ହେବ ସୃଷ୍ଟି
● ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ନିବେଶ ସ୍ଥଳୀ ଭାବେ ଉଭା ହୋଇଛି: ମୁଖ୍ୟମନ୍ତ୍ରୀ

୧,୧୦୦ ଚାକିରି ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ଶକ୍ତି ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ରାଜପୁଷ୍ପା ରେନୋଭା ଏଲଏଲପି ମାଲକାନଗିରିରେ ୫,୨୨୦ କୋଟି ନିବେଶରେ ଏକ ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ୫୦୦ କର୍ମସଂସ୍ଥାନ ସୁଯୋଗ ସୃଷ୍ଟି ହେବ। ଏହାବ୍ୟତୀତ, କେୟୁ ଉର୍ଜା ପ୍ରାଇଭେଟ ଲିମିଟେଡ୍ ଝାରସୁଗୁଡ଼ାରେ କୋଇଲା ଭିତ୍ତିକ ସର୍ମାଲ ପାୱାର ପ୍ଲାଣ୍ଟରେ ୨,୪୭୧.୯୮ କୋଟି ନିବେଶ କରିବ, ଯାହା ୪୭୮ କର୍ମସଂସ୍ଥାନ ସୃଷ୍ଟି କରିବ। ରାସାୟନିକ କ୍ଷେତ୍ରରେ ମଧ୍ୟ ଏକ ପ୍ରମୁଖ ନିବେଶ ଦେଖିବାକୁ ମିଳିଛି, ଯେଉଁଠାରେ ସିଂଘଲ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡ୍ ରାୟଗଡ଼ାରେ ୧,୩୦୦.୫୭ କୋଟି ନିବେଶରେ ଏକ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ପ୍ରଡକ୍ଟ ବିନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛି, ଯାହା ୩,୦୦୦ କର୍ମସଂସ୍ଥାନ ସୃଷ୍ଟି କରିବ।

**ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକରେ ତ୍ରୁଟିକୁ ନେଇ ଅସନ୍ତୋଷ**

# ତଦନ୍ତ ବାଟବଣା ନ ହେଉ: ଶିକ୍ଷକ

ପୁରୀ,୧୭।୬(ସମିସ): ଜାତୀୟ ଶିକ୍ଷାନୀତି ଆଧାରରେ ଆମ ରାଜ୍ୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ସେଥିରେ ୧୬୭୮ଟି ତ୍ରୁଟି ଦେଖିବାକୁ ମିଳିଥିବାରୁ ସମସ୍ତ ଶିକ୍ଷକ, ଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାଫଳରେ ଗଣଶିକ୍ଷା ବିଭାଗକୁ ସର୍ବସାଧାରଣରେ ସମାଲୋଚିତ ହେବାକୁ ପଡ଼ିଛି। ଜାତୀୟସ୍ତରରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ ଏନ୍‌ସିଇଆର୍‌ଟି ଦୁଇରୁ ତିନି ବର୍ଷ ନେଉଥିବାବେଳେ ଆମ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଗଣଶିକ୍ଷା ବିଭାଗ ଏତେ ତରବରିଆ ଭାବେ ତିନି ଚାରି ମାସ ଭିତରେ ନୂଆ ପାଠ୍ୟ ପୁସ୍ତକ କାହିଁକି ପ୍ରସ୍ତୁତ କଲେ ଏହା ହେଉଛି ବଡ଼ ପ୍ରଶ୍ନ। ଗୋଟିଏ ପଟେ ରାଜ୍ୟରେ ୧ଲକ୍ଷରୁ ଅଧିକ ଶିକ୍ଷକ ପଦ ଖାଲି ପଡ଼ିଥିବାବେଳେ ଯେତିକି ଶିକ୍ଷକ ଅଛନ୍ତି ସେମାନଙ୍କ ମଧ୍ୟରୁ ଅଧା ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏବେ ପ୍ରଶ୍ନ ଉଠୁଛି, ସେହି ତ୍ରୁଟିପୂର୍ଣ୍ଣ ପୁସ୍ତକ କିପରି ସଂଶୋଧନ ହେବ ଓ ଶ୍ରେଣୀରେ ଶିକ୍ଷାଦାନ କରାଯିବ ସେଥିପାଇଁ ଶିକ୍ଷକମାନେ ମଧ୍ୟ ଚାପରେ ଅଛନ୍ତି। ପାଠ୍ୟପୁସ୍ତକ ପ୍ରସ୍ତୁତି ପରେ ଓସେପା ତରଫରୁ ସେଥିରେ ଥିବା ତ୍ରୁଟି ବାହାର କରି ଶିକ୍ଷକମାନଙ୍କୁ ତ୍ରୁଟି ସଂଶୋଧନ କରିବାକୁ ନିର୍ଦ୍ଦେଶନାମା ଜାରି କରାଗଲା। କିନ୍ତୁ ନୂଆ ପାଠ୍ୟ ପୁସ୍ତକକୁ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ନିମନ୍ତେ ଶିକ୍ଷକମାନଙ୍କୁ ଜାନୁଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ "ପ୍ରବୋଧନା' ତାଲିମ ସମୟରେ ଯଦି ପାଠ୍ୟପୁସ୍ତକର ସଫ୍ଟ କପି ଯୋଗାଇ ଦିଆଯାଇଥା'ନ୍ତା ତେବେ ଆଜି ଏ ପରିସ୍ଥିତି ଉପୁଜି ନ ଥା'ନ୍ତା। ତାଲିମ ସମୟରେ ଶିକ୍ଷକମାନେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ସଂଶୋଧନ କରିପାରିଥା'ନ୍ତେ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପାଠ୍ୟ ପୁସ୍ତକରେ ଖାଲି ମୁଦ୍ରଣ ଜନିତ ତ୍ରୁଟି, ସ୍ଥାନ ପରିବର୍ତ୍ତନ ଓ ଫଟୋଚିତ୍ର ତ୍ରୁଟି ହୋଇନାହିଁ ବରଂ ପାଠ୍ୟ ପୁସ୍ତକରେ ବହୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୁରାତନ ଓ ପୌରାଣିକ ବିଷୟ ସ୍ଥାନ ପାଇଛି। ଯେତେବେଳେ ବିଶ୍ୱ ସମୁଦାୟ ବିଜ୍ଞାନ, ବୈଷୟିକ ବିଜ୍ଞାନ ଓ ଗବେଷଣା କରି ଆଧୁନିକ ଆଡ଼କୁ ଯାଉଛି ସେହି ସମୟରେ ଏଭଳି ବହି ପ୍ରସ୍ତୁତ କରିବା ନିନ୍ଦନୀୟ ଅଟେ। ତେଣୁ କୁସଂସ୍କାର, ଅନ୍ଧବିଶ୍ୱାସ, ପୌରାଣିକ ଓ ପୁରାତନ ଶିକ୍ଷାକୁ ପାଠ୍ୟପୁସ୍ତକରୁ ବାଦ୍ ଦେବାକୁ ସଂଘ ଦାବି କରିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଉନ୍ନୟନ କମିସନରଙ୍କ ଅଧ୍ୟକ୍ଷତାରେ ତିନିଜଣିଆ କମିଟି ଗଠନ କରିଛନ୍ତି ଓ ୭ଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେଲା ପରେ ଯେଉଁମାନେ ଦୋଷ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଯାହାକୁ ସ୍ୱାଗତ କରିଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ। ତଦନ୍ତ ଯେପରି ବାଟବଣା ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି। ଗଣଶିକ୍ଷା ବିଭାଗ ପାଠ୍ୟ ପୁସ୍ତକ ପ୍ରସ୍ତୁତି ନିମନ୍ତେ କେତୋଟି କମିଟି କରିଥିଲେ ଓ ସେହି କମିଟିରେ କିଏ କିଏ ଥିଲେ ସେମାନଙ୍କ ନାମ ତାଲିକା ସର୍ବସାଧାରଣରେ ପ୍ରକାଶ କରିବାକୁ ସଂଘ ଦାବି କରିଛି। ଯେଉଁମାନଙ୍କ ଯୋଗୁଁ ଆଜି ଗଣଶିକ୍ଷା ବିଭାଗ ସର୍ବସାଧାରଣରେ ନିନ୍ଦିତ ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି କରି ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରିବାକୁ ସଂଘର ସାଧାରଣ ସମ୍ପାଦକ ବିଭୂ ପ୍ରସାଦ ସାହୁ, ଅଗାଧୁ ସେଠୀ, କାର୍ଯ୍ୟକାରୀ ସଭାପତି ଧରଣୀଧର ମଲ୍ଲିକ, ସୁଧାଂଶୁ ଶେଖର ମଣ୍ଡଳ, ସହସମ୍ପାଦକ ଚିନ୍ତାମଣି ପାଢ଼ୀ, ସନ୍ତୋଷ ଦୁବେ, ଆଭାଲିନ ପରିଡ଼ା, କେଶବ ଦଳାଇ ପ୍ରମୁଖ ଏକ ମିଳିତ ପ୍ରେସ୍ ବିବୃତ୍ତିରେ ଦାବି କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୮୧୫- ୱାଟର୍ ଲୁ ଯୁଦ୍ଧରେ ନେପୋଲିଅନ୍ ବୋନାପାର୍ଟଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା ।
- ୧୮୩୭- ସ୍ପେନ୍ ନୂଆ ସମ୍ବିଧାନ ଆପଣାଇଲା ।
- ୧୯୫୬- ହିନ୍ଦୁ ଉତ୍ତରାଧିକାର ଅଧିନିୟମ ପାରିତ ହେଲା ।
- ୨୦୦୯- ନାସା ଚନ୍ଦ୍ରପୃଷ୍ଠରେ ଜଳର ସନ୍ଧାନ ପାଇଁ ଏକ ବିଶେଷ ଯାନକୁ ପ୍ରେରିତ କଲା ।
- ୨୦୧୩- ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୩୧ଜଣଙ୍କ ପ୍ରାଣହାନି ।

# 'ଧମାଲ ୪' ଅଜୟ ନେଇଛନ୍ତି ୪୦ କୋଟି



ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କର ଚଳିତବର୍ଷ କୌଣସି ଫିଲ୍ମ ରିଲିଜ୍ ହୋଇନାହିଁ । 'ଧମାଲ୍ ୪' ତାଙ୍କର ଚଳିତବର୍ଷର ପ୍ରଥମ ଫିଲ୍ମ ହେବ । ଏହା ଆସନ୍ତା ୧୦ ଜୁଲାଇରେ ରିଲିଜ୍ ହେବ । ଏଥିରେ ଅଜୟଙ୍କ ସହ ଅରଶଦ ୱାର୍ସି, ସଞ୍ଜୟ ମିଶ୍ରା, ଜାଭେଦ ଜାଫ୍‌ରି ଏବଂ ରିତେଶ ଦେଶମୁଖ ପ୍ରମୁଖ ନଜର ଆସିବେ । ଇତିମଧ୍ୟରେ ଫିଲ୍ମର ଟ୍ରେଲର୍ ରିଲିଜ୍ ହୋଇଛି । ଏହାର ଟ୍ରେଲର୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଇନ୍ଦ୍ର କୁମାର ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି । ଅଜୟ ଏଥିରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଦାୟିତ୍ୱରେ ମଧ୍ୟ ଅଛନ୍ତି । ଏହାରି ମଧ୍ୟରେ ଫିଲ୍ମର କଳାକାରମାନଙ୍କ ଫିସ୍ କଥା ସାମ୍ନାକୁ ଆସିଛି । ଅଜୟ ଏହି ଫିଲ୍ମ ପାଇଁ ୪୦ କୋଟି ନେଇଛନ୍ତି । ଫିଲ୍ମର ବଜେଟ୍ ବଢ଼ିଯିବାରୁ ଅଜୟ ତାଙ୍କ ପାରିଶ୍ରମିକ ହ୍ରାସ କରିଥିବା ଫିଲ୍ମର ସହ ପ୍ରଯୋଜକ ଭୂଷଣ କୁମାର କହିଛନ୍ତି । ଅଜୟ ଏହାର ପ୍ରଯୋଜକ ଥିବାରୁ ଫିଲ୍ମର ଲାଭରୁ ସେ ସେୟାର୍ ପାଇବା ସୁନିଶ୍ଚିତ । ରିତେଶ ଓ ଅରଶଦ ଏହି ଫିଲ୍ମ ପାଇଁ ୧୦ କୋଟି ଲେଖାଏଁ ନେଇଛନ୍ତି । ଏଥିରେ ରବି କିଶନ ମଧ୍ୟ ଖଳନାୟକ ଭାବେ ଦେଖାଯିବେ । ସେ ପାରିଶ୍ରମିକ ବାବଦରେ ୧୦ କୋଟି ନେଇଛନ୍ତି । ସଞ୍ଜୟ ମିଶ୍ରାଙ୍କୁ ଏହି ଫିଲ୍ମ ପାଇଁ ୩ କୋଟି ମିଳିଥିବା କୁହାଯାଉଛି । ସେହିଭଳି ଜାଭେଦ ଜାଫ୍‌ରି ଓ ଈଶା ଗୁପ୍ତାଙ୍କୁ ୨ କୋଟି ଲେଖାଏଁ ମିଳିଛି ।

## ଭିନ୍ନ ଜଣେ ବ୍ୟକ୍ତି

# ବିନା ମେସିନ୍‌ରେ ସଠିକ୍ ଓଜନରେ କାଟିପାରନ୍ତି

ସାମାଜିକ ଗଣମାଧ୍ୟମରେ ପ୍ରତିଦିନ କିଛି ନା କିଛି ନୂଆ ଧରଣର ଭିଡିଓ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଜଣେ ବ୍ୟକ୍ତିଙ୍କର ନିଆରା ପ୍ରତିଭା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ବ୍ୟକ୍ତି ଜଣକ କୌଣସି ମେସିନ୍, ତରାଜୁ କିମ୍ବା ଓଜନ ମେସିନ୍‌ର ସାହାଯ୍ୟ ନ ନେଇ ପନିପରିବାକୁ ଏକ ନିର୍ଦ୍ଦିଷ୍ଟ ଓଜନରେ ସଠିକ୍ ଭାବେ କାଟିପାରନ୍ତି । ଓଜନ ମେସିନ୍ ବିନା ସେ ଏପରି ଭାବେ କାଟନ୍ତି ଯେ, ସେଥିରେ ଗୋଟିଏ ଗ୍ରାମ୍‌ର ବି ଫରକ ହୁଏ ନାହିଁ । ଏନେଇ ବ୍ୟକ୍ତି ଜଣଙ୍କର ଏକ ଭିଡିଓ ଭାଇରାଲ ହୋଇଛି । ଏଥିରେ ଦେଖିବାକୁ ମିଳୁଛି ଯେ, ବ୍ୟକ୍ତି ଜଣକ ପ୍ରଥମେ ଗୋଟିଏ ଟମାଟୋକୁ ଓଜନ କରୁଛନ୍ତି । ଏହାପରେ ସେ କ୍ୟାମେରାମ୍ୟାନ୍‌ଙ୍କୁ କେତେ ଓଜନର ଟମାଟୋ କାଟିବା ବୋଲି ପଚାରୁଛନ୍ତି । ଏହାପରେ କ୍ୟାମେରାମ୍ୟାନ୍ ତାଙ୍କୁ ୬୯ ଗ୍ରାମ୍ ଟମାଟୋ କାଟିବାକୁ କହିଥିଲେ । ସେ କାଟିଥିବା ଟମାଟୋକୁ ଓଜନ କରିଯିବା ପରେ ତାହା ଠିକ୍ ୬୯ ଗ୍ରାମ୍ ହୋଇଥିଲା । ଏହାପରେ ତାଙ୍କୁ ଦିଆଯାଇଥିବା ଏକ ନିର୍ଦ୍ଦିଷ୍ଟ ଓଜନରେ ଆଳୁକୁ କାଟି ମଧ୍ୟ ଦେଖାଇଥିଲେ । ମେସିନ୍‌ରେ ଆଳୁର ଓଜନ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏହାର ଓଜନ ବିଲ୍‌କୁଲ ଠିକ୍ ଥିଲା । ଏହି ଭିଡିଓ ଭାଇରାଲ ହେବା ପରେ ଅନେକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, ଏହା ଜଣକର ବର୍ଷ ବର୍ଷର ଅଭିଜ୍ଞତାର ପରିଣାମ । ଏନେଇ ବିଶେଷଜ୍ଞଙ୍କ କହିବା କଥା, ପନିପରିବାର ଗଠନ, ଆକାରକୁ ଆଧାର କରି ମଣିଷର ମସ୍ତିଷ୍କ ଏହାର ଓଜନକୁ ଆକଳନ କରିଥାଏ । ଅବଶ୍ୟ ଏତେ ସଠିକ୍ ଭାବେ ଓଜନ ଆକଳନ କରିବା କ୍ଷେତ୍ରରେ ବ୍ୟକ୍ତି ଜଣକ ବ୍ୟତିକ୍ରମ ।




# ବିଶ୍ୱର ସବୁଠୁ ସନ୍ଦେହୀ ମହିଳା



ବୈବାହିକ ଜୀବନରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବେଳେବେଳେ ପରସ୍ପରକୁ ସନ୍ଦେହ କଲା ଭଳି ସ୍ଥିତି ଉପୁଜିଥାଏ । ପରବର୍ତ୍ତୀ ମୁହୂର୍ତ୍ତରେ କଥାବାର୍ତ୍ତା କିମ୍ବା ଆପୋଷ ବୁଝାମଣା ଦ୍ୱାରା ଏହା ଠିକ୍ ହୋଇ ଯାଇଥାଏ । ହେଲେ ବ୍ରିଟେନର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ଉପରେ ଏତେ ମାତ୍ରାରେ ସନ୍ଦେହ କରନ୍ତି ଯେ, ତାଙ୍କ ଜୀବନକୁ ନର୍କ କରି ଦେଇଛନ୍ତି । ଡେବି ଉଡ୍ ନାମ୍ନୀ ଏହି ମହିଳା ଜଣକ ବିଶ୍ୱର ସବୁଠୁ ସନ୍ଦେହୀ ମହିଳା ଭାବେ ପରିଚିତ । ସେ ତାଙ୍କ ସ୍ୱାମୀ ଷ୍ଟିଭ୍‌ଙ୍କ ଉପରେ ଏତେ ମାତ୍ରାରେ ସନ୍ଦେହ କରନ୍ତି ଯେ ଏଥିପାଇଁ ତାଙ୍କୁ ପ୍ରତିଦିନ ଲାଇ ଡିଟେକ୍ଟର ଟେଷ୍ଟର ସମ୍ମୁଖୀନ ହେବାକୁ ପଡୁଛି । ଡେବି ଓଥେଲୋ ସିଣ୍ଡ୍ରୋମ ରୋଗରେ ପୀଡ଼ିତ । ଏଥିରେ ଆକ୍ରାନ୍ତ ବ୍ୟକ୍ତି ତାଙ୍କ ଜୀବନସାଥିଙ୍କ ଉପରେ ସବୁବେଳେ ସନ୍ଦେହ କରନ୍ତି । ଷ୍ଟିଭ୍ ଘରୁ ବାହାରକୁ ଗଲେ କିମ୍ବା କାମ ସାରି ଘରକୁ ଫେରିଲେ, ପ୍ରତିଥର ତାଙ୍କର ସତ୍ୟତା ପରୀକ୍ଷା ପାଇଁ ଡେବି ଲାଇ ଡିଟେକ୍ଟର ଟେଷ୍ଟ କରାଇଥାନ୍ତି । ଏହାବାଦ୍ ସେ ଷ୍ଟିଭ୍‌ଙ୍କ ଫୋନ୍, ଇମେଲ୍ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ଦିନରେ ଅନେକ ଥର ଯାଞ୍ଚ କରନ୍ତି । ଏପରିକି ସେ ତାଙ୍କ ସ୍ୱାମୀଙ୍କୁ ଟିଭିରେ କୌଣସି ମହିଳାଙ୍କୁ ଦେଖିବାକୁ କିମ୍ବା ପତ୍ରିକାରେ ମହିଳାଙ୍କ ଫଟୋ ଦେଖିବାକୁ ମଧ୍ୟ ବାରଣ କରିଛନ୍ତି । ଷ୍ଟିଭ୍ ଏଥିଯୋଗୁଁ ବ୍ୟତିବ୍ୟସ୍ତ ରହୁଥିବାବେଳେ ପତ୍ନୀଙ୍କ ରୋଗ ପାଇଁ ସବୁ ସହିଯାନ୍ତି । ଏନେଇ ମନସ୍ତତ୍ତ୍ୱବିତ୍‌ଙ୍କ କହିବା କଥା, ଏହି ରୋଗର ତୁରନ୍ତ ଚିକିତ୍ସା କରା ନ ଗଲେ ଏହି ସମସ୍ୟା ଗମ୍ଭୀର ହୋଇପାରେ ।

# ପଣସ ମଞ୍ଜିରୁ ଆତ୍ମନିର୍ଭର

**ଅନେକେ ପଣସ ଖାଇବା ପରେ ଏହାର ମଞ୍ଜିକୁ ଫୋପାଡ଼ି ଦିଅନ୍ତି । କିଛି ଏହି ମଞ୍ଜିକୁ ଭଜା, ଭର୍ତ୍ତା ଏବଂ ତରକାରି କରି ଖାଇଥାଆନ୍ତି । ଏହି କ୍ରମରେ ପଣସ ମଞ୍ଜିରୁ ଭଳିକି ଭଳି ଖାଦ୍ୟପୋଯୋଗୀ ଜିନିଷ ସହ କଫି ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି, କେରଳ ୱାଇନାଡ଼ର ଜେମି ସାଜି । ସେ ପଣସ ମଞ୍ଜିକୁ ନ ଫୋପାଡ଼ି ଏଥିରୁ ଉନ୍ନତମାନର କଫି ପ୍ରସ୍ତୁତ କରୁଛନ୍ତି । ଏହା ଅସଲି କଫିର ଅନୁଭୂତି ଦେବା ସହ କେଫିନ୍ ମୁକ୍ତ ହୋଇଥାଏ ।**






### ବ୍ୟବସାୟ ପ୍ରତି ଆଗ୍ରହ

୨୦୧୯ ମସିହାରେ ଏଗ୍ରିକଲ୍‌ଚର୍ ଡିପାର୍ଟମେଣ୍ଟ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଣସ ମଞ୍ଜିର ବହୁବିଧ ଉପକାରିତା ବାବଦରେ ଜାଣିବାକୁ ପାଇଥିଲେ । ପଣସମଞ୍ଜିକୁ ନ ଫୋପାଡ଼ି ଏହାକୁ କିପରି ଭଲ ଉପାୟରେ ବ୍ୟବହାର ହୋଇପାରିବ ତାହା ଶିଖିଥିଲେ । ପଣସ ମଞ୍ଜିକୁ ଶୁଖାଇ ଗୁଣ୍ଡ କରି ସେଥିରେ ପ୍ରଥମେ ସେ ଦକ୍ଷିଣ ଭାରତର ପ୍ରସିଦ୍ଧି ଲାଭ କରିଥିବା ମିଠାମାନ ପ୍ରସ୍ତୁତ କରିଥିଲେ । ଏହାକୁ ନିଜ ପଡ଼ୋଶୀଙ୍କ ସମେତ ସମ୍ପର୍କୀୟଙ୍କୁ ଖାଇବାକୁ ଦେଇଥିଲେ । ସେମାନେ ଏହାକୁ ଖାଇ ପସନ୍ଦ କରିବା ସହ ଏଥିପାଇଁ ବରାଦ ଦେଇଥିଲେ । ଏଥିରୁ ତାଙ୍କ ବ୍ୟବସାୟ ଆରମ୍ଭ ହୋଇଥିଲା । ସମୟକ୍ରମେ ବହୁ ପରୀକ୍ଷାନିରୀକ୍ଷା କରି ସେ ହୋଲି କ୍ରସ୍ ଇଣ୍ଡଷ୍ଟ୍ରିଜ୍ ନାମକ କମ୍ପାନି ଆରମ୍ଭ କରିଥିଲେ ।

### ପଣସ ମଞ୍ଜି କଫି ଏବଂ ଉତ୍ପାଦ

ସେ ନିଜ କମ୍ପାନିରେ ପଣସରୁ ନିର୍ମିତ ବିଭିନ୍ନ ଜିନିଷ ଯଥା -ଜ୍ୟାକ୍ ଫ୍ରେଶ୍ ବ୍ରାଣ୍ଡ ଡୋସା ମିକ୍ସ, ଷ୍ଟିମ୍ କେକ୍ ମିକ୍ସ, କଫି ପାଉଡର୍ ସମେତ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରିଥାନ୍ତି । ଜେମିଙ୍କ କହିବାନୁଯାୟୀ ଏହି ପଣସମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ, ପ୍ରୋଟିନ୍, ଆଇରନ୍, ଭିଟାମିନ୍ – ଏ ଭରପୁର ଥିବାରୁ ଏହା ଏନିମିଆ, ଚର୍ମଜନିତ ରୋଗ ଭଲ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏଥିସହ କେଶକୁ ମଧ୍ୟ ସୁସ୍ଥ ରଖିଥାଏ । ଏଥିରେ ନାନା ଔଷଧୀୟ ଗୁଣ ରହିଛି ।

### କଫିର ଚାହିଦା

ଜେମିଙ୍କ କହିବାନୁଯାୟୀ, ବଜାରରେ ଏହି ପଣସମଞ୍ଜି କଫିର ଖୁବ୍ ଚାହିଦା ରହିଛି । ବିଶେଷ କରି ପଣସମଞ୍ଜିକୁ ପ୍ରକ୍ରିୟାକରଣ କରିବା ପରେ ଏଥିରୁ କଫି ଭଳି ସୁଗନ୍ଧ ବାହାରିଥାଏ । ତେଣୁ ସେ ପଣସମଞ୍ଜିରୁ କଫି ପ୍ରସ୍ତୁତ କରିବାକୁ ଭାବିଥିଲେ । ଏହାକୁ ପ୍ରସ୍ତୁତ କରି ବିକ୍ରି କରିଥିଲେ । ଏହା ବଜାରରେ ମିଳୁଥିବା କଫି ଠାରୁ ଖୁବ୍ ଉନ୍ନତ ଏବଂ ସ୍ୱାସ୍ଥ୍ୟପ୍ରଦ । ଏହି ପ୍ରଡକ୍ଟ କେରଳର ପ୍ରତ୍ୟେକ ଦୋକାନରେ ଉପଲବ୍ଧ ହୋଇଥାଏ । ଏହା ୨୫-୪୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ସେ ନିଜର ଏହି କମ୍ପାନୀରେ ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାର ଦେଇଛନ୍ତି ।

## ଆଜି ରାନ୍ଧନ୍ତୁ

# ତେନ୍ତୁଳି ପାଣି କୁକୁଡ଼ା ଝୋଳ

### ଆବଶ୍ୟକ ସାମଗ୍ରୀ

ଦେଶୀ କୁକୁଡ଼ା ମାଂସ – ୫୦୦ ଗ୍ରାମ୍, ରସୁଣ ଛେଚା – ଦୁଇଚାମଚ, ଅଦା ବଟା- ଦୁଇଚାମଚ, କଟା ପିଆଜ– ଦୁଇ କପ୍, ଧନିଆ ପତ୍ର – ଅଳ୍ପ, ହଳଦୀଗୁଣ୍ଡ- ଅଧା ଚାମଚ, ତେନ୍ତୁଳି ପାଣି – ଏକ କପ୍, ଲୁଣ- ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।



### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ପାତ୍ରରେ ତେଲ ନେଇ ସେଥିରେ କଞ୍ଚାମାଂସ, ହଳଦୀଗୁଣ୍ଡ, ଲୁଣ, ପିଆଜ, ଅଦାରସୁଣ ବଟା, ଧନିଆପତ୍ର, ସମେତ ଶୁଖିଲା ଲଙ୍କା ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ସେଥିରେ ଗୋଳାଇ ରଖିଥିବା ଚିକେନ୍ ଦିଅନ୍ତୁ । ଏହାକୁ ପିଠାଖଡ଼ିକାରେ ଏପାଖସେପାଖ କରି ଘୋଡ଼ାଇ ସିଝାନ୍ତୁ । କୁକୁଡ଼ା ମାଂସ, ୭୦ ପ୍ରତିଶତ ସିଝି ଆସିଲେ ଏଥିରେ ପାଣି ଦିଅନ୍ତୁ । ଏହାକୁ ଏପାଖସେପାଖ କରି ଶେଷରେ ତେନ୍ତୁଳି ପାଣି ଦିଅନ୍ତୁ । ଏହା ଉପରେ ଧନିଆ ପତ୍ର ପକାଇ ପରଷନ୍ତୁ ସ୍ୱାଦିଷ୍ଟ 'ତେନ୍ତୁଳି ପାଣି କୁକୁଡ଼ା ଝୋଳ' ।

## ସୁଶ୍ରୀ

# ଘିମିରିର ଘରୋଇ ଉପଚାର...



ଖରାଦିନେ ତ୍ୱଚାଜନିତ ନାନା ସମସ୍ୟା ଉପୁଜିଥାଏ । ସେଥିମଧ୍ୟରୁ ଗୋଟିଏ ଘିମିର । ଟାଣ ଖରା, ଝାଳ ଯୋଗୁ ଶରୀରରେ ନାଲି ହୋଇ ଫଳିଯିବା ସହ କୁଣ୍ଡାଇ ହୋଇଥାଏ । ପିଲାଠୁ ନେଇ ବୟସ୍କ ସଭିଙ୍କ ଠାରେ ଏହି ସମସ୍ୟା ଦେଖାଯାଏ । ଏହାଦ୍ୱାରା ତ୍ୱଚାରେ ଜ୍ୱଳନ ହୋଇଥାଏ । ଦାମୀ ପାଉଡର୍ ଏବଂ କ୍ରିମ୍ ଲଗାଇଲେ ମଧ୍ୟ ସୁଫଳ ମିଳି ନ ଥାଏ । ତେବେ ଚାହିଁଲେ ଘରୋଇ ଉପାୟ ଆପଣାଇ ଘିମିରି ପ୍ରଭାବକୁ କମ୍ କରିପାରିବେ ।

### ଘିକୁଆଁରି ଏବଂ ଗୋଲାପଜଳ

ଗୋଟିଏ ପାତ୍ରରେ ଅଳ୍ପ ଘିକୁଆଁରୀ ଏବଂ ଗୋଲାପଜଳ ନେଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଘିମିରି ହୋଇଥିବା ସ୍ଥାନରେ ଲଗାନ୍ତୁ । ଏହା ସତେଜ ଅନୁଭୂତି ଦେବା ସହ ଶରୀରକୁ ଥଣ୍ଡା ପ୍ରଦାନ କରିଥାଏ । ସମ୍ବେଦନଶୀଳ ତ୍ୱଚା ଥିଲେ, ପ୍ରଥମେ ଏହାକୁ ପ୍ୟାଚ୍ ଟେଷ୍ଟ କରି ଲଗାଇବା ଜରୁରି ।

### ସୂତାପୋଷାକ

ଦିନରେ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା ଆବଶ୍ୟକ । ଏଥିସହ ଢିଲା ଏବଂ ଆରାମଦାୟକ ସୂତା କପଡ଼ା ପିନ୍ଧିବା ଜରୁରି । ଅଧିକ ସମୟ ଧରି ଝାଳ ପୋଷାକ ନ ପିନ୍ଧିବା ଭଲ । ଖରାରୁ ଫେରିବା ମାତ୍ରେ ଗାଧାନ୍ତୁ । ତ୍ୱଚାକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

### ଖାଦ୍ୟର ରଖନ୍ତୁ ଧ୍ୟାନ

ପଇଡ଼ ପାଣି, ଛାଚ୍ ଏବଂ ମୋସମ୍ବୀ ଜୁସ୍ ଆଦି ପିଇବା ଭଲ । ଅଧିକ ତେଲ ମଶଲା ଯୁକ୍ତ ଖାଦ୍ୟରୁ ଯଥା ସମ୍ଭବ ଦୂରେଇ ରୁହନ୍ତୁ । କାକୁଡ଼ି, ତରଭୂଜ ସେବନ କରନ୍ତୁ ।

# ୱେଷ୍ଟର୍ଣ୍ଣ ବାଙ୍ଗଲ୍ସ

**ଆଧୁନିକ ଆଉଟ୍‌ଫିଟ୍ ସହ ବାଙ୍ଗଲ୍ସ ପିନ୍ଧିବାକୁ ଅଧିକାଂଶ ମହିଳା ପସନ୍ଦ କରନ୍ତି । ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ଏହି କ୍ରମରେ ଏବେ କେତେକ ୱେଷ୍ଟର୍ଣ୍ଣ ବାଙ୍ଗଲ୍ସ ଲୋକପ୍ରିୟ ରହିଛି । ଜାଣିବା ସେ ବାବଦରେ...**

**କାଠ ଚୁଡ଼ି -** ଆଉଟ୍‌ଫିଟ୍‌କୁ ସୁନ୍ଦର ଏବଂ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, କାଠର ଚୁଡ଼ି ପିନ୍ଧିପାରିବେ । ଏହା ମୋଟା, ପତଳା ବିଭିନ୍ନ ଡିଜାଇନ୍‌ରେ ଥାଏ ।

**ଘୁଙ୍ଗୁର ଚୁଡ଼ି-** କାଶ୍ମୀର ଚୁଡ଼ିରେ ଛୋଟ ଛୋଟ ଘୁଙ୍ଗୁର ଲାଗିଥିବାରୁ ଏହା ବେଶ୍ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାଏ । ଏହାକୁ ଉଭୟ ଆଧୁନିକ ଏବଂ ପାରମ୍ପରିକ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ ।

**ରେଜିନ୍ -** ଏହା ଦେଖିବାକୁ ସୁନ୍ଦର ଏବଂ ଆକର୍ଷଣୀୟ ଦିଶିଥାଏ । ଏହାକୁ ବିଶେଷ କରି ସେଟ୍ କରି ଲଗାଇଲେ ବେଶୀ ସୁନ୍ଦର ଲାଗିଥାଏ ।

# ଗୋଲ୍ଡ ସ୍କ୍ରବ୍ ଟ୍ରେଣ୍ଡ



**ଗୋଲ୍ଡ ଫେସିଆଲ୍ ଭଳି, ଏବେ ଗୋଲ୍ଡ ସ୍କ୍ରବ୍ ଖୁବ୍ ଲୋକପ୍ରିୟ ରହିଛି । ବ୍ୟସ୍ତ ଜୀବନଶୈଳୀ, ପ୍ରଦୂଷଣ, ଧୂଳି, ମାଟି, ତ୍ୱଚାକୁ ନିଷ୍କ୍ରିୟ କରିଦିଏ । ତେଣୁ ତ୍ୱଚାକୁ ଉଜ୍ଜ୍ୱଳ କରିବା ସହ ସତେଜ ଅନୁଭୂତି ଚାହୁଁଥିଲେ ଗୋଲ୍ଡ ସ୍କ୍ରବ୍ କରିପାରିବେ ।**

- ଗୋଲ୍ଡ ସ୍କ୍ରବ୍ ତ୍ୱଚାକୁ ନ ରଗଡ଼ି, କୌଣସି ପ୍ରକାର କ୍ଷତି ନ ପହଞ୍ଚାଇ, ମୃତକୋଷ କାଢ଼ିବା, ତ୍ୱଚାକୁ ଉନ୍ନତ କରିବା ସହ ତ୍ୱଚାରେ ଚମକ ଆଣିବାରେ ସାହାଯ୍ୟ କରିଥାଏ ।
- ପ୍ରଥମେ ଗୋଲ୍ଡ କେବଳ ଅଳଙ୍କାରରେ ସୀମିତ ଥିଲା । ହେଲେ ଏବେ ବିୟୁଟି ଇଣ୍ଡଷ୍ଟ୍ରୀ ସହ ଗୋଲ୍ଡକୁ ଯୋଡ଼ାଯାଉଛି । ଗୋଲ୍ଡ ଆଧାରିତ ସ୍କିନ୍ କେୟାର୍ ପ୍ରଡକ୍ଟ ମହିଳାଙ୍କୁ ଏକ ରାଜକୀୟ ଅନୁଭୂତି ଦେବା ସହ ତ୍ୱଚାକୁ ସତେଜ ଏବଂ ସୁନ୍ଦର କରିଥାଏ ।
- ମହିଳାମାନେ କେବଳ ଗୋରା ନୁହେଁ, ସୁସ୍ଥ, ପଲିସ୍‌ଡ ଏବଂ ଉଜ୍ଜ୍ୱଳ ତ୍ୱଚା ଚାହାଁନ୍ତି । ସେହିପରି ଗୋଲ୍ଡ ସ୍କ୍ରବ୍ ଏ ସମସ୍ତ ଆବଶ୍ୟକତାକୁ ପୁରା କରିଥାଏ ।






# ମେସିଙ୍କ ହ୍ୟାଟ୍ରିକ୍: ଆର୍ଜେଣ୍ଟିନାର ବିଜୟ ଅଭିଯାନ

କନସାସ୍, ୧୭ ।୬ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଦମ୍‌ଦାର ବିଜୟରୁ ଚଳିତ ଫିଫା ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିଛି। ବୁଧବାର ଭୋର ସମୟରେ ଅନୁଷ୍ଠିତ ଗ୍ରୁପ-ଜେ'ର ଏକ ମ୍ୟାଚରେ ଆର୍ଜେଣ୍ଟିନା ୩-୦ ଗୋଲରେ ଆଲ୍‌ଜେରିଆକୁ ହରାଇଛି। ଏହି ମ୍ୟାଚରେ ଅଧିନାୟକ ତଥା ମହାନ ଖେଳାଳି ଲିଓନେଲ ମେସି ହ୍ୟାଟ୍ରିକ ଗୋଲ୍ ଦେଇ ଆର୍ଜେଣ୍ଟିନାକୁ ପ୍ରଥମ ବିଜୟ ସ୍ୱାଦ ଚଖାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଜୟ ସହ ୨୦୨୨ ଚାମ୍ପିଅନ ଆର୍ଜେଣ୍ଟିନା ୩ ପଏଣ୍ଟ ମଧ୍ୟ ପାଇ ଖାତା ଖୋଲିଛି। ମେସିଙ୍କ ଦଳ ପରବର୍ତ୍ତୀ ମ୍ୟାଚରେ ଜୁନ ୨୨ (ସୋମବାର) ଅଷ୍ଟ୍ରିଆକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ଆମେରିକାର କାନସାସ୍ ସିଟି ଷ୍ଟାଡିୟମରେ ଅନୁଷ୍ଠିତ ଆଲ୍‌ଜେରିଆ ବିପକ୍ଷ ଏହି ମ୍ୟାଚରେ ଆର୍ଜେଣ୍ଟିନା ପ୍ରାରମ୍ଭରୁ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ମ୍ୟାଚର ୧୭ତମ ମିନିଟ୍‌ରେ ଆଲ୍‌ଜେରିଆ ଗୋଲ୍‌ପୋଷ୍ଟର ପେନାଲ୍ଟି ଏରିଆ ବାହାରୁ ମେସି ବାମ ପାଦରେ ଏକ ଜୋର୍‌ଦାର୍ ସଟ୍ ମାରିଥିଲେ। ମେସିଙ୍କ ଏହି ସଟ୍‌ଟି ଆଲ୍‌ଜେରିଆ ଗୋଲ୍‌ରକ୍ଷକ ଲୁକା ଜିଦାନେଙ୍କୁ ଚକ୍‌ମା ଦେଇଥିଲା। ଫଳରେ ଆର୍ଜେଣ୍ଟିନା ପ୍ରଥମ ଗୋଲ୍ ସହ ୧-୦ର ଅଗ୍ରଣୀ ହାସଲ କରିଥିଲା। ଅବଶ୍ୟ ଏଥିପୂର୍ବରୁ ମେସିଙ୍କ ଏକ ଗୋଲ୍‌କୁ ରେଫରୀ ଅଫ୍-ସାଇଟ୍ ସହ ନାକଚ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ୩୮ ବର୍ଷୀୟ ମେସି ଆହୁରି ଚମତ୍କାର ପ୍ରଦର୍ଶନ କରିଥିଲେ। ଏପରିକି ୧୬ ମିନିଟ୍ ବ୍ୟବଧାନରେ ଦୁଇଟି ଗୋଲ୍ ଦେଇ ଏହି କିମ୍ବଦନ୍ତୀ ଖେଳାଳି ଚଳିତ ବିଶ୍ୱକପ୍‌ର ପ୍ରଥମ ଖେଳାଳି ଭାବେ ହ୍ୟାଟ୍ରିକ ପୂରଣ କରିଥିଲେ। ମେସି ୬୦ତମ ମିନିଟ୍‌ରେ ଦ୍ୱିତୀୟ ଓ ୭୬ତମ ମିନିଟ୍‌ରେ ୩ୟ ଗୋଲ୍‌ଟି ଦେଇଥିଲେ। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ୩-୦ର ଏହି ଅଗ୍ରଣୀକୁ ବଜାୟ ରଖି ଆର୍ଜେଣ୍ଟିନା ସହଜ ବିଜୟ ହାସଲ କରିଥିଲା। ସମ୍ପୂର୍ଣ୍ଣ ମ୍ୟାଚରେ ପାସ୍ ଓ ପାସ୍ ଆକ୍ୟୁରେସିରେ ଆର୍ଜେଣ୍ଟିନାଠାରୁ ଆଲ୍‌ଜେରିଆ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଗୋଲ୍‌ସ୍କୋର ଖାତା ଖୋଲିପାରି ନ ଥିଲା।



## ମେସିଙ୍କ ରେକର୍ଡ

### ୧ ସର୍ବାଧିକ ଗୋଲ୍‌ରେ କ୍ଲୋଜଙ୍କ ସମକକ୍ଷ

ଆସନ୍ତା ୨୪ ତାରିଖରେ ୩୯ ବର୍ଷରେ ପାଦ ଥାପିବାକୁ ଯାଉଥିବା ଆର୍ଜେଣ୍ଟିନା କିମ୍ବଦନ୍ତୀ ଖେଳାଳି ଲିଓନେଲ ମେସି ଫିଫା ବିଶ୍ୱକପ୍ ଇତିହାସରେ ସର୍ବାଧିକ ଗୋଲ୍ ଦେବାରେ ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଉଭୟ ମେସି ଓ କ୍ଲୋଜ ଏବେ ୧୬ଟି ଲେଖାଏ ଗୋଲ୍ ଦେଇ ମିଳିତ ଭାବେ ତାଲିକାର ଶୀର୍ଷରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅତିକମ୍‌ରେ ଆହୁରି ଦୁଇଟି ମ୍ୟାଚ୍ ଖେଳିବାକୁ ବାକି ଥିବାରୁ ମେସିଙ୍କ ନିକଟରେ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋର କରିବାର ସୁଯୋଗ ରହିଛି। ୧୫ଟି ଗୋଲ୍ ସହ ବ୍ରାଜିଲର ରୋନାଲ୍ଡୋ ୩ୟ ଓ ଫ୍ରାନ୍ସର କିଲିଆନ ଏମ୍‌ବାପ୍ପେ ୧୪ ଗୋଲ୍ ସହ ତାଲିକାରେ ତଳକୁ ରହିଛନ୍ତି।

### ୨ ବିଶ୍ୱକପ୍‌ରେ ବୟୋଜ୍ୟେଷ୍ଠ ହ୍ୟାଟ୍ରିକ ସ୍କୋରର୍

ଫିଫା ବିଶ୍ୱକପ୍ ଇତିହାସରେ ହ୍ୟାଟ୍ରିକ ଗୋଲ୍‌ସ୍କୋର କରିବାରେ ମେସି ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଆଲ୍‌ଜେରିଆ ବିପକ୍ଷରେ ହ୍ୟାଟ୍ରିକ ବେଳକୁ ମେସିଙ୍କୁ ୩୮ ବର୍ଷ ୩୫୭ ଦିନ ହୋଇଥିଲା। ଏହିକ୍ରମରେ ସେ ପର୍ତ୍ତୁଗାଲ୍ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଟପିଛନ୍ତି। ୨୦୧୮ ବିଶ୍ୱକପ୍‌ରେ ରୋନାଲ୍ଡୋ ୩୩ ବର୍ଷ ୧୨୨ ଦିନରେ ସ୍ପେନ ବିପକ୍ଷରେ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ଅନ୍ତର୍ଜାତୀୟ ଫୁଟବଲରେ ମେସିଙ୍କ ଏହା ୧୭ତମ ହ୍ୟାଟ୍ରିକ ଥିଲା।

### ୩ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକାଧିକ ଗୋଲ୍

ଫିଫା ବିଶ୍ୱକପ୍‌ର ଗୋଟିଏ ମ୍ୟାଚରେ ଏକାଧିକ ଗୋଲ୍ ଦେବାରେ ମେସି ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ଆଲ୍‌ଜେରିଆ ବିପକ୍ଷରେ ହ୍ୟାଟ୍ରିକ ଗୋଲ୍ ଦେବା ସମୟରେ ମେସିଙ୍କୁ ୩୮ ବର୍ଷ ୩୫୭ ଦିନ ହୋଇଥିଲା। ଏହିକ୍ରମରେ ସେ କାମେରନ ଖେଳାଳି ରୋଜର ମିଲ୍ଲାଙ୍କୁ ପଛରେ ପକାଇ ଦେଇଛନ୍ତି।

### ୪ ୨୦୦ ମ୍ୟାଚ୍ ଓ ୧୨୦ ଗୋଲ୍


ଆଲ୍‌ଜେରିଆ ବିପକ୍ଷ ମୁକାବିଲା ସହ ମେସି ଅନ୍ତର୍ଜାତୀୟ ଫୁଟବଲରେ ୨୦୦ତମ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଏଠାରେ ହ୍ୟାଟ୍ରିକ ଗୋଲ୍ ସହ ମେସିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଗୋଲ୍‌ସଂଖ୍ୟା ୧୨୦ରେ ପହଞ୍ଚିଛି। ଅନ୍ତର୍ଜାତୀୟ ପୁରୁଷ ଫୁଟବଲରେ ସର୍ବାଧିକ ଗୋଲ୍ ଦେବାରେ ପର୍ତ୍ତୁଗାଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ (୧୪୩)ଙ୍କ ପଛକୁ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆଲଜେରିଆ ବିପକ୍ଷ ମ୍ୟାଚ୍ ଖେଳି ମେସି ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରର ୬ଷ୍ଠ ବିଶ୍ୱକପ୍ ଖେଳିଛନ୍ତି।

## ଏମ୍‌ବାପ୍ପେ ଫ୍ରାନ୍ସର ସର୍ବକାଳୀନ ସ୍କୋରର୍

ନ୍ୟୁୟର୍କ, ୧୭ ।୬ (ଏଜେନ୍ସି): ଟାଇଟଲ୍ ଦାବିଦାର ତଥା ଦୁଇଥରର ବିଜେତା ଫ୍ରାନ୍ସ ଚଳିତ ଫିଫା ବିଶ୍ୱକପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗତକାଲି ରାତିରେ ନ୍ୟୁୟର୍କସ୍ଥିତ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ'ର ଏକ ମ୍ୟାଚରେ ଫ୍ରାନ୍ସ ୩-୧ ଗୋଲ୍‌ରେ ସେନେଗାଲ୍‌କୁ ହରାଇଦେଇଛି। ଷ୍ଟାର୍ ଖେଳାଳି କିଲିଆନ ଏମବାପ୍ପେ ଡବଲ୍ ଗୋଲ୍ ସ୍କୋର କରି ଫ୍ରାନ୍ସକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ମ୍ୟାଚର ୬୬ତମ ଓ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୬)ରେ ଗୋଲ୍ ଦେଇଥିଲେ। ବ୍ରାଡଲୀ ବାର୍କୋଲା ଫ୍ରାନ୍ସ ପାଇଁ ଅନ୍ୟତମ ଗୋଲ୍‌ଟି ସ୍କୋର କରିଥିଲେ। ସେନେଗାଲ୍ ପାଇଁ ଇବ୍ରାହିମ୍ ବାଏ ଗୋଟିଏ ଗୋଲ୍ ଶୁଝିଥିଲେ। ଏମ୍‌ବାପ୍ପେଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଗୋଲ୍ ସଂଖ୍ୟା ଏଥିସହ ୫୮ରେ ପହଞ୍ଚିଛି। ଫଳରେ ସେ ଫ୍ରାନ୍ସ ପାଇଁ ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର୍ ହୋଇଛନ୍ତି। ଏହିକ୍ରମରେ ସେ ଓଲିଭର ଗିରୋଡ (୫୭ ଗୋଲ୍)ଙ୍କୁ ପଛରେ ପକାଇଛନ୍ତି। ସେହିଭଳି ଫିଫା ବିଶ୍ୱକପ୍‌ରେ ଏମବାପ୍ପେଙ୍କ ଏହା ୧୪ତମ ଗୋଲ୍ ହୋଇଛି।

## ୩୬ ବର୍ଷ ପରେ ଜିତିଲା ଅଷ୍ଟ୍ରିଆ

ସାଣ୍ଟାକ୍ଲାରା, ୧୭ ।୬ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ଗ୍ରୁପ୍-ଜେ'ର ଏକ ମ୍ୟାଚରେ ଅଷ୍ଟ୍ରିଆ ୩-୧ ଗୋଲରେ ଜୋର୍ଡାନକୁ ମାତ୍ ଦେଇଛି। ଅଷ୍ଟ୍ରିଆ ଏଥିସହ ଫିଫା ବିଶ୍ୱକପ୍ ଇତିହାସରେ ୩୬ ବର୍ଷ ପରେ ବିଜୟ ସ୍ୱାଦ ଚାଖିଛି। ଶେଷଥର ଲାଗି ୧୯୯୦ ବିଶ୍ୱକପ୍‌ରେ ଅଷ୍ଟ୍ରିଆ ଏକ ମ୍ୟାଚ୍ ଜିତିଥିଲା। ଏହାପରେ ୧୯୯୮ରେ ୩ଟି ଯାକ ମ୍ୟାଚ୍ ହାରିଥିଲା। ୧୯୯୪, ୨୦୦୨, ୨୦୦୬, ୨୦୧୦, ୨୦୧୪, ୨୦୧୮ ଓ ୨୦୨୨ ସଂସ୍କରଣକୁ ନରୱେ ଯୋଗ୍ୟତା ହାସଲ କରିପାରି ନ ଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୧୮, ଗୁରୁବାର ରାତି |
| ଚେକିଆ-ଦ.ଆଫ୍ରିକା |
| ଆଟଲାଣ୍ଟା, ରାତି ୯.୩୦ |
| ସ୍ୱିଜରଲାଣ୍ଡ-ବୋସନିଆ |
| ଲସ୍ ଏଞ୍ଜେଲ୍ସ, ରାତି ୧୨.୩୦ |
| କାନାଡା-କତାର |
| ଭାଙ୍କୋଭର, ରାତି ୩.୩୦ |
| ଜୁନ୍-୧୯ ଶୁକ୍ରବାର |
| ମେକ୍ସିକୋ-ଦ.କୋରିଆ |
| ଜାପୋପାନ୍, ସକାଳ ୬ଟା୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ନରୱେ-୪; ଇରାକ-୧

ଫକ୍ସବର୍ଗ, ୧୭ ।୬ (ଏଜେନ୍ସି): ଫକ୍ସବର୍ଗ, ୧୭ ।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ବୁଧବାର ଅନୁଷ୍ଠିତ ଗ୍ରୁପ୍-ଆଇ'ର ଅନ୍ୟ ଏକ ମ୍ୟାଚରେ ନରୱେ ୪-୧ ଗୋଲ୍‌ରେ ସହଜରେ ଇରାକକୁ ପରାସ୍ତ କରିଛି। ୨୮ ବର୍ଷ ପରେ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଥିବା ନରୱେ ମ୍ୟାଚ ସାରା ପ୍ରଭାବ ବିସ୍ତାର କରି ଖେଳିଥିଲା। ନରୱେ ପ୍ରଥମାର୍ଦ୍ଧରେ ଦୁଇଟି ଓ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଦୁଇଟି ଗୋଲ୍ ଦେଇଥିଲା। ଷ୍ଟାର ଖେଳାଳି ତଥା ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ୨ଟି ଗୋଲ୍ ଦେଇ ନରୱେ ବିଜୟରେ ନାୟକ ସାଜିଥିଲେ। ସେ ପ୍ରଥମାର୍ଦ୍ଧର ୨୯ତମ ଓ ୪୩ତମ ମିନିଟ୍‌ରେ ଏହି ଦୁଇଟି ଗୋଲ୍ ଦେଇଥିଲେ। ସେହିଭଳି ଦ୍ୱିତୀୟାର୍ଦ୍ଧ ତଥା ୬୬ତମ ମିନିଟ୍‌ରେ ଲିଓ ଓଷ୍ଟିଗାର୍ଡ ନରୱେ ପାଇଁ ୩ୟ ଗୋଲସ୍କୋର କରିଥିଲେ। ଇଞ୍ଜୁରୀ ଟାଇମରେ ଆୟେମେନ ହୁସେନ ଇରାକ ପାଇଁ ଏକ ଆତ୍ମଘାତୀ ଗୋଲ୍ ଦେଇଥିଲେ। ଫିଫା ବିଶ୍ୱକପ୍ ଇତିହାସରେ ହର୍ଲାଣ୍ଡ ପ୍ରଥମ ନରୱେ ଖେଳାଳି ଭାବେ ଗୋଟିଏ ମ୍ୟାଚରେ ଦୁଇଟି ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଥିଲେ।



# କ୍ରିକେଟ୍‌ରେ ପୁଅ-ଝିଅ ସମସ୍ତେ ଜିତିଲେ

**ବୁଧବାର ଭାରତ ପାଇଁ କ୍ରିକେଟ୍‌ରେ ଏକ ସ୍ମରଣୀୟ ଦିନ ରହିଥିଲା। ତିନୋଟି ସ୍ଥାନରେ ଚାଲିଥିବା ଭିନ୍ନ ଭିନ୍ନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ଓ ମହିଳା ଦଳ ବିଜୟୀ ହୋଇଛନ୍ତି। ମହିଳା ଟି-୨୦ ବିଶ୍ୱକପ୍‌ରେ ହରମନପ୍ରୀତ୍ କୌରଙ୍କ ଦଳ ୯୫ ରନରେ ନେଦରଲ୍ୟାଣ୍ଡସକୁ ପରାସ୍ତ କରିଥିଲା। ସେହିଭଳି ଲକ୍ଷ୍ନୌରେ ସିନିଅର ପୁରୁଷ ଦଳ ୧୭୦ ରନର ବିଶାଳ ବ୍ୟବଧାନରେ ଭ୍ରମଣକାରୀ ଆଫଗାନିସ୍ତାନକୁ ପରାସ୍ତ କରିଛି। ଅପରପକ୍ଷରେ ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ତିଲକ ବର୍ମାଙ୍କ ନେତୃତ୍ୱାଧୀନ ଭାରତ-ଏ ୧୦୧ ରନରେ ଆଫଗାନିସ୍ତାନ-ଏ'କୁ ହରାଇ ଫାଇନାଲରେ ପହଞ୍ଚିଛି।**

## ଆଗୁଆ ସିରିଜ ଜିତାଇଲେ କିଶାନ-ଗିଲ୍






ଲକ୍ଷ୍ନୌ , ୧୭।୬ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚକୁ ଘରୋଇ ଭାରତ ୧୭୦ ରନର ବିଶାଳ ବ୍ୟବଧାନରେ ଜିତିନେଇଛି। ୪୦୩ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଆଫଗାନିସ୍ତାନ ୨୩୨ ରନରେ ସମସ୍ତ ୱିକେଟ୍ ହରାଇ ପରାଜୟବରଣ କରିଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ୭ ୱିକେଟରେ ଜିତିଥିବା ଭାରତ ଏଥିସହ ୨-୦ରେ ଆଗୁଆ ସିରିଜ କବଜା କରିନେଇଛି। ଅନ୍ତିମ ତଥା ୩ୟ ଦିନିକିଆ ଶନିବାର ଚେନ୍ନଇରେ ଖେଳାଯିବ। ୪୦୩ ରନର ଲକ୍ଷ୍ୟକୁ ପିଛା କରିଥିବା ଆଫଗାନିସ୍ତାନ ରହମତ ଶାହ ୭୭ ରନର ଲଢୁଆ ପାଳି ଖେଳିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନ ଥିଲେ। ଦଳ ୪୩.୩ ଓଭରରେ ୨୩୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଥମ ମ୍ୟାଚର ଶତକ ହାସଲକାରୀ ରହମନୁଲ୍ଲା ଗୁରବାଜ ୪୧, ସେଦିକୁଲ୍ଲା ଅଟଳ ୪୨, ଇବ୍ରାହିମ ଜର୍ଦାନ ୨୧, ରଶିଦ ଖାନ ୧୨ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ୍ ସିଂହ ଓ ଗୁରନର୍ ବ୍ରାର ୩ଟି ଲେଖାଏ ଏବଂ ପଦାର୍ପଣକାରୀ ପ୍ରିନ୍ସ ଯାଦବଙ୍କୁ ୨ଟି ୱିକେଟ୍ ମିଳିଥିଲା। ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦ୍ୱିତୀୟ ଓଭରରେ ଓପନର୍ ଯଶସ୍ୱୀ ଜୟସ୍ୱାଲ (୪ ରନ)ଙ୍କ ୱିକେଟ ହରାଇଥିଲା। ଅନ୍ୟତମ ଓପନର ରୋହିତ୍ ଶର୍ମା ୪୮ ରନର ଉପଯୋଗୀ ପାଳି ଖେଳି ଆଉଟ୍ ହୋଇଥିଲେ। ତେବେ ତୃତୀୟ ୱିକେଟରେ ଅଧିନାୟକ ଗିଲ୍ ଓ ଇଶାନ କିଶାନ ଦମ୍‌ଦାର ଶତକୀୟ ପାଳି ଖେଳିବାରୁ ଭାରତ ୪୯.୫ ଓଭରରେ ୪୦୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ୯ମ ଶତକ ହାସଲ କରିଥିବା ଗିଲ୍ ୧୧୦ ବଲରୁ ସର୍ବାଧିକ ୧୫୪ ରନ (୨୨ ଚୌକା ଓ ୨ ଛକା) କରିଥିଲେ। ସେହିଭଳି ଦ୍ୱିତୀୟ ଶତକ ମାରିଥିବା ଇଶାନ ୭୯ ବଲରେ ୧୨୫ (୧୪ ଚୌକା ଓ ୭ ଛକା) ରନର ଦ୍ରୁତ ପାଳି ଖେଳିଥିଲେ। ତୃତୀୟ ୱିକେଟରେ ଏହି ଯୋଡ଼ି ୧୧୦ ବଲରୁ ୨୨୪ ରନ ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରେୟସ ଆୟର ୨୬, ୱାଶିଂଟନ ସୁନ୍ଦର ୧୯ ରନ କରିଥିବାବେଳେ ଲୋକେଶ ରାହୁଲ ଖାତା ଖୋଲିପାରି ନ ଥିଲେ।

### ମହିଳା ଟି-୨୦ ବିଶ୍ୱକପ୍

## ଭାରତର କ୍ରମାଗତ ୨ୟ ବିଜୟ



ଲିଡ୍ସ, ୧୭।୬ (ଏଜେନ୍ସି): ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଏଠାରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଏକ ମ୍ୟାଚରେ ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୯୫ ରନରେ ବିଶ୍ୱକପ୍ ପଦାର୍ପଣକାରୀ ନେଦରଲ୍ୟାଣ୍ଡସକୁ ହରାଇଦେଇଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ୬୪ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଥିଲା। ଚାରି ପଏଣ୍ଟ ପାଇ ଭାରତ ଏବେ ଗ୍ରୁପ୍-ଏ'ରେ ଶୀର୍ଷ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଜୁନ ୨୧ରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ବୁଧବାର ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ସ୍ମୃତି ମନ୍ଧାନା (୪୭ ବଲରେ ୭୪ ରନ) ଓ ଶେଫାଳି ବର୍ମା (୩୮ ବଲରେ ୫୫ ରନ)ଙ୍କ ଅର୍ଦ୍ଧଶତକ ବଳରେ ୫ ୱିକେଟ୍ ହରାଇ ୨୦୯ ରନ କରିଥିଲା। ଓପନିଂ ୱିକେଟରେ ଏହି ଯୋଡ଼ି ୭୦ ବଲରୁ ୧୧୪ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସ ୧୯, ରିଚା ଘୋଷ ୨୦, ହରମନପ୍ରୀତ୍ ୧୨ ଓ ଦୀପ୍ତି ଶର୍ମା ଅପରାଜିତ ୧୦ ରନ କରିଥିଲେ। ଜବାବରେ ଭାରତୀୟ ବୋଲିଂକୁ ସାମ୍ନା କରି ନ ପାରି ନେଦରଲ୍ୟାଣ୍ଡସ ୧୭.୩ ଓଭରରେ ୧୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶ୍ରୀଚରଣୀ ୪, ଶେଫାଳି ୩ ଓ ନନ୍ଦିନୀ ଶର୍ମା ୨ଟି ୱିକେଟ୍ ନେଇଥିଲେ।

## ଫାଇନାଲରେ ଭାରତ-ଏ

ଡାମ୍ବୁଲା, ୧୭ ।୬ (ଏଜେନ୍ସି): ଶ୍ରୀଲଙ୍କାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ କ୍ରିକେଟ୍ ସିରିଜର ପ୍ରଥମ ଦଳ ଭାବେ ଭାରତ-ଏ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ଏକ ରାଉଣ୍ଡ-ରବିନ ମ୍ୟାଚରେ ଭାରତ-ଏ ଦଳ ୧୦୧ ରନର ବୃହତ୍ ବ୍ୟବଧାନରେ ଆଫଗାନିସ୍ତାନକୁ ପରାସ୍ତ କରିଥିଲା। ଫଳରେ ଭାରତ ଚତୁର୍ଥ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି। ଶୁକ୍ରବାର ଆୟୋଜକ ଶ୍ରୀଲଙ୍କା-ଏ ଓ ଆଫଗାନିସ୍ତାନ-ଏ ମଧ୍ୟରେ ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପରେ ରବିବାର କେଉଁ ଦଳ ଭାରତ-ଏ ସହ ଫାଇନାଲ ଖେଳିବ ତାହା ସ୍ପଷ୍ଟ ହେବ।

## ସୂର୍ଯ୍ୟବଂଶୀଙ୍କୁ ଜୋରିମାନା

ଡାମ୍ବୁଲା, ୧୭ ।୬ (ଏଜେନ୍ସି):. ତ୍ରି-ରାଷ୍ଟ୍ରୀୟ ସିରିଜ ଖେଳିବା ଲାଗି ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତ-ଏ କ୍ରିକେଟ୍ ଦଳର ଦୁଇ ଖେଳାଳି ଅଧିନାୟକ ତିଲକ ବର୍ମା ଓ ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଆର୍ଥିକ ଜରିମାନା କରାଯାଇଛି। ଶ୍ରୀଲଙ୍କା-ଏ ବିପକ୍ଷ ଗତ ମ୍ୟାଚକୁ ଭାରତ-ଏ ସୁପର୍ ଓଭରରେ ହାରିଯାଇଥିଲା। ଏହି ମ୍ୟାଚ୍ ପରେ ଭାରତୀୟ ଖେଳାଳି ସୂର୍ଯ୍ୟବଂଶୀ ଓ ଅଧିନାୟକ ତିଲକଙ୍କ ସହ ଶ୍ରୀଲଙ୍କା ଦଳର ବିଶେନ ହାଲାମବାଗେ ଓ ୱିକେଟ୍‌କିପର ନିରୋଶାନ ଡିକୱେଲାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ବିଶୃଙ୍ଖଳିତ ଆଚରଣ ଲାଗି ମ୍ୟାଚ ରେଫରୀ ଉଭୟ ସୂର୍ଯ୍ୟବଂଶୀ ଓ ବିଶେନଙ୍କ ମ୍ୟାଚ ପାଉଣାର ୫୦ ପ୍ରତିଶତ ପାଉଣା ଜରିମାନା କରିଛନ୍ତି। ସେହିଭଳି ତିଲକଙ୍କ ୩୦ ପ୍ରତିଶତ ଓ ଡିକୱେଲାଙ୍କ ୨୦ ପ୍ରତିଶତ ପାଉଣା କଟାଯାଇଛି।

### କବାଡ଼ି ଓ ଟଗ୍ ଅଫ୍ ୱାର୍ ଚାମ୍ପିଅନସିପ ଉଦ୍‌ଯାପିତ

## ପଶ୍ଚିମବଙ୍ଗକୁ କବାଡ଼ିରେ ଡବଲ୍ ଟ୍ରଫି



ଭୁବନେଶ୍ୱର, ୧୭ ।୬ (ସମିସ)

ରଜ ପର୍ବ ଉପଲକ୍ଷେ ଭୁବନେଶ୍ୱର ଉପକଣ୍ଠ ମଦନପୁର ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜାତୀୟସ୍ତରର କ୍ରୀଡା ପ୍ରତିଯୋଗିତା କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି। ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାରି ଦିନଧରି ଚାଲିଥିବା ଏହି ପ୍ରତିଯୋଗିତାର କବାଡ଼ି କ୍ରୀଡ଼ାରେ ପଶ୍ଚିମବଙ୍ଗକୁ ଡବଲ୍ ଟ୍ରଫି ମିଳିଛି। କବାଡି ପୁରୁଷରେ ଭୁବନେଶ୍ୱରର ପଟ୍ଟନାୟକ ଏକାଡେମୀକୁ ହରାଇ କୋଲକାତା ପୁଲିସ ଚାମ୍ପିଅନ ହୋଇଛି। ସେହିଭଳି ମହିଳାରେ ପଶ୍ଚିମବଙ୍ଗ ଚାମ୍ପିଅନ ଓ ଛତିଶଗଡ଼ ଦଳ ରନର୍ସଅପ ହୋଇଥିଲା। କବାଡିରେ ମୋଟ ୧୬ଟି ଦଳ ଓଡିଶାରୁ ଜଟଣୀ,ୱାନ ଭଏସ, ଜୟ ଓଡିଶା ଆସ୍କା, ପଟ୍ଟନାୟକ, ଜିଏନଏସଓ, ସମ୍ବଲପୁର, କିଟ, ରେନବୋ, ନୂଆପଡା, କଳିଙ୍ଗ ଷ୍ଟାଡିୟମ ଓ ଆରଏସପି ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ହରିଆନା, ଭୋପାଳ ଓ କୋଲକାତା ପୁଲିସ ଦଳ ରହିଥିଲେ। ପୁରୁଷରେ ଚାମ୍ପିଅନ ଦଳକୁ ୫୦ ହଜାର ଓ ରନର୍ସଅପ ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ମହିଳାରେ ଚାମ୍ପିଅନଙ୍କୁ ୩୦ ହଜାର ଓ ରନର୍ସଅଫ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଦିଆଯାଇଥିଲା। ଉଦଯାପନୀ ଉତ୍ସବରେ ବିଜେଡି ନେତା ମନ୍ମଥ ରାଉତରାୟ, ଚାରିଟେବୁଲ ଟ୍ରଷ୍ଟର ଆବାହକ ତଥା ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ବିଶ୍ୱାନନ୍ଦ ବେହେରା ଓ ସୁରଜିତ ମଙ୍ଗରାଜ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପ୍ରତ୍ୟାଶାଙ୍କୁ କାଂସ୍ୟ

ଭୁବନେଶ୍ୱର, ୧୭ ।୬ (ସମିସ): ଅହମ୍ମଦାବାଦରେ ଚାଲିଥିବା ୭୯ତମ ଜାତୀୟ ସିନିଅର ଆକ୍ୱାଟିକ ଚାମ୍ପିଅନସିପ୍‌ରେ ଉଦୀୟମାନ ସନ୍ତରଣକାରୀ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରତ୍ୟାଶା ମହିଳା ୫୦ ମିଟର ବ୍ୟାକଷ୍ଟ୍ରୋକରେ ଏହି ସଫଳତା ପାଇଛନ୍ତି। ପ୍ରତ୍ୟାଶା ୩୦.୫୯ ସେକେଣ୍ଡ ସମୟ ନେଇ ଏହି ଦୂରତାକୁ ଅତିକ୍ରମ କରିଥିଲେ। କର୍ଣ୍ଣାଟକର ଶୁଭାନା ବାସ୍କର (୨୯.୮୫) ଓ ଉତ୍ତର ପ୍ରଦେଶର ଜିୟା ଯାଦବ (୩୦.୨୭ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାତେଇନେଇଥିଲେ।



ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS